# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୪/୨୦୨୨ | Bhubaneswar, Tuesday, June 14/2022 | ₹ 7.00 | ★★★★★★

୪୮ଶ ଭାଗ ୧୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




# ଆଜି ଦାରୁଦିଅଁଙ୍କ ହାତୀବେଶ



## ମହାପ୍ରଭୁଙ୍କ ସ୍ନାନଯାତ୍ରା

- ୫ ଥାକିଆ ସୁରକ୍ଷା ବ୍ୟବସ୍ଥା ଭିତରେ ପୁରୀ ସହର
- ମରିଚିକୋଟରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ନୋ ଭେହିକିଲ୍ ଜୋନ

**ପୁରୀ ଅଫିସ, ୧୩।୬**

ଦୁଇ ବର୍ଷ ପରେ ଭକ୍ତଙ୍କ ମେଳରେ ହେବ ସ୍ନାନଯାତ୍ରା। ସ୍ନାନବେଦୀରେ ସ୍ନାନ କରି ମଙ୍ଗଳବାର ହାତୀବେଶରେ ଦର୍ଶନ ଦେବେ ଦାରୁଦିଅଁ। ଏଥିପାଇଁ ସଅଳ ନୀତିକାନ୍ତି ନିର୍ଘଣ୍ଟ ହୋଇଛି। ରତ୍ନ ସିଂହାସନରେ ଚାରମାଳ ବନ୍ଧା ସହ ଶ୍ରୀଅଙ୍ଗରେ ସେନାପଟା ଓ ବାହୁଟ କଷ୍ଟ ନୀତି ଦଇତାପତି ସେବାୟତଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ମଙ୍ଗଳବାର ଭୋର ୩ଟା ୩୦ରେ ମଙ୍ଗଳାର୍ପଣ କରାଯାଇ ୪ଟା ସୁଦ୍ଧା ପହଣ୍ଡି ଆରମ୍ଭ ହେବ। ସକାଳ ୬ଟା ସୁଦ୍ଧା ପହଣ୍ଡି ଶେଷ ହେବ। ଏହାପରେ ବିଭିନ୍ନ ରୀତିନୀତି ସମ୍ପନ୍ନ ହୋଇ ପୂର୍ବାହ୍ନ ୯ଟା ୩୦ରେ ଜଳବିଜେ ଓ ପୂଜା, ସ୍ନାନ ଇତ୍ୟାଦି ସମ୍ପାଦନ ହେବ। ମଧ୍ୟାହ୍ନ ୧୨ଟା ୧୫ରୁ ୧୨ଟା ୪୫ ମଧ୍ୟରେ ଛେରାପହଁରା ଏବଂ ଗଜାନନ ବେଶ ମଧ୍ୟାହ୍ନ ୧୨ଟା ୪୫ରୁ ଅପରାହ୍ନ ୨ଟା ୩୦ରେ ସମ୍ପନ୍ନ ହେବ। ସାହାଣମେଳା ଦର୍ଶନ ସନ୍ଧ୍ୟା ୬ରୁ ରାତ୍ର ୯ଟା ୩୦ ପର୍ଯ୍ୟନ୍ତ ଚାଲିବ। ୧୦ଟାରୁ ରାତି ଗୋଟାଏ ମଧ୍ୟରେ ବାହୁଡ଼ା ପହଣ୍ଡି ସରିବା ପରେ ୧ଟା ୩୦ରେ ସୁନାଚିତା ଓ ରାହୁରେଖା ମଇଲମ କରାଯିବ। ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ଶେଷ କରିବା ପାଇଁ ସେବାୟତମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ☞ପୃଷ୍ଠା-୪

# ବସ୍ ଓଲଟି ୬ ଯାତ୍ରୀ ମୃତ, ୩୦ ଆହତ

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବସ୍।

**ମାଲକାନଗିରି/ନବରଙ୍ଗପୁର, ୧୩।୬ (ଡି.ଏନ.ଏ./ବି.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା କେଜିଏନ୍ ନାମକ ଘରୋଇ ଯାତ୍ରୀବାହୀ ବସ୍ ରବିବାର ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ମାଲକାନଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ବୋଡୁଗୁଡମ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ହେଲେ କଳାହାଣ୍ଡି ଜିଲା ଆମ୍ବପାଣି ପଞ୍ଚାୟତ ଅନ୍ତର୍ଗତ କୁନ୍ଦାଗଡ ଗ୍ରାମର ଧନେଶ୍ୱର ଦଳପତି(୨୪), ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କନ୍ହେଇମୁଣ୍ଡା ଗ୍ରାମର ଲକ୍ଷ୍ମଣ ହରିଜନଙ୍କ ପୁଅ ଜିତୁ ହରିଜନ(୫) ଓ ଝିଅ ସୁନେନା ହରିଜନ(୨), ନବରଙ୍ଗପୁର ସଦର ବ୍ଲକ ଅଞ୍ଚଳର ଡୁମର ହରିଜନ(୩୯), ନୂଆପଡା ଜିଲା ଗୋଟି ଗ୍ରାମର ଦାମୁ ରାଇ (୩୨) ଏବଂ ୪ ବର୍ଷିୟା ନାବାଳିକା କୋଟା ମାଈ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

# ରାହୁଲଙ୍କ ନିକଟରେ ଉଦ୍ଧାରକାରୀ ଟିମ୍

## ୮୦ ଘଣ୍ଟାର ସଂଘର୍ଷ

**ରାୟପୁର, ୧୩।୬**



୧୧ ବର୍ଷୀୟ ବାଳକ ରାହୁଲ ସାହୁଙ୍କୁ ଉଦ୍ଧାର ପାଇଁ ରେସ୍କ୍ୟୁ ଟିମ୍ ତାଙ୍କ ନିକଟତର ହୋଇଛି। ପ୍ରାୟ ୮୦ ଘଣ୍ଟାର ଉଦ୍ୟମ ପରେ ସୋମବାର ବିଳମ୍ବିତ ରାତିରେ ତାଙ୍କୁ ବାହାରକୁ ଆଣି ଗ୍ରୀନ୍ କରିଡର କରାଯାଇ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ବିଳାସପୁରସ୍ଥିତ ଆପୋଲୋ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇବାକୁ ସବୁ ପ୍ରସ୍ତୁତି ଶେଷ କରିଛି।

ଛତିଶଗଡ଼ର ଜାଞ୍ଜଗିର-ଚାମ୍ପା ଜିଲା ମାଲଖରୋଡା ବ୍ଲକ୍ ପିହରିଡ ଗ୍ରାମରେ ବୋରୱେଲ ପାଇଁ ପ୍ରାୟ ୮୦ ଫୁଟର ଏକ ଗାତ ଖୋଳାଯାଇଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ରାହୁଲ ଖେଳୁଥିବାବେଳେ ଅସାବଧାନବଶତଃ ସେଥିରେ ପଡ଼ିଯାଇଥିଲେ। ରାହୁଲଙ୍କୁ ଘରଲୋକେ ଖୋଜାଖୋଜି ପରେ ନ ପାଇବାରୁ ଗାତକୁ ଖସିପଡ଼ିଥିବା ଆଶଙ୍କା କରି ସେଠାରେ ତାଙ୍କୁ ଦେଖିଥିଲେ। ସନ୍ଧ୍ୟା ପ୍ରାୟ ୫ଟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ ପୋଲିସ ପ୍ରଶାସନ, ଏନ୍‌ଡିଆରଏଫ୍, ଏସ୍‌ଡିଆର୍‌ଏଫ୍, ସେନା ଯବାନ ନିୟୋଜିତ ହୋଇଥିଲେ। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଗୁଜରାଟର ରେସ୍କ୍ୟୁ ରୋବୋର ସହାୟତା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଔରଙ୍ଗଜେବଙ୍କ ଦୋଷ




## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ରଜ ଶୁଭେଚ୍ଛା

DADLS-23

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

OIPR-15001/13/0063/2223





ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୪/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, June 14/2022 | Page 16 | ₹ 7.00 | ★★★★★★
୪୮ଶ ଭାଗ ୧୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ଆଜି ଦାରୁଦିଅଁଙ୍କ ହାତୀବେଶ



**ମହାପ୍ରଭୁଙ୍କ ସ୍ନାନଯାତ୍ରା**

- ୫ ଥାକିଆ ସୁରକ୍ଷା ବ୍ୟବସ୍ଥା ଭିତରେ ପୁରୀ ସହର
- ମରିଚିକୋଟରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ନୋ ଭେହିକିଲ୍ ଜୋନ

**ପୁରୀ ଅଫିସ, ୧୩ା୬**

ଦୁଇ ବର୍ଷ ପରେ ଭକ୍ତଙ୍କ ମେଳରେ ହେବ ସ୍ନାନଯାତ୍ରା। ସ୍ନାନବେଦୀରେ ସ୍ନାନ କରି ମଙ୍ଗଳବାର ହାତୀବେଶରେ ଦର୍ଶନ ଦେବେ ଦାରୁଦିଅଁ। ଏଥିପାଇଁ ସଅଳ ନୀତିକାନ୍ତି ନିର୍ଘଣ୍ଟ ହୋଇଛି। ରତ୍ନ ସିଂହାସନରେ ଚାରମାଳ ବନ୍ଧା ସହ ଶ୍ରୀଅଙ୍ଗରେ ସେନାପଟା ଓ ବାହୁଟ କଣ୍ଠ ନୀତି ଦଇତାପତି ସେବାୟତଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ମଙ୍ଗଳବାର ଭୋର ୩ଟା ୩୦ରେ ମଙ୍ଗଳାର୍ପଣ କରାଯାଇ ୪ଟା ସୁଦ୍ଧା ପହଣ୍ଡି ଆରମ୍ଭ ହେବ। ସକାଳ ୬ଟା ସୁଦ୍ଧା ପହଣ୍ଡି ଶେଷ ହେବ। ଏହାପରେ ବିଭିନ୍ନ ରୀତିନୀତି ସମ୍ପନ୍ନ ହୋଇ ପୂର୍ବାହ୍ନ ୯ଟା ୩୦ରେ ଜଳବିଜେ ଓ ପୂଜା, ସ୍ନାନ ଇତ୍ୟାଦି ସମ୍ପାଦନ ହେବ। ମଧ୍ୟାହ୍ନ ୧୨ଟା ୧୫ରୁ ୧୨ଟା ୪୫ ମଧ୍ୟରେ ଛେରାପହଁରା ଏବଂ ଗଜାନନ ବେଶ ମଧ୍ୟାହ୍ନ ୧୨ଟା ୪୫ରୁ ଅପରାହ୍ନ ୨ଟା ୩୦ରେ ସମ୍ପନ୍ନ ହେବ। ସାହାଣମେଳା ଦର୍ଶନ ସନ୍ଧ୍ୟା ୬ରୁ ରାତ୍ର ୯ଟା ୩୦ ପର୍ଯ୍ୟନ୍ତ ଚାଲିବ। ୧୦ଟାରୁ ରାତି ଗୋଟାଏ ମଧ୍ୟରେ ବାହୁଡ଼ା ପହଣ୍ଡି ସରିବା ପରେ ୧ଟା ୩୦ରେ ସୁନାଚିତା ଓ ରାହୁରେଖା ମଇଲମ କରାଯିବ। ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ଶେଷ କରିବା ପାଇଁ ସେବାୟତମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ☞ପୃଷ୍ଠା-୪

# ବସ୍ ଓଲଟି ୬ ଯାତ୍ରୀ ମୃତ, ୩୦ ଆହତ

**ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**



ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବସ୍।

**ମାଲକାନଗିରି/ନବରଙ୍ଗପୁର, ୧୩ା୬ (ଡି.ଏନ.ଏ./ବି.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା କେଜିଏନ୍ ନାମକ ଘରୋଇ ଯାତ୍ରୀବାହୀ ବସ୍ ରବିବାର ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ମାଲକାନଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ବୋଡୁଗୁଡମ୍ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ହେଲେ କଳାହାଣ୍ଡି ଜିଲା ଆମ୍ବପାଣି ପଞ୍ଚାୟତ ଅନ୍ତର୍ଗତ କୁନ୍ଦାଗଡ ଗ୍ରାମର ଧନେଶ୍ୱର ଦଳପତି(୨୪), ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କନ୍ହେଇମୁଣ୍ଡା ଗ୍ରାମର ଲକ୍ଷ୍ମଣ ହରିଜନଙ୍କ ପୁଅ ଜିତୁ ହରିଜନ(୫) ଓ ଝିଅ ସୁନେନା ହରିଜନ(୨), ନବରଙ୍ଗପୁର ସଦର ବ୍ଲକ ଅଞ୍ଚଳର ଡୁମର ହରିଜନ(୩୯), ନୂଆପଡା ଜିଲା ଗୋଟି ଗ୍ରାମର ଦାମୁ ରାଇ (୩୨) ଏବଂ ୪ ବର୍ଷିୟା ନାବାଳିକା କୋଟା ମାଈ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଔରଙ୍ଗଜେବଙ୍କ ଦୋଷ**

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ରଜ ଶୁଭେଚ୍ଛା



DADLS-23

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR-15001/13/0063/2223

# ରାହୁଲଙ୍କ ନିକଟରେ ଉଦ୍ଧାରକାରୀ ଟିମ୍

**୮୦ ଘଣ୍ଟାର ସଂଘର୍ଷ**



**ରାୟପୁର, ୧୩ା୬**

୧୧ ବର୍ଷୀୟ ବାଳକ ରାହୁଲ ସାହୁଙ୍କୁ ଉଦ୍ଧାର ପାଇଁ ରେସ୍କ୍ୟୁ ଟିମ୍ ତାଙ୍କ ନିକଟତର ହୋଇଛି। ପ୍ରାୟ ୮୦ ଘଣ୍ଟାର ଉଦ୍ୟମ ପରେ ସୋମବାର ବିଳମ୍ବିତ ରାତିରେ ତାଙ୍କୁ ବାହାରକୁ ଆଣି ଗ୍ରୀନ୍ କରିଡର କରାଯାଇ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ବିଳାସପୁରସ୍ଥିତ ଆପୋଲୋ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇବାକୁ ସବୁ ପ୍ରସ୍ତୁତି ଶେଷ କରିଛି।

ଛତିଶଗଡ଼ର ଜାଞ୍ଜଗିର-ଚାମ୍ପା ଜିଲା ମାଲଖରୋଡା ବ୍ଲକ୍ ପିହରିଡ ଗ୍ରାମରେ ବୋରୱେଲ ପାଇଁ ପ୍ରାୟ ୮୦ ଫୁଟର ଏକ ଗାତ ଖୋଳାଯାଇଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ରାହୁଲ ଖେଳୁଥିବାବେଳେ ଅସାବଧାନବଶତଃ ସେଥିରେ ପଡ଼ିଯାଇଥିଲେ। ରାହୁଲଙ୍କୁ ଘରଲୋକେ ଖୋଜାଖୋଜି ପରେ ନ ପାଇବାରୁ ଗାତକୁ ଖସିପଡ଼ିଥିବା ଆଶଙ୍କା କରି ସେଠାରେ ତାଙ୍କୁ ଦେଖିଥିଲେ। ସନ୍ଧ୍ୟା ପ୍ରାୟ ୫ଟାରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସ୍ଥାନୀୟ ପୋଲିସ ପ୍ରଶାସନ, ଏନ୍‌ଡିଆରଏଫ୍, ଏସ୍‌ଡିଆର୍‌ଏଫ୍, ସେନା ଯବାନ ନିୟୋଜିତ ହୋଇଥିଲେ। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଗୁଜରାଟର ରେସ୍କ୍ୟୁ ରୋବୋର ସହାୟତା ☞ପୃଷ୍ଠା-୪



## ବିଜେଡି ଉପସଭାପତି ପଦ ଛାଡ଼ିଲେ ଆରୁଖ

ଭୁବନେଶ୍ୱର,(ବ୍ୟୁରୋ): ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖ ବିଜେଡି ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ଗତ ୧୧ ତାରିଖରେ ବିଜେଡି ସଭାପତିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ବିଧାୟକ ଆରୁଖ ସୋମବାର ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାପୂର୍ବରୁ ସେ ବିଜେଡି ଉପସଭାପତି ପଦ ସମେତ ଓଡ଼ିଶା ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି।

# ବିକ୍ରମ ଆରୁଖ ନୂଆ ବାଚସ୍ପତି

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଓଡ଼ିଶା ବିଧାନସଭାର ନୂଆ ବାଚସ୍ପତି ଭାବେ ବିକ୍ରମ କେଶରୀ ଆରୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ବାଚନିକ ଭୋଟ ପରେ ଆରୁଖଙ୍କୁ ଉପବାଚସ୍ପତି ରଜନୀକାନ୍ତ ସିଂ ବାଚସ୍ପତି ଭାବେ ଘୋଷଣା କରିଛନ୍ତି ।

ବାଚସ୍ପତି ନିର୍ବାଚନ ପାଇଁ ସୋମବାର ପୂର୍ବାହ୍ନରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିଥିଲା । ଆରୁଖଙ୍କୁ ବାଚସ୍ପତି କରିବା ପାଇଁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ପ୍ରସ୍ତାବ ଆଗତ କରିଥିଲେ। ଉପବାଚସ୍ପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟମନ୍ତ୍ରୀ ପ୍ରସ୍ତାବିତ ବାଚସ୍ପତି ଆରୁଖଙ୍କ ସମ୍ପର୍କରେ ବିବୃତି ରଖିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଏହା ପରେ ବାଚନିକ ଭୋଟରେ ଆରୁଖ ନିର୍ବାଚିତ ହେଲେ ବୋଲି ଉପବାଚସ୍ପତି ସିଂ ଗୃହକୁ ଅବଗତ କରାଇଥିଲେ।

ପରମ୍ପରା ଅନୁଯାୟୀ, ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ଆରୁଖଙ୍କୁ ମୁଖ୍ୟମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ, ସରକାରୀ ମୁଖ୍ୟ ସଚେତକ, ଉପ ମୁଖ୍ୟ ସଚେତକ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରମୁଖ ବାଚସ୍ପତିଙ୍କୁ ପୋଡିୟମ ନିକଟକୁ ପାଛୋଟି ନେଇଥିଲେ। ନବନିର୍ବାଚିତ ବାଚସ୍ପତିଙ୍କୁ ସ୍ୱାଗତ କରିବା ସହ ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ବେଳେ ବାଚସ୍ପତିଙ୍କୁ ସହଯୋଗ କରିବା ପାଇଁ ଗୃହର ନେତା ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ନବନିର୍ବାଚିତ ବାଚସ୍ପତିଙ୍କୁ ନିଜ ଦଳ ତରଫରୁ ସ୍ୱାଗତ କରି କହିଥିଲେ ଯେ, ବାଚସ୍ପତି ନିଜ ଦାୟିତ୍ୱ ସମ୍ପନ୍ନ କରିବା ବେଳେ ଗୃହର ସମସ୍ତ ସଦସ୍ୟଙ୍କୁ ସମାନ ଭାବେ ଗୃହରେ ନିଜର ବକ୍ତବ୍ୟ ରଖିବାର ସୁଯୋଗ ଦେବେ ବୋଲି ଦଳ ଆଶା କରୁଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନବନିର୍ବାଚିତ ବାଚସ୍ପତିଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ, ଏକ ପ୍ରଥା ରହିଛି। ଯଦି କୌଣସି ସଦସ୍ୟ ବାଚସ୍ପତି ଭାବେ ନିର୍ବାଚିତ ହୁଅନ୍ତି ତେବେ ସେ ଦଳରୁ ଇସ୍ତଫା ଦେଇଥାଆନ୍ତି। ହେଲେ ଏବେ ଏହାକୁ କୌଣସି ଦଳ ଅନୁସରଣ କରୁନାହାନ୍ତି। ନବନିର୍ବାଚିତ ବାଚସ୍ପତି ଜଣେ ପୁରୁଖା ସଦସ୍ୟ। ସେ ସଂସଦୀୟ ବ୍ୟାପାର ମନ୍ତ୍ରୀ ସହିତ ଅନେକ ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି। ବାଚସ୍ପତି ଭାବେ ଗୃହରେ ଦଳଗତ ନିର୍ବିଶେଷରେ ସମସ୍ତ ସଦସ୍ୟଙ୍କ କଥା ଶୁଣିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି। ବାଚସ୍ପତିଙ୍କ ନାମ ଘୋଷଣା ପୂର୍ବରୁ ଶାସକ ଦଳ ବିରୋଧୀ ଦଳଙ୍କ ସହ ଆଲୋଚନା କରିପାରିଥାଆନ୍ତା। ଏହାସତ୍ତ୍ୱେ ଗୃହର ନେତାଙ୍କୁ ସମର୍ଥନ ଜଣାଇ ବିରୋଧୀ ଦଳ କୌଣସି ପ୍ରାର୍ଥୀ ଦେଇନାହାନ୍ତି। ଯଦି ଏହା ପୂର୍ବରୁ ବିରୋଧୀଙ୍କୁ ବିଶ୍ୱାସକୁ ନିଆଯାଇଥାଆନ୍ତ ତେବେ ଏହା ଏକ ସୁସ୍ଥ ଗଣତନ୍ତ୍ରର ବାତାବରଣ ସୃଷ୍ଟି କରିଥାଆନ୍ତା। ନବନିର୍ବାଚିତ ବାଚସ୍ପତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ପବିତ୍ର ଗୃହର ଗରିମା ଅକ୍ଷୁଣ୍ଣ ରଖିବା ସହ ସାମ୍ବିଧାନିକ ପଦ, ମର୍ଯ୍ୟାଦା ପ୍ରତି ସମ୍ମାନ ରଖି ତାଙ୍କ ଉତ୍ତମ ଗୃହ ପରିଚାଳନା ଗଣତନ୍ତ୍ରକୁ ଆହୁରି ମଜଭୁତ କରିବ।

ଏଠାରେ ଉଲ୍ଲେଖଯୋଗ୍ୟ, ଶୁକ୍ରବାର ବିଧାୟକ ବିକ୍ରମ କେଶରୀ ଆରୁଖ ବିଧାନସଭା ସଚିବଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିଛିଦିନ ପୂର୍ବରୁ ସୂର୍ଯ୍ୟନାରାୟଣ ପାତ୍ର ଅସୁସ୍ଥ ହେବା ପରେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ବାଚସ୍ପତି ଆସନ ଖାଲି ପଡ଼ିଥିଲା। ପ୍ରକାଶ ଯେ, ବିକ୍ରମ କେଶରୀ ଆରୁଖ ଭଞ୍ଜନଗରରୁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେ ସରକାରୀ ଦଳ ମୁଖ୍ୟ ସଚେତକ ସହ ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ନିକଟରେ ସେ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ।



ନୂତନ ବାଚସ୍ପତି ଭାବେ ସୋମବାର ବିକ୍ରମ କେଶରୀ ଆରୁଖ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଓ ଅନ୍ୟମାନେ ତାଙ୍କୁ ସ୍ୱାଗତ କରୁଛନ୍ତି।

## ଶପଥ ନେଲେ ବ୍ରଜରାଜନଗର ବିଧାୟିକା ଅଳକା



ବିଧାୟିକା ଭାବେ ବ୍ରଜରାଜନଗରରୁ ନିର୍ବାଚିତ ହୋଇଥିବା ଅଳକା ମହାନ୍ତି ବିଧାନସଭାରେ ଶପଥ ନେଉଛନ୍ତି।

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ସୋମବାର ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି। ଅଳକାଙ୍କୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲଙ୍କ ଠାରୁ ୬୬ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଅଳକା ଶପଥ ନେବାପରେ ବିଧାନସଭାରେ ବିଜେଡି ବିଧାୟକଙ୍କ ସଂଖ୍ୟା ୧୧୪କୁ ବୃଦ୍ଧି ପାଇଛି। ବ୍ରଜରାଜନଗର ଆସନରୁ କିଶୋର ମାହାନ୍ତି ବିଜେଡିରୁ ବିଧାୟକ ହୋଇଥିଲେ। ହେଲେ ତାଙ୍କ ଦେହାନ୍ତ ପରେ ବିଜେଡି ତାଙ୍କ ସ୍ତ୍ରୀ ଅଳକା ମହାନ୍ତିଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରିଥିବା ବେଳେ ସେ ବିଜୟୀ ହେଲେ। ଭାଜପା ଏହି ଉପନିର୍ବାଚନରେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ପ୍ରାର୍ଥୀ କରିଥିଲା। ତେବେ ବିକ୍ରମ କେଶରୀ ଆରୁଖ ବାଚସ୍ପତି ଭାବେ ଦାୟିତ୍ୱ ନେବାପରେ ପ୍ରଥମେ ଅକଳାଙ୍କୁ ଶପଥ ପାଠ କରାଇଛନ୍ତି।

## ରାହୁଲଙ୍କୁ ଇଡି ଜେରା

# ଆନ୍ଦୋଳନକୁ ଓହ୍ଲାଇଲା ରାଜ୍ୟ କଂଗ୍ରେସ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଏଆଇସିସି (ଅଖିଳ ଭାରତ କଂଗ୍ରେସ କମିଟି)ର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ବିରୋଧରେ ନ୍ୟାଶନାଲ ହେରାଲ୍ଡ ଖବରକାଗଜକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଯେଉଁ ମନିଲଣ୍ଡରିଂ ମାମଲା କରିଛି ତାହା ସମ୍ପୂର୍ଣ୍ଣ ଭାବେ ଅମୂଳକ। ଏଥିରେ ତିଳେମାତ୍ର ସତ୍ୟତା ନାହିଁ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିଜର ହୀନ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଇଡିକୁ ଯେଉଁଭଳି ବ୍ୟବହାର କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଘୃଣ୍ୟ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ସୋମବାର ରାହୁଲଙ୍କୁ ଇଡିର ଡାକରା ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଭୁବନେଶ୍ୱର ଇଡି କାର୍ଯ୍ୟାଳୟ ସମ୍ମୁଖରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିବାଦ ଶୋଭାଯାତ୍ରା, ସଭା ଓ ଘେରାଉ କରାଯାଇଛି। କଂଗ୍ରେସ କର୍ମୀ ଓ ନେତାମାନେ ପଦଯାତ୍ରାରେ ଆସି ଇଡି କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ପହଞ୍ଚିଥିଲେ। ଏହାପରେ ସେଠାରେ ସେମାନେ ଧାରଣାରେ ବସିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ତେବେ ରାହୁଲଙ୍କୁ ଜେରା ପରେ ଛାଡିବାର ଖବର ଶୁଣିବା ପରେ କଂଗ୍ରେସ ନେତା ଓ କର୍ମୀମାନେ ଧାରଣା ସ୍ଥଳରୁ ଉଠିଥିଲେ।



ଭୁବନେଶ୍ୱର ଇଡି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ।

ଏହି କାର୍ଯ୍ୟକ୍ରମକୁ ଏଆଇସିସି ସଭ୍ୟ ଶୁଭେନ୍ଦୁ ମହାନ୍ତି ପରିଚାଳନା କରିଛନ୍ତି। ଏହି ଅବସରରେ ପିସିସି ସଭାପତି କହିଛନ୍ତି, ଭାରତବର୍ଷକୁ ଶକ୍ତିଶାଳୀ କରିବା ପାଇଁ ଗାନ୍ଧୀ ପରିବାର ସବୁକିଛି ବଳିଦାନ ଓ ତ୍ୟାଗ କରିଛନ୍ତି। ତେଣୁ ଯେଉଁ ଘଟଣାରେ ମନିଲଣ୍ଡରିଂ ହୋଇନି ସେଭଳି ଏକ ମିଛ ମାମଲା ଇଡି କିପରି, କାହିଁକି ଓ କାହା ଉଦ୍ଦେଶ୍ୟ ସାଧନ କରିବା ପାଇଁ କଲା ବୋଲି ଶରତ ପ୍ରଶ୍ନ କରିଛନ୍ତି।

## କଂଗ୍ରେସର ବିକ୍ଷୋଭ ଲଜ୍ଜାଜନକ: ଭାଜପା

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

୧୯୩୦ରେ ଖବରକାଗଜ ପ୍ରକାଶନ ପାଇଁ ଏଜେଏଲ୍ କମ୍ପାନୀ ପ୍ରତିଷ୍ଠା ହୋଇଥିଲା ନା ନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଏହିଭଳି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏକାଧିକ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ୫ ହଜାରରୁ ଊର୍ଦ୍ଧ୍ୱ ସ୍ୱାଧୀନତା ସଂଗ୍ରାମୀଙ୍କ ଆର୍ଥିକ ସହାୟତାରେ ଏଜେଏଲ୍ କମ୍ପାନୀ ପ୍ରତିଷ୍ଠା ହୋଇଛି ନା ନାହିଁ। ଗାନ୍ଧୀ ପରିବାର ଅଧୀନରେ ଥିବା ୟଙ୍ଗ ଇଣ୍ଡିଆ କମ୍ପାନୀ ଜରିଆରେ ରିୟଲ ଇଷ୍ଟେଟ୍ ବ୍ୟାପାର କରାଯାଉ ନାହିଁ କି। ୨୦୧୦ରେ ମାତ୍ର ୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ପ୍ରତିଷ୍ଠା ହୋଇଥିବା ୟଙ୍ଗ୍ ଇଣ୍ଡିଆ କମ୍ପାନୀରେ ୭୬ ପ୍ରତିଶତ ଅଂଶଧନ ଗାନ୍ଧୀ ପରିବାରର ନା ନୁହେଁ। ୟଙ୍ଗ୍ ଇଣ୍ଡିଆ କମ୍ପାନୀ ଜରିଆରେ ସ୍ୱାଧୀନତା ସଂଗ୍ରାମୀଙ୍କ ସହଯୋଗରେ ପ୍ରତିଷ୍ଠିତ ଏଜେଏଲ୍‌ର ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ନିର୍ଦ୍ଦିଷ୍ଟ ଗୋଟିଏ ପରିବାରକୁ ପ୍ରଦାନ କରାଯାଇଛି। ଏ ସମସ୍ତ ପ୍ରଶ୍ନର ଉତ୍ତର ନ ଦେଇ ନ୍ୟାଶନାଲ ହେରାଲ୍ଡ ମାମଲାରେ ଜାମିନରେ ଥିବା ରାହୁଲ ଗାନ୍ଧୀ ତଦନ୍ତକାରୀ ସଂସ୍ଥା ଉପରେ ରାଜନୈତିକ ଚାପ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ଦିଲ୍ଲୀରେ ନେତାଙ୍କୁ ଏକାଠି କରିବା ଏବଂ ତଦନ୍ତକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ଲଜ୍ଜାଜନକ ବୋଲି ଗୋଲକ କହିଛନ୍ତି।



# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୪/୨୦୨୨ Bhubaneswar, Tuesday, June 14/2022


**ପହିଲି ରଜ**




# ଏଥର ହେବ କଟକ ବାଲିଯାତ୍ରା

- ଡିଆର୍‌ଡିଏ ପିଡି ରହିବେ ନୋଡାଲ ଅଫିସର
- ବଢ଼ିବ ଷ୍ଟଲ୍ ସଂଖ୍ୟା
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ପ୍ରାଧାନ୍ୟ

କଟକ ଅଫିସ,୧୩।୬

ଚଳିତବର୍ଷ କଟକରେ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବ। କରୋନା ମହାମାରୀ ପାଇଁ ୨୦୨୦ରେ ବାଲିଯାତ୍ରା ବାତିଲ୍ କରାଯାଇଥିଲା। ୨୦୨୧ରେ ମଧ୍ୟ କରୋନା ଯୋଗୁ ଜିଲା ପ୍ରଶାସନ ବାଲିଯାତ୍ରା ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲା। ଏବେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ବାଲିଯାତ୍ରା ହେବ ବୋଲି ସୋମବାର କଟକ ବାରବାଟୀ ପ୍ୟାଲେସ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାଲିଯାତ୍ରା ପାଇଁ ଏବେଠାରୁ ଆମକୁ ପ୍ରସ୍ତୁତ ହେବାକୁ ପଡିବ। ଏଥର ମିଶନ ଶକ୍ତି ମହିଳାମାନଙ୍କୁ ଏଥିରେ ପ୍ରାଧାନ୍ୟ ଦିଆଯିବ। ଚଳିତଥର ବାଲିଯାତ୍ରାର ପରିସୀମା ବୃଦ୍ଧି ସହ ଷ୍ଟଲ୍ ସଂଖ୍ୟା ବଢାଇବା ପାଇଁ ଯୋଜନା ରହିଛି। ବାଲିଯାତ୍ରା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ଡିଆର୍‌ଡିଏ ପିଡି) ଅମ୍ବର କୁମାର କରଙ୍କୁ ନୋଡାଲ ଅଫିସର କରାଯିବ। ତାଙ୍କ ଅଧୀନରେ ରହି କାର୍ଯ୍ୟ କରିବା ପାଇଁ ୭ ଜଣିଆ କମିଟି ଗଠନ କରାଯିବ। ଏହି କମିଟିରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଡେପୁଟି କଲେକ୍ଟର ଅନିତା ପାତ୍ର, ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଜୟ ମହାନ୍ତି, କଟକ ସଦର ସବ୍ କଲେକ୍ଟର ପ୍ରତାପ ଚନ୍ଦ୍ର ବେଉରା ଓ ସଦର ତହସିଲଦାର ☞ପୃଷ୍ଠା–୪

# ପାଳନ ହେଉନି ସର୍କୁଲାର

## ୧୨ ବର୍ଷରେ ମଲେଣି ୯୪୭ ହାତୀ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଆଠଗଡ଼ ବନଖଣ୍ଡର ବଡ଼ମ୍ବା ରେଞ୍ଜରେ ମାଟି ତଳୁ ଦୁଇଟି ହାତୀ କଙ୍କାଳ ଜବତ ହୋଇଥିଲା। ଏହି ଦୁଇଟି ହାତୀ କଙ୍କାଳକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗତ ୨ ଓ ୩ ତାରିଖରେ ଜେସିବି ଦ୍ୱାରା ଖୋଳି ବାହାର କରିଥିଲା। ଏହି ଘଟଣାରେ ବଡ଼ମ୍ବା ରେଞ୍ଜର, ଦୁଇଜଣ ଫରେଷ୍ଟର ଓ ଦୁଇଜଣ ଫରେଷ୍ଟଗାର୍ଡଙ୍କୁ ନିଲମ୍ବନ କରାଯାଇଥିଲା। ଆଉ ଜଣେ ଫରେଷ୍ଟର ଗିରଫ ଭୟରେ ଡିଏଫ୍‌ଓଙ୍କ ଅଫିସ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ତେବେ ସେ ଫେରାର ହୋଇଯାଇଥିଲେ ନା ତାଙ୍କୁ ଜାଣିଶୁଣି ଫେରାର କରାଇଦିଆଗଲା ତାହା ସନ୍ଦେହ ଘେରରେ ରହିଛି। ଆଠଗଡ଼ ବନଖଣ୍ଡ ଅଧୀନରେ ୫ଟି ରେଞ୍ଜ ରହିଛି। ସେଗୁଡ଼ିକ ହେଲା ଆଠଗଡ଼, ବଡ଼ମ୍ବା, ଖୁଣ୍ଟୁଣୀ, ନରସିଂହପୁର ପୂର୍ବ ଓ ପଶ୍ଚିମ। ଏଥିମଧ୍ୟରୁ ୪ଟି ବନାଞ୍ଚଳର ରେଞ୍ଜ ଅଧିକାରୀ ଏବେ ନିଲମ୍ବନରେ ଅଛନ୍ତି। ଏସବୁ ଘଟଣାକୁ ଦେଖିଲେ ଆଠଗଡ଼ ବନଖଣ୍ଡ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ସ୍ଥାନ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ସବୁଠାରୁ ବଡ଼ କଥା ହେଲା, ଏତେ ସବୁ ପରେ ବି ୨୦୧୨ ସର୍କୁଲାରକୁ ବନବିଭାଗ ପାଳନ କରୁନାହିଁ। କାରଣ ଆଠଗଡ଼ ଡିଏଫ୍‌ଓଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି।

ସୋମବାର ଓଡ଼ିଶା ବନ୍ୟପ୍ରାଣୀ ସମିତି ଓ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର ତରଫରୁ ଆୟୋଜିତ ମିଳିତ ଖବରଦାତା ସମ୍ମିଳନୀରେ ବିଶ୍ୱଜିତ ରାଜ୍ୟରେ ହାତୀ ଶିକାର ରୋକିବାରେ ବନ ବିଭାଗର ବିଫଳତାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଗତ ୧୨ବର୍ଷ ଭିତରେ ଓଡ଼ିଶାରେ ୯୪୭ଟି ହାତୀଙ୍କର ମୃତ୍ୟୁ ଘଟିଛି। ହାତୀ ମୃତ୍ୟୁ ଲୁଚାଇବା ପାଇଁ ବନ କର୍ମଚାରୀ ବିଭିନ୍ନ ଉପାୟ କରୁଛନ୍ତି। ହାତୀ ମୃତ୍ୟୁ ଘଟଣା ପାଇଁ ଡିଏଫ୍‌ଓ ଦାୟୀ ରହିବେ ବୋଲି ୨୦୧୨ରେ ରାଜ୍ୟ ବନ ବିଭାଗ ସର୍କୁଲାର ଜାରି କରିଥିଲା। କିନ୍ତୁ ଏହି ସର୍କୁଲାରକୁ ଅଦ୍ୟାବଧି ପାଳନ କରାଯାଇ ନାହିଁ। ସବୁଠି ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ବଡ଼ ଅଧିକାରୀଙ୍କୁ ଛାଡ଼ି ଦିଆଯାଉଛି ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି।



### ତଦନ୍ତ ପରିସରଭୁକ୍ତ ହେବେ ଆଠଗଡ଼ ଡିଏଫ୍‌ଓ: ପିସିସିଏଫ୍

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଆଠଗଡ଼ ବନଖଣ୍ଡର ବଡ଼ମ୍ବା ରେଞ୍ଜରେ ମାଟି ତଳୁ ଦୁଇଟି ହାତୀ କଙ୍କାଳ ଜବତ ଘଟଣାରେ ଆଠଗଡ଼ ଡିଏଫ୍‌ଓଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ କହିଛନ୍ତି। ପଲ୍ କହିଛନ୍ତି ଯେ, ଗୋଟିଏ ରେଞ୍ଜରେ ଯେତେବେଳେ କର୍ମଚାରୀମାନେ ମିଳିମିଶି ହାତୀ ମୃତ୍ୟୁକୁ ଚାପିଦେଲେ, ସେ ଜାଗାରେ ଡିଏଫ୍‌ଓ ମଧ୍ୟ ସନ୍ଦେହ ଘେରକୁ ଆସିବା ସ୍ୱାଭାବିକ। ତେଣୁ ଆଠଗଡ଼ ଡିଏଫଓଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। କେବଳ ସେତିକି ନୁହେଁ, ଆମର ତଦନ୍ତ ସରିଲେ ନିଲମ୍ବିତ କର୍ମଚାରୀଙ୍କ ବିରୋଧରେ ଆହୁରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକ ପଡ଼ିଲେ ଚାକିରିରୁ ବହିଷ୍କାର ମଧ୍ୟ କରାଯାଇପାରେ ବୋଲି ପିସିସିଏଫ୍ ପ୍ରକାଶ କରିଛନ୍ତି।

**ଆବଶ୍ୟକ ପଡ଼ିଲେ ନିଲମ୍ବିତ ଅଧିକାରୀ ବହିଷ୍କୃତ ହୋଇପାରନ୍ତି**

# 'ଅନ୍‌ଲାଇନ ବେଟିଂ ବିଜ୍ଞାପନରୁ ଦୂରେଇ ରୁହ'

- ପ୍ରିଣ୍ଟ, ଡିଜିଟାଲ, ଇଲେକ୍ଟ୍ରୋନିକ ମିଡିଆକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୩।୬(ପି.ଟି.)

ବେଟିଂ ଓ ଜୁଆ ଦେଶର ଅଧିକାଂଶ ଅଞ୍ଚଳରେ ବେଆଇନ ହୋଇଥିବାବେଳେ ଏହା ଗ୍ରାହକଙ୍କର ଗୁରୁତର ସାମାଜିକ ଓ ଆର୍ଥିକ କ୍ଷତି ଘଟାଇଥାଏ। ବିଶେଷ କରି ଯୁବପିଢ଼ି ଓ ପିଲାମାନେ ଏଭଳି ଅନ୍‌ଲାଇନ ଗେମ୍ ବିଜ୍ଞାପନ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ତେଣୁ ଅନ୍‌ଲାଇନ ବେଟିଂ ପ୍ଲାଟଫର୍ମଗୁଡ଼ିକର ବିଜ୍ଞାପନରୁ ଦୂରେଇ ରହିବା ଲାଗି ସୂଚନା ପ୍ରସାରଣ ମନ୍ତ୍ରଣାଳୟ ସୋମବାର ସମସ୍ତ ଛାପା, ଇଲେକ୍ଟ୍ରୋନିକ ଓ ଡିଜିଟାଲ ଗଣମାଧ୍ୟମକୁ ପରାମର୍ଶ ଦେଇଛି। ବିଭିନ୍ନ ଗଣମାଧ୍ୟମରେ ବହୁସଂଖ୍ୟାରେ ଅନ୍‌ଲାଇନ ବେଟିଂ ୱେବ୍‌ସାଇଟ/ପ୍ଲାଟଫର୍ମଗୁଡ଼ିକର ବିଜ୍ଞାପନ ଆସୁଥିବାରୁ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇଛି। ସେଗୁଡ଼ିକୁ ନ ଛାପିବା ଓ ପ୍ରସାରଣ ନ କରିବାକୁ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମକୁ କୁହାଯାଇଛି। ସେହିପରି ଅନ୍‌ଲାଇନ ଓ ସୋସିଆଲ ମିଡିଆଗୁଡ଼ିକ ଭାରତରେ ଏଭଳି ବିଜ୍ଞାପନ ନ ଦେଖାଇବାକୁ ପରାମର୍ଶ ଦିଆଯାଇଛି।

ଅନ୍‌ଲାଇନ ବେଟିଂ ବିଜ୍ଞାପନଗୁଡ଼ିକ ବିଭ୍ରାନ୍ତିକର। ଏଭଳି ବିଜ୍ଞାପନ ପ୍ରକାଶନ ଓ ପ୍ରସାରଣରେ ଖାଉଟି ସୁରକ୍ଷା ଆଇନ, ୨୦୧୯, କେବୁଲ ଟେଲିଭିଜନ ନେଟ୍‌ୱର୍କସ ନିୟନ୍ତ୍ରଣ ☞ପୃଷ୍ଠା–୪




**ଆଜିର ମନ୍ତବ୍ୟ**

"ବିରୋଧୀଙ୍କ ସ୍ୱର ଚପାଇବା ପାଇଁ ଭାଜପା ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି। ପୂରା ଦେଶ ଶାସକ ଦଳର ଏକଚ୍ଛତ୍ରବାଦୀ ଶାସନର ସାକ୍ଷୀ।"

– ଭୂପେଶ ବାଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୫୦ ମିନିଟ୍‌ରେ ବଡୋଦରାରୁ ମୁମ୍ବାଇ ପହଞ୍ଚିଲା ହୃତ୍‌ପିଣ୍ଡ

**ମୁମ୍ବାଇ**



ମାତ୍ର ୧୫୦ ମିନିଟରେ ଗୁଜରାଟର ବଡ଼ୋଦରାରୁ ମୁମ୍ବାଇରେ ପହଞ୍ଚିଲା ମନୁଷ୍ୟ ହୃତ୍‌ପିଣ୍ଡ। ଇଣ୍ଡିଗୋ ବିମାନ ସହାୟତାରେ ଏହି ଲାଇଭ୍ ଅର୍ଗାନର ସ୍ଥାନାନ୍ତରଣ ପ୍ରକ୍ରିୟା ସମ୍ଭବପର ହୋଇପାରିଛି। ବଡ଼ୋଦରାରୁ ମୁମ୍ବାଇ ମଧ୍ୟରେ ଦୂରତା ୪୧୦.୯ କି.ମି.। ବଡ଼ୋଦରାରେ ଡାକ୍ତରମାନେ ହୃତ୍‌ପିଣ୍ଡକୁ ସଫଳତାର ସହ ମନୁଷ୍ୟ ଶରୀରରୁ ବାହାର କରିବା ପରେ ଜୁନ୍ ୭ରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ପାଇଁ ଏହି ହୃତ୍‌ପିଣ୍ଡକୁ ମୁମ୍ବାଇର ଗ୍ଲୋବାଲ୍ ହସ୍ପିଟାଲକୁ ପଠାଯାଇଥିଲା। ସୂଚନାଯୋଗ୍ୟ ଜୀବନ୍ତ ହୃତ୍‌ପିଣ୍ଡକୁ ୩ ଘଣ୍ଟା ମଧ୍ୟରେ ମୁମ୍ବାଇ ପହଞ୍ଚାଇବାକୁ ଥିଲା। ତେବେ ତିନି ଘଣ୍ଟାରୁ କମ୍ ସମୟ ଭିତରେ ଇଣ୍ଡିଗୋ ବିମାନ ସ୍ଥାନାନ୍ତରଣ ପ୍ରକ୍ରିୟା ଶେଷ କରିବାକୁ ନେଇ କମ୍ପାନୀ ସିଇଓଙ୍କ ସମେତ ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ମିଶନରେ ସାମିଲ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାପୂର୍ବରୁ ମେ' ୨୦ରେ ଲାଇଭ୍ ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ଏକ ଯୋଡ଼ା ଫୁସ୍‌ଫୁସ୍ ପୁଣେରୁ ହାଇଦ୍ରାବାଦ ଅଣାଯିବା ସହ ପ୍ରତିରୋପଣ ପ୍ରକ୍ରିୟା ସଫଳ ହୋଇଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବ ପେୟ,ପିନ୍ଧିବ ଅଖା**
**କେଭେଁ ନ ଛାଡ଼ିବ ରଜାର ପଖା।**

ବଡ଼ ଲୋକଙ୍କ ଆଗରେ ନିଜକୁ ଛୋଟ କରିଦେଲେ ସେମାନଙ୍କ ଅନୁକମ୍ପା ସହଜରେ ହାସଲ କରିହୁଏ। ସେହିପରି ଖାଦ୍ୟପେୟ ଓ ପୋଷାକ ପତ୍ରରେ ନିଜକୁ ନ୍ୟୁନ କରି ବଡ଼ଲୋକଙ୍କ ପଛରେ ବୁଲିଲେ ଜୀବନ ସମୃଦ୍ଧ ହେବା ସହ ଅଭିଷ୍ଟ ଆଶା ପୂର୍ଣ୍ଣ ହୁଏ ବୋଲି ଏଠାରେ ଦର୍ଶାଯାଇଛି।

**ଖାଇଲ ପେଟେ ପିନ୍ଧିଲ ମୋଟେ**
**ଚାଲି ଯାଉଅଛ ବାଟେ ବାଟେ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚେଷ୍ଟିତ, ସଦା ଚିନ୍ତିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିର ଆଶା ରଖିବା ନିରର୍ଥକ। ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥ ପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୧୫ରେ ଓଡ଼ିଶା ଛୁଇଁପାରେ ମୌସୁମୀ

**ଭୁବନେଶ୍ୱର, ୧୩।୬(ବ୍ୟୁରୋ)**

ଆସନ୍ତା ୧୫ କିମ୍ବା ୧୬ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି। ସୋମବାର ମହାରାଷ୍ଟ୍ର, ଗୁଜରାଟ, ବିହାରର କିଛି ଅଞ୍ଚଳରେ ମୌସୁମୀ ପ୍ରବେଶ କରିଛି। ଆସନ୍ତା ଦୁଇ ତିନିଦିନ ମଧ୍ୟରେ ଓଡ଼ିଶାରେ କିଛି ଅଞ୍ଚଳକୁ ମୌସୁମୀ ପ୍ରବେଶ କରିବ। ପ୍ରଥମେ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହେବା ନେଇ ଅନୁମାନ କରାଯାଇଛି।

ନିର୍ଦ୍ଧାରିତ ସମୟ ଅର୍ଥାତ୍ ଜୁନ୍ ୧୦ ପୂର୍ବରୁ ରାଜ୍ୟରେ ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା। ମେ'୨୯ରେ ମୌସୁମୀ କେରଳ ଛୁଇଁଥିବା ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ତେବେ ପାଗ ଅନୁକୂଳ ହେଉ ନ ଥିବାରୁ ଏହା ଆଗକୁ ଆଉ ବଢ଼ିପାରୁନାହିଁ। ଏଥିଯୋଗୁ ରାଜ୍ୟକୁ ମୌସୁମୀ ପ୍ରବେଶ ବିଳମ୍ବ ହେଉଛି। ବିଲରେ ଧାନ ବିହନ ବୁଣିବା ପାଇଁ ଚାଷୀ ମୌସୁମୀ ବର୍ଷାକୁ ଚାହିଁ ରହିଛି। ବିଳମ୍ବିତ ମୌସୁମୀ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ତେବେ ମୌସୁମୀ ପ୍ରବେଶ କରିବା ଯାଏ ରାଜ୍ୟରେ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିବ। ସୋମବାର ରାଜ୍ୟର କେତେକ ଭାଗରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ସୋନପୁରରେ ସର୍ବାଧିକ ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପାରିବାରିକ ଶାନ୍ତି ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। ବନ୍ଧୁଙ୍କ ସହଯୋଗ ଲାଭକରି ବହୁଦିନରୁ ଅଟକି ରହିଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିପାରିବେ। ଫେରନ୍ତା ବାଟରୁ ଗୃହକୁ ସୌଖୀନ ପଦାର୍ଥ କିମ୍ବା ମୂଲ୍ୟବାନ୍ ଜିନିଷ ଆଣିପାରନ୍ତି। ଆର୍ଥିକ ଦିଗଟି ବହୁତ ଭଲ ରହିବା କାରଣରୁ ମନ ପ୍ରଫୁଲ୍ଲ ରହିବ।

**ବୃଷ** – ଅପ୍ରିୟ ସତ୍ୟ ପ୍ରକାଶ କରିବା ଆକସ୍ମିକ କଳହର କାରଣ ହୋଇପାରେ। ଅତୀତରୁ ରହିଆସିଥିବା ରୋଗପୀଡ଼ା, ଶତ୍ରୁତା ଓ ଧାରକରଜ ସକାଶେ ଚିନ୍ତାକୁ ବଢ଼ାଇବ। କର୍ମକ୍ଷେତ୍ର, ଯାନବାହନ, ଦୋକାନ ବାଡ଼ି, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରୁ ଉପକୃତ ହେବେ। ପ୍ରଶାସନିକ ସ୍ତରରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ।

**ମିଥୁନ** – ଯାତ୍ରା ସମୟରେ ଅନ୍ୟମନସ୍କତା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ମନକୁ ବିଚଳିତ କରିବ। ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ନ ହୋଇ ଲକ୍ଷ୍ୟହୀନ ଯାତ୍ରାରୁ ବିରତ ରହିବା ଭଲ । ସଭାରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** – ଆଜି ନୂତନ ବସ୍ତ୍ର, ଅଳଙ୍କାର କିମ୍ବା ଗାଡ଼ି ମୋଟର ଆଦି କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଦୀର୍ଘ ସମୟ ଗୋଟିଏ ସ୍ଥାନରେ ଅଟକି ରହି ଓ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲା ମନ୍ଥର ହୋଇପାରେ, ଏଣୁ ଚିନ୍ତିତ ରହିପାରନ୍ତି। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ସତର୍କ ରହିବା ଭଲ ହେବ।

**ସିଂହ** – ଆର୍ଥିକ ଅନଟନ ଓ ପାରିବାରିକ ଦୁଶ୍ଚିନ୍ତା ମାନସିକ ଅଶାନ୍ତି ସୃଷ୍ଟି କରିବ। ଶାରୀରିକ ଅସୁସ୍ଥତା କାମକୁ ବିଳମ୍ବିତ କରିବ। ସ୍ତ୍ରୀଙ୍କ ଆଚରଣ ମନକୁ କଷ୍ଟ ଦେଇପାରେ। କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଭଲ ଲାଭ ପାଇବେ। କାର୍ଯ୍ୟଦକ୍ଷତା ହେତୁ ମହିଳାମାନେ ପ୍ରଶଂସିତ ହେବେ।

**କନ୍ୟା** – ଗୋଟିଏ ସ୍ଥାନରେ ଜିନିଷ କିମ୍ବା କାଗଜପତ୍ର ରଖିଦେଇ ବ୍ୟସ୍ତ ହେବେ। ସ୍ନାୟବିକ ଦୁର୍ବଳତା କାରଣରୁ ଆଣ୍ଠୁଠାରୁ ଗୋଡ଼ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ଆପଣଙ୍କ ବିଜୟଲାଭ ଅବଶ୍ୟମ୍ଭାବୀ।

**ତୁଳା** – ଆଜିର ଯାତ୍ରା, ପ୍ରତିଯୋଗିତା, ପରିବାର ଓ କର୍ମକ୍ଷେତ୍ର ସକାଶେ ଦିନଟି ବହୁତ ଭଲ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭା ସମିତିରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରେ। ଅଭାବ ନ ଥିଲେ ମଧ୍ୟ କେତେକ ସମସ୍ୟା ହେତୁ ସ୍ୱାତୀ ନକ୍ଷତ୍ର ଚିନ୍ତିତ ରହିବେ।

**ବିଛା** – ଆର୍ଥିକ ଅଭିବୃଦ୍ଧି ଓ ସମ୍ମାନ,ପ୍ରତିଷ୍ଠା ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ। ଶିଳ୍ପ, ବାଣିଜ୍ୟ ତଥା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ବୈଷୟିକ ସୁଖ, ସମୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ।

**ଧନୁ** – ଆଜି ହଠାତ୍ ଆପଣ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବ ହଠାତ୍ ପ୍ରକାଶ କଲେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ମକର** – ଆନୁଷଙ୍ଗିକ ସାହାଯ୍ୟ ସହଯୋଗରୁ କାମ ହାସଲ ସହଜ ହୋଇଯିବ। ଧନିଷ୍ଠା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ତଥା ବିଭିନ୍ନ ପ୍ରକାର ଝାମେଲା ହେତୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅର୍ଥ ସମ୍ପର୍କରୁ ଖୁସି ରହିବେ ଏବଂ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** – କର୍ମକ୍ଷେତ୍ରର ବିଦ୍ୟମାନ ସ୍ଥିତିରୁ ମୁକ୍ତି ମିଳିବ, କିନ୍ତୁ ଶାନ୍ତି ପାଇବେ ନାହିଁ। ନିର୍ମାଣ କାର୍ଯ୍ୟ କିମ୍ବା ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେବେ। ପ୍ରବାସୀ ବନ୍ଧୁ ନିଃସଙ୍ଗତା ବୋଧ କରିପାରନ୍ତି ଓ ଘର କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ,ଅନ୍ୟଥା ବିଦ୍ୟମାନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**ମୀନ** – ପାରିବାରିକ ସ୍ଥିରତା ସାଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ଆଜି ହଠାତ୍ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଅଫିସରେ ଫାଇଲ୍ ଚାପର ସମ୍ମୁଖୀନ ହୋଇପାରନ୍ତି। ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।


## classifieds Everyday 0674-2580101, 2549302

real estate

**SALE**

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495. D-487

200 ଫୁଟ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୨୫୦/- ଟଙ୍କାରେ ଜାଗାବିକ୍ରି ହେଉଛି। 7609803855. D-73614

Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452. D-73919

2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479. D-73324

Sthitiban gharabari plot for sale in 1.5k.m. distance from Patia Railway Station with boundarywall, electricity, water supply available. 7978159231. D-73263

ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368. D-73261

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295. D-73262

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73915

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320. D-73250

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369. D-73259

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481. D-73260

ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952. D-73255

**AFFIDAVIT**

I, Sri Sanatan Das, At/PO.- Mahisara, Via-Jenapur, Dist.- Jajpur do hereby declare that I want to change my Son's name from Hrushikesh Das which has been mentioned in his LIC Policy No.- 586225712 to Soham Das as per his Birth Certificate and all other documents. D-736

construction

Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73254

healthcare

Relax, Refresh your body, Mind at Saikrupa Spa with best therapies. 8984068077. D-668

Newly open SPA positively health benefit with expert. Contact: 7749976301. D-73819

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73822

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

### ଆଜି ଦାରୁଦିଅଁଙ୍କ...

ବିଗ୍ରହଙ୍କୁ କେହି ସ୍ପର୍ଶ କରିବେ ନାହିଁ। ହାତୀବେଶକୁ ସୁରକ୍ଷିତ ରଖାଯିବ ଓ ଯତ୍ନରେ ଓଲାଗି କରାଯିବ। ସେବାୟତମାନେ ହାତୀବେଶରୁ ଫୁଲ ନେଇପାରିବେ ନାହିଁ। ଭକ୍ତଙ୍କ ଦର୍ଶନ ନ ସରିବା ପର୍ଯ୍ୟନ୍ତ ବେଶ ସୁରକ୍ଷିତ ରହିବ। ବେଶକୁ ଶ୍ରୀମନ୍ଦିର ଅଫିସ୍‌ରେ ସୁରକ୍ଷିତ ଭାବେ ରଖାଯିବ। ଭକ୍ତମାନେ ସ୍ନାନବେଦୀର ଗୋଟିଏ ପଟେ ଉଠି ଅପରପାର୍ଶ୍ୱରେ ଓହ୍ଲାଇବେ। ଆନନ୍ଦବଜାରରେ ମହାପ୍ରସାଦର ବ୍ୟବସ୍ଥା ହୋଇଛି। ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ଆଇନଶୃଙ୍ଖଳା, ଭକ୍ତଙ୍କ ସୁରକ୍ଷା, ଗମନାଗମନ ଓ ଟ୍ରାଫିକ୍ ନିୟନ୍ତ୍ରଣ ଆଦି ଦିଗକୁ ଆହ୍ୱାନ ଭାବେ ଗ୍ରହଣ କରିଛି ପୋଲିସ। ଏନେଇ ସୋମବାର ଅତିରିକ୍ତ ମହାନିର୍ଦ୍ଦେଶକ ଆର. କେ. ଶର୍ମାଙ୍କ ଅଧ୍ୟକ୍ଷତାରେ ଟାଉନ୍ ହଲ୍‌ରେ ଅନୁଷ୍ଠିତ ବୈଠକରେ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଛି। ୫ ଥାକିଆ ସୁରକ୍ଷା ବ୍ୟବସ୍ଥା ଭିତରେ ପୁରୀ ସହର ରହିବ। ୩ଜଣ କମାଣ୍ଡାଣ୍ଟ, ୧୧ଜଣ ଅତିରିକ୍ତ ଏସ୍‌ପି, ୨୧ ଡିଏସ୍‌ପି, ୫୦ରୁ ଊର୍ଦ୍ଧ୍ୱ ଇନ୍ସପେକ୍ଟର, ୨୭୦ରୁ ଊର୍ଦ୍ଧ୍ୱ ଏସ୍‌ଆଇ ଓ ଏଏସ୍‌ଆଇ, ୧ ହଜାର କନଷ୍ଟେବଳ ଓ ହୋମଗାର୍ଡଙ୍କ ସହ ୫୨ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ଶର୍ମା କହିଛନ୍ତି। ଶ୍ରୀମନ୍ଦିର ଚାରିପାଖରେ ଶୃଙ୍ଖଳିତ ଦର୍ଶନ ସହ ସହରରେ ଭକ୍ତଙ୍କ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଥିବା ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି। ସେହିଭଳି ପୁରୀ ଏଏସ୍‌ଆଇ ସର୍କଲ ଅଫିସ ପକ୍ଷରୁ ସ୍ନାନବେଦୀ ମରାମତି କାର୍ଯ୍ୟ ଶେଷ ହୋଇ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ସ୍ନାନବେଦୀ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ସ୍ନାନଯାତ୍ରା ପାଇଁ ପ୍ରସ୍ତୁତ ରହିଛି ବୋଲି କୁହାଯାଇଛି। ପୁରୀ ସହରରେ ଥିବା ବସଷ୍ଟାଣ୍ଡକୁ ଭୁବନେଶ୍ୱର ଓ କୋଣାର୍କ ପଟରୁ ଆସୁଥିବା ବସ୍ ସେବା ଚାଲୁ ରହିବ। ପୁରୀ ଟାଉନ୍ ବସ୍ ମେଡିକାଲ ଛକ ପର୍ଯ୍ୟନ୍ତ ଆସିପାରିବ। ଗ୍ରାଣ୍ଡ ସେଣ୍ଟରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଦୁଇଚକିଆ ଯାନ ପାର୍କିଂ କରାଯାଇପାରିବ। ଜଗନ୍ନାଥ ବଲ୍ଲଭ, ଶରଧାବାଲି, ଯାତ୍ରିକା, ବ୍ଲୁଫ୍ଲାଗ୍ ବିଚ୍ ଓ ଦିଗବାରେଣୀ ପାଖରେ ଚାରିଚକିଆ ଯାନ ପାର୍କିଂ ହେବ। ମରିଚିକୋଟଠାରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ରାସ୍ତାକୁ ନୋ ଭେହିକିଲ୍ ଜୋନ୍‌ରେ ପରିଣତ କରାଯାଇଛି। ହେଲ୍ପଲାଇନ୍ ନମ୍ବର(୬୩୭୦୯୬୭୧୦୦)ରେ ୨୪ ଘଣ୍ଟିଆ ପୋଲିସ ସହ ଯୋଗାଯୋଗ କରାଯାଇପାରିବ ବୋଲି ଟ୍ରାଫିକ୍ ଆଡ୍‌ଭାଇଜରି ଜାରି ହୋଇଛି। ସ୍ନାନଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଏଭଳି ନିର୍ଦ୍ଦେଶନାମା ଜାରି ରହିବ। ସେହିଭଳି ସିସିଟିଭି ସ୍କାନରରେ ରହିବ ସ୍ନାନବେଦୀ। ସ୍ନାନବେଦୀ ସମ୍ମୁଖ ଓ ପାର୍ଶ୍ୱରେ ସିସିଟିଭି କ୍ୟାମେରା ଲଗାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି।

### ବସ୍ ଓଲଟି...

ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖବରରୁ ଜଣାପଡ଼ିଛି, ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି ବସ୍‌ଟି ଭବାନୀପାଟଣାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିଲା। ଗାଡିଚାଳକ ନିଶାସକ୍ତ ହୋଇ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାରୁ ତାଙ୍କୁ ଯାତ୍ରୀମାନେ ଗାଡି ନ ଚଳାଇବାକୁ କହିଥିଲେ। ମାତ୍ର ସେ ଶୁଣି ନ ଥିଲେ। ଦ୍ରୁତ ଗତିରେ ଆସୁଥିବାରୁ ବସ୍‌ଟି ବୋଡୁଗୁଡମ୍ ନିକଟରେ ଏକ ମୋଡ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ୩ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୩ଜଣଙ୍କ ଚିନ୍ତୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ଓ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇ ଭର୍ତ୍ତି କରିଥିଲେ। ଗୁରୁତରମାନଙ୍କୁ ଭଦ୍ରାଚଳମ୍ ଓ ଆହତମାନଙ୍କୁ ଚିନ୍ତୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ନବରଙ୍ଗପୁର ଜିଲାର ମୃତ ଡୁମର ହରିଜନଙ୍କ ସ୍ତ୍ରୀ ସୁଭଦ୍ରା, ୨ଝିଅ କୁନି(୧୧), ଅଞ୍ଜଳି(୬) ଏବଂ ମୃତ ୨ଶିଶୁ ଜିତୁ ଓ ସୁନେନାଙ୍କ ମାଆ ବାପା ରହିଛନ୍ତି। ବସ୍‌ର ସମସ୍ତ ଯାତ୍ରୀ ଶ୍ରମିକ ଶ୍ରେଣୀର। ସେମାନେ ହାଇଦ୍ରାବାଦରେ କାମ କରିବାକୁ ଯାଉଥିଲେ। ଭଦ୍ରାଚଳମଠାରୁ ୩୦ କି.ମି. ପୂର୍ବରୁ ଏହି ଦୁର୍ଘଟଣା ଘଟିଥିଲା।

### ସିବିଆଇ ଜାଲରେ...

ନେଉଥିବାବେଳେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସିବିଆଇ ଟିମ୍ କାବୁ କରିଥିଲେ। ଏହାପରେ ସିବିଆଇ ଟିମ୍‌ର ଅଧିକାରୀମାନେ ଉଜ୍ଜ୍ୱଳଙ୍କ ସୁନ୍ଦରଗଡ଼ସ୍ଥିତ ଭଡ଼ାଘରେ ଚଢ଼ାଉ ଜାରି ରଖିଛନ୍ତି। ତାଙ୍କୁ ସିବିଆଇ ପକ୍ଷରୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ହେଲେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।

### 'ଅନ୍‌ଲାଇନ ବେଟିଂ...

ଆଇନ, ୧୯୯୫ର ବିଜ୍ଞାପନ କୋଡ୍ ଏବଂ ପ୍ରେସ୍ କାଉନସିଲ ଆଇନ, ୧୯୭୮ରେ ଭାରତର ପ୍ରେସ୍ କାଉନସିଲ୍ ଧାର୍ଯ୍ୟ କରିଥିବା ବିଜ୍ଞାପନ ନିୟମ ପାଳନ ହେଉନାହିଁ। ୨୦୨୦ ଡିସେମ୍ବର ୪ରେ ଘରୋଇ ସାଟେଲାଇଟ ଟିଭି ଚ୍ୟାନେଲଗୁଡ଼ିକୁ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରି ଜାରି କରାଯାଇ ଅନ୍‌ଲାଇନ ଗେମ୍ ବିଜ୍ଞାପନ ପ୍ରସାରଣ ବେଳେ ଭାରତର ବିଜ୍ଞାପନ ମାନ ପରିଷଦର (ଏଏସ୍‌ସିଆଇ) ଗାଇଡ୍‌ଲାଇନ ପାଳନ କରିବାକୁ କୁହାଯାଇଥିଲା। ସେହିବର୍ଷ ଡିସେମ୍ବର ୧୫ରେ କାର୍ଯ୍ୟକାରୀ ହୋଇଥିବା ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ ଗେମିଂ ବିଜ୍ଞାପନରେ ୧୮ ବର୍ଷରୁ କମ୍ ପିଲାଙ୍କୁ ଟଙ୍କା ଜିତିବା ପାଇଁ ଅନ୍‌ଲାଇନ ଗେମ୍ ଖେଳୁଥିବା ଦେଖାଯାଇପାରିବ ନାହିଁ କିମ୍ବା ଏଭଳି ପିଲା ଅନ୍‌ଲାଇନ ଗେମ୍ ଖେଳିପାରିବେ ବୋଲି ପ୍ରସ୍ତାବ ଦିଆଯାଇପାରିବ ନାହିଁ। ସେହିପରି ଏହାକୁ ଆୟର ଏକ ସୁଯୋଗ ବା ବିକଳ୍ପ ନିଯୁକ୍ତି ଭାବେ ଉପସ୍ଥାପନ କରାଯାଇପାରିବ ନାହିଁ ବୋଲି ଗାଇଡ୍‌ଲାଇନରେ କୁହାଯାଇଥିଲା। ସେହିପରି ଅନ୍‌ଲାଇନ ଗେମିଂରେ ସମ୍ପୃକ୍ତ ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ସଫଳ ବୋଲି ବିଜ୍ଞାପନରେ ଦର୍ଶାଯାଇପାରିବ ନାହିଁ। ଗେମିଂ ବିଜ୍ଞାପନ ସହ ଏକ ଘୋଷଣାନାମା ଦେବା ଲାଗି ଛାପା ଗଣମାଧ୍ୟମକୁ କୁହାଯାଇଥିଲା। ଏହି ଗେମ୍ ଆର୍ଥିକ କ୍ଷତି ପହଞ୍ଚାଇବା ସହ ଅଭ୍ୟାସଗତ କରିଦିଏ। ଦାୟିତ୍ୱର ସହ ନିଜ ରିସ୍କରେ ଖେଳିବା ପାଇଁ ଘୋଷଣାନାମାରେ ଲେଖାଯିବାକୁ ଗାଇଡ୍‌ଲାଇନରେ ନିର୍ଦ୍ଦେଶ ଦିଆଯାଇଥିଲା।

### ଏଥର ହେବ କଟକ...

ସମ୍ବିତ ଗଡ଼ନାୟକ ପ୍ରମୁଖ ରହିବେ। ବାଲିଯାତ୍ରା ପାଇଁ ଏହି କମିଟି କାର୍ଯ୍ୟ ଖସଡା ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ମହୋତ୍ସବର ମାନ୍ୟତା ଦେଇଥିଲେ। ତେବେ ଏହାକୁ ଜାତୀୟସ୍ତରୀୟ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି । ସୂଚନାଯୋଗ୍ୟ, ପ୍ରତିବର୍ଷ କାର୍ତ୍ତିକ ମାସ ଶେଷକୁ କଟକରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ। ୧୦ ଦିନ ବ୍ୟାପୀ ହେଉଥିବା ଏହି ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରର ୨୦୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବ୍ୟବସାୟ କରିଥାନ୍ତି। ହେଲେ କରୋନା ଯୋଗୁ ଦୁଇ ବର୍ଷ ହେବ ବାଲିଯାତ୍ରା ବନ୍ଦ ଫଳରେ ବିଭିନ୍ନ ବର୍ଗର ବ୍ୟବସାୟୀ ପ୍ରଭାବିତ ହୋଇଥିଲେ। ତେବେ ଚଳିତବର୍ଷ ବାଲିଯାତ୍ରା ଅନୁଷ୍ଠିତ ପାଇଁ ଘୋଷଣା ହେବା ପରେ ବ୍ୟବସାୟୀ ଓ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

### ରାହୁଲଙ୍କ ନିକଟରେ...

ନିଆଯାଇଥିଲା। ଡାକ୍ତରୀ ଦଳ ରାହୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିଲେ। ତାଙ୍କ ପାଖକୁ ପାଇପ୍ ଜରିଆରେ ଶୁଖିଲା ଖାଦ୍ୟ, କଦଳୀ, ଗ୍ଲୁକୋଜ ଆଦି ସହ ଅକ୍ସିଜେନ ମଧ୍ୟ ପଠାଯାଇଥିଲା। ରାହୁଲ ଖସିଥିବା ୮୦ ଫୁଟ୍ ଗଭୀରତାରେ ଜେସିବି ଏବଂ ଡ୍ରିଲିଂ ମେଶିନ ଲଗାଇ ଏକ ସମାନ୍ତରାଳ ଟନେଲ ଖୋଳାଯାଇଥିଲା। ଯବାନମାନେ ସେଠାରୁ ରାହୁଲଙ୍କ ନିକଟତର ହୋଇ ତାଙ୍କୁ ଉଦ୍ଧାର କରି ଆଣିବା ପାଇଁ ଖୋଦେଇ ଜାରି ରଖିଥିଲେ। ତେବେ ଉଦ୍ଧାରକାରୀ ଦଳ ଓ ରାହୁଲଙ୍କ ମଝିରେ ପଥର ଥିବାରୁ ଖନନ କାର୍ଯ୍ୟ ବିଳମ୍ବ ହୋଇଥିଲା। ଏହି ଘଟଣାର ସିଧାପ୍ରସାରଣ ଅନେକ ଜାତୀୟ ଟିଭି ଚ୍ୟାନେଲରେ ଚାଲିଥିବାବେଳେ ସାରା ଦେଶର ନଜର ଏହା ଉପରେ ରହିଥିଲା। କେବଳ ଛତିଶଗଡ଼ ନୁହେଁ, ଭାରତର ସବୁ ଭାଗରେ ଲୋକେ ରାହୁଲଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥିଲେ। ସୋସିଆଲ ମିଡିଆରେ ମଧ୍ୟ ରାହୁଲଙ୍କ ମଙ୍ଗଳ କାମନା କରି ବହୁସଂଖ୍ୟକ ପୋଷ୍ଟ କରାଯାଇଥିଲା। ମାଇନିଂ ଏକ୍ସପର୍ଟ (ଖନନ ବିଶେଷଜ୍ଞ)ଙ୍କ ସମେତ ୫୦୦ ଜଣ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ।

ସୋମବାର ରାତି ୧୨ଟା ୪୫ରେ ଉଦ୍ଧାରକାରୀ ଦଳ ରାହୁଲଙ୍କ ନିକଟତର ହୋଇଛି। ଗାତ ଭିତରେ ଜଳସ୍ତର ବଢ଼ିବାରେ ଲାଗିଥିବାବେଳେ ରାହୁଲ ପାଣିରେ ଅଧା ବୁଡ଼ି ରହିଥିବା ସଂଗୃହୀତ ଭିଡିଓ ଫୁଟେଜରେ ଦେଖିବାକୁ ମିଳିଥିଲା। ଖାଦ୍ୟାଭାବ ସତ୍ତ୍ୱେ ୪ ଦିନ ଧରି ପ୍ରତିକୂଳ ପରିସ୍ଥିତିରେ ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରିଥିବାରୁ ସେ ସାମାନ୍ୟ ଅସୁସ୍ଥ ଥିବା ଜଣାପଡ଼ିଛି। ନାବାଳକ ରାହୁଲଙ୍କ ଧୈର୍ଯ୍ୟ ଓ ସାହସକୁ ଦେଶବ୍ୟାପୀ ପ୍ରଶଂସା କରାଯାଉଛି। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ସମ୍ପୂର୍ଣ୍ଣ ଘଟଣାକ୍ରମ ଉପରେ ନଜର ରଖିଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ତଥା ଜିଲାପାଳ ଜିତେନ୍ଦ୍ର ଶୁକ୍ଳା ଏବଂ ଏସ୍‌ପି ବିଜୟ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଜିଲାପାଳ କହିଛନ୍ତି, ରାହୁଲ ଜଣେ ଦିବ୍ୟାଙ୍ଗ ପିଲା। ସେ କଥା କହିପାରନ୍ତିନି କି ଶୁଣିପାରନ୍ତି ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୦୬,୭୨,୫୦୧ | ୬୩,୩୧,୭୬୮ | ୫୧,୫୯,୮୩,୨୩୫ |
| ଭାରତ | ୪,୩୨,୩୨,୦୦୪ | ୫,୨୪,୭୭୧ | ୪,୨୬,୫୭,୩୩୫ |
| ଓଡ଼ିଶା | ୧୨,୮୮,୬୫୧ | ୯୧୨୬(+୫୩) | ୧୨,୭୯,୩୩୭ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶିକ୍ଷା ହିଁ ଜୀବନରେ ବଡ଼ ପରିବର୍ତ୍ତନ ଆଣେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)



ବାଲେଶ୍ୱର ଜିଲା ରେମୁଣାସ୍ଥିତ ଅରମଳାଠାରେ ଇମାମୀ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ପକ୍ଷରୁ ନିର୍ମିତ ଏକ ବିଦ୍ୟାଳୟକୁ ଭିଡ଼ିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ଇମାମୀ-କିସ୍ ପକ୍ଷରୁ ନିର୍ମିତ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ**

- ୧୨ ଏକର ଜମିରେ ନିର୍ମିତ ଏହି ସ୍କୁଲ ଲାଗି ଖର୍ଚ୍ଚ ହେବ ୫୦ କୋଟି
- ୧୨ଶହ ପିଲାଙ୍କୁ ମିଳିବ ମାଗଣା ଶିକ୍ଷା
- ଖର୍ଚ୍ଚ ହେବ କିସ୍‌ର ୩୬, ଇମାମୀର ୧୪ କୋଟି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନଫରେନ୍ସ ଜରିଆରେ ବାଲେଶ୍ୱର ଜିଲା ରେମୁଣାସ୍ଥିତ ଅରମଳାଠାରେ ଇମାମୀ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ପକ୍ଷରୁ ନିର୍ମିତ ଏକ ବିଦ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ୧୨ ଏକର ଜମିରେ ନିର୍ମିତ ଏହି ସ୍କୁଲ ପାଇଁ ୫୦ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ କିସ୍ ପକ୍ଷରୁ ୩୬ କୋଟି ଓ ଇମାମୀ ପକ୍ଷରୁ ୧୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏହିଭଳି ଉଦ୍ୟମ ଗୁଣାତ୍ମକ ଶିକ୍ଷା ଲାଗି ରାଜ୍ୟ ସରକାରଙ୍କ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବ। ଇମାମୀ ଓ କିସ୍‌ର ଏହି ଉଦ୍ୟମ ପାଇଁ ସେମାନଙ୍କୁ ଧନ୍ୟବାଦ। କିସ୍ ପକ୍ଷରୁ ଭୁବନେଶ୍ୱର, ମୟୂରଭଞ୍ଜ ଏବଂ ବଲାଙ୍ଗୀର ଭଳି ଅନେକ ସ୍ଥାନରେ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବା ବେଳେ ରାଜ୍ୟର ୩୦ଜିଲାରେ ଏହିଭଳି ବିଦ୍ୟାଳୟ ଖୋଲାଯିବାର ଲକ୍ଷ୍ୟ ରହିଥିବା ଖୁସିର କଥା। ଶିକ୍ଷା ହିଁ ରୂପାନ୍ତରର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ଼ ପରିବର୍ତ୍ତନ ଆଣିଥାଏ। ଏଥିରେ ୧୨୦୦ ଗରିବ ପିଲା ମାଗଣାରେ ପାଠ ପଢ଼ିବାର ବ୍ୟବସ୍ଥା ହୋଇଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଶିକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ୫-ଟି ଉପକ୍ରମରେ ବିଦ୍ୟାଳୟ ରୂପାନ୍ତରଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟରେ ବର୍ତ୍ତମାନ ପ୍ରାୟ ୪୦୦୦ ରୂପାନ୍ତରିତ ହାଇସ୍କୁଲ ପ୍ରତିଷ୍ଠା ହୋଇସାରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହିସବୁ ସ୍କୁଲରେ ହୋଇଥିବା ସୁବିଧା ଓ ଭିତ୍ତିଭୂମି ପଲାଙ୍କ ଭିତରେ ପାଠ ପ୍ରତି ବହ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିଛି। ପିଲାଙ୍କ ମନରେ ଭବିଷ୍ୟତ ପାଇଁ ଦୃଢ଼ସଂକଳ୍ପ ସୃଷ୍ଟି କରିଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ବାଲେଶ୍ୱରରେ ଇମାମୀ ଓ କିସ୍ ଉଦ୍ୟମରେ ନବନିର୍ମିତ ସ୍କୁଲ ପାଇଁ ଧନ୍ୟବାଦ ଦେଇଛନ୍ତି । ଏହି ଅବସରରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖି ଏହାଦ୍ୱାରା ବାଲେଶ୍ୱରରେ ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାରରେ ସହାୟକ ହେବ ବୋଲି ଆଶାପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଛନ୍ତି। କିଟ୍ ଓ କିସ୍ ସଂସ୍ଥାପକ ତଥା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ ଦୁର୍ବଳ ଶ୍ରେଣୀର ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ କିସ୍ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି। ବାଲେଶ୍ୱର ଜିଲାପାଳ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସିବିଆଇ ଜାଲରେ ପୋଷ୍ଟାଲ ଇନ୍ସପେକ୍ଟର

ସୁନ୍ଦରଗଡ଼, ୧୩।୬ (ଡି.ଏନ୍.ଏ.)

**୬ ମାସର ଦରମା ବିଲ୍ କରିଦେବାକୁ ୫ ହଜାର ଲାଞ୍ଚ ନେଉଥିଲେ**

ସୁନ୍ଦରଗଡ଼ ଟାଉନରେ ଥିବା ମୁଖ୍ୟ ପୋଷ୍ଟ ଅଫିସର ପୋଷ୍ଟାଲ ଇନ୍ସପେକ୍ଟର ସୋମବାର ସିବିଆଇ ଜାଲରେ ଧରାପଡ଼ିଛନ୍ତି। ସେ ହେଲେ ଉଜ୍ଜ୍ୱଳ କୁମାର। ନିଜ ଅଧସ୍ତନ କର୍ମଚାରୀଙ୍କ ୬ ମାସର ବକେୟା ଦରମା ବିଲ୍ କରିଦେବା ପାଇଁ ଉଜ୍ୱଳ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ କର୍ମଚାରୀ ଜଣକ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଦିନ ବେଳା କାର୍ଯ୍ୟାଳୟରେ ଉକ୍ତ କର୍ମଚାରୀଙ୍କଠାରୁ ଉଜ୍ଜ୍ୱଳ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସିବିଆଇ ଟିମ୍ କାବୁ କରିଥିଲେ। ଏହାପରେ ସିବିଆଇ ଟିମ୍‌ର ଅଧିକାରୀମାନେ ଉଜ୍ୱଳଙ୍କ ସୁନ୍ଦରଗଡ଼ସ୍ଥିତ ଭଡ଼ାଘରେ ଚଢ଼ାଉ ଜାରି ରଖିଛନ୍ତି। ତାଙ୍କୁ ସିବିଆଇ ପକ୍ଷରୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ହେଲେ ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।


From the house of Baidyanath VANSAAR
**Kabz Care**
ନିରାପଦ ଓ ଗୋଟିଏ ରାତିରେ କୋଷ୍ଠକାଠିନ୍ୟରୁ ଆରାମ ପ୍ରଦାନ କରେ
ପାରାବେନ୍ ମୁକ୍ତ
100% ପ୍ରାକୃତିକ ସାମଗ୍ରୀ




ପ୍ରଥମ ରାତିରୁ ପ୍ରଭାବଶାଳୀ | ଏସିଡିଟିରୁ ମୁକ୍ତି ଦିଏ ଓ ଭୋକ ବଢ଼ାଏ | ପାଚନ-ପ୍ରଣାଳୀକୁ କ୍ଷତି ପହଞ୍ଚାଏ ନାହିଁ | ନନ୍-ହାବିଟ୍ ଫର୍ମିଂ
ପ୍ରଭାବଶାଳୀ • ପ୍ରାକୃତିକ • କେମିକାଲ୍-ମୁକ୍ତ


# ବସ୍‌ରେ ଲାଇବ୍ରେରି

- ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟ
- ବକୁଲ ଫାଉଣ୍ଡେଶନର ନିଆରା ପ୍ରୟାସ



ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ବସ୍ ଲାଇବ୍ରେରିକୁ ଉଦ୍‌ଘାଟନ କରୁଛନ୍ତି।



ସଜେଇ ହୋଇଥିବା ବସ୍ ଲାଇବ୍ରେରି।

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ବସ୍‌ରେ ହୋଇଛି ଲାଇବ୍ରେରି। କଲେଜ ପିଲାଙ୍କ ଯାତାୟତ ପାଇଁ ବ୍ୟବହାର କରାଯାଉଥିବା ପୁରୁଣା ବସ୍‌କୁ ଲାଇବ୍ରେରିର ରୂପ ଦିଆଯାଇଛି। ଏହାର ଭିତର ଏବଂ ବାହାର ପାର୍ଶ୍ୱରେ ବିଭିନ୍ନ ଚିତ୍ର ଅଙ୍କାଯାଇ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାର ପ୍ରୟାସ ଆରମ୍ଭ କରାଯାଇଛି। କଳାଭୂମିଠାରେ ବକୁଳ ଫାଉଣ୍ଡେଶନ୍ ଦ୍ୱାରା ପ୍ରସ୍ତୁତ ଏହି ବସ୍ ଲାଇବ୍ରେରି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଓଏସ୍‌ଆର୍‌ଟିସି ଦ୍ୱାରା ଦାନ କରାଯାଇଥିବା ଏକ ପୁରୁଣା ପରିତ୍ୟକ୍ତ ବସ୍‌ରେ ଏହି ଲାଇବ୍ରେରି ତିଆରି ହୋଇଛି। ଏହାକୁ ଭିନ୍ନ ରୂପ ଦିଆଯାଇ ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗ ଏବଂ ସିଡାକ୍ ବିଭାଗ ଦ୍ୱାରା 'କଳାଭୂମି' ସଂଗ୍ରହାଳୟ ନିକଟରେ ସ୍ଥାପନ କରାଯାଇଛି। ଏହା ମୋବାଇଲ୍ ବା ଭ୍ରମଣଶୀଳ ଲାଇବ୍ରେରି ନୁହେଁ ବରଂ କ୍ରାଫ୍ଟ ମ୍ୟୁଜିୟମର ପାର୍କିଂ ସ୍ଥାନରେ ସ୍ଥାୟୀ ଲାଇବ୍ରେରି ଭାବେ ରହିଛି।

ଏହି ଲାଇବ୍ରେରୀକୁ ସୋମବାର ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ସଚିବ ଶୁଭା ଶର୍ମା, ଶିକ୍ଷାବିତ ପ୍ରଫେସର ଡି.ପି. ପଟ୍ଟନାୟକ, ସିଡାକ୍‌ର ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ବକୁଳ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଗ୍ରହାଳୟକୁ ଆସୁଥିବା ଲୋକେ ସଂଗ୍ରହାଳୟ ବୁଲି ଦେଖିବା ସହ ବହିପଢ଼ାର ସୁଯୋଗ ପାଇବେ। ବସ୍‌ର ସିଟ୍‌ଗୁଡ଼ିକୁ ଉଠାଇ ଦିଆଯିବା ସହ ବ୍ୟାଗେଜ୍ ର୍ୟାକ୍ ସହିତ ଗୋଟିଏ ପାର୍ଶ୍ୱରେ ବୁକ୍ ର୍ୟାକ୍ ପ୍ରସ୍ତୁତ କରାଯାଇଛି। ପାଠକ ସୁବିଧାରେ ବସିବା ପାଇଁ ବେଞ୍ଚ ବ୍ୟବସ୍ଥା କରାଯାଇଛି। ବସ୍‌ଯାତ୍ରା ଅନୁଭୂତି ସହିତ ବହିପଢ଼ାର ମଜା ପାଇପାରିବେ। ସେହିପରି ଡ୍ରାଇଭରଙ୍କ ଚେୟାର ଓ ଷ୍ଟିଅରିଂ ଚକକୁ ପାଠକମାନଙ୍କ ପାଇଁ ସେଲ୍ଫି ପଏଣ୍ଟ କରାଯାଇଛି। ପଟ୍ଟଚିତ୍ର ଓ ଅନ୍ୟାନ୍ୟ ପାରମ୍ପରିକ ଚିତ୍ରକଳାକୁ ବସ୍‌ର ବାହ୍ୟରେ ଡିଜାଇନ୍ କରାଯାଇଛି। ପାଠକମାନେ ବସ୍ ଭିତରେ କିମ୍ବା ବାହାରେ ଥିବା ଶୀତଳ ପରିବେଶରେ ବହି ପଢ଼ିପାରିବେ। ଏହି ଲାଇବ୍ରେରିରେ କାହାଣୀ କହିବା ଓ ହସ୍ତଶିଳ୍ପ କର୍ମଶାଳା ଉପରେ ମଧ୍ୟ ବିଭିନ୍ନ ଅଧିବେଶନ ଆୟୋଜନ କରାଯିବ। ଲାଇବ୍ରେରିକୁ ଅପରାଜିତା ମହାନ୍ତି ଓ ପିଣ୍ଟୁ ଭଟ୍ଟାଚାର୍ଯ୍ୟ ପରିଚାଳନା କରିବେ। ଏଠାରେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବିଭିନ୍ନ ପୁସ୍ତକ ରହିଛି।

# ବଜ୍ରପାତରେ ୩ ବ୍ୟକ୍ତି, ୪ ଗୋରୁ ମୃତ

ରାଇଘର/ଉମରକୋଟ, ୧୩।୬(ଡି.ଏନ୍.ଏ.)/(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ରାଇଘର ଥାନା ମୁଣ୍ଡିବେଢ଼ା ପଞ୍ଚାୟତର ପାତ୍ରିମାଲ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ନରେ ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖରଖରାପାରା ଗ୍ରାମର ନକୁଳ ନାୟକଙ୍କ ପୁଅ ଅମରୁ ନାୟକ(୨୨), ପାତ୍ରିମାଲ ଗ୍ରାମର ନରସିଂହ ଗଣ୍ଡଙ୍କ ସ୍ତ୍ରୀ ରାଇମନି(୫୦) ଏବଂ ଛତିଶଗଡ଼ ଚଇଲା ଗ୍ରାମର ଦଶରୁ ଅଣ୍ଡିଙ୍କ ପୁଅ ଜନସିଂ ଅଣ୍ଡି(୨୩) ।

ସୂଚନା ଅନୁଯାୟୀ, ରାଇମନି ଚାଷ ପାଇଁ ଟ୍ରାକ୍ଟର ଯୋଗାଡ଼ କରି ନିଜ ଜମିକୁ ଯାଇଥିଲେ। ଧାନ ବୁଣିବା ସମୟରେ ହଠାତ ବର୍ଷା ଏବଂ ବଜ୍ରପାତ ହୋଇଥିଲା। ଏଥିରେ ରାଇମନିଙ୍କ ସମେତ ଟ୍ରାକ୍ଟର ଚାଳକ ଅମରୁ ଏବଂ ଶ୍ରମିକଭାବେ କାମ କରୁଥିବା ଜନସିଂଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ରାଇଘର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ୩୮/୨୨ରେ ଏକ ମାମଲା ରୁଜୁ କରାଯାଇଛି। ବଜ୍ରପାତରେ ୪ ଗୋରୁଙ୍କ ମଧ୍ୟ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ଏବଂ ଗୋରୁ ମାଲିକଙ୍କୁ ସରକାରୀ କ୍ଷତିପୂରଣ ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# 'ବଜ୍ରପାତ, ସାପକାମୁଡ଼ା, ଅଗ୍ନିକାଣ୍ଡ ମୃତ୍ୟୁ ସମସ୍ୟା ଓଡ଼ିଶାକୁ ଆହ୍ୱାନ'

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

- ସାପକାମୁଡ଼ା ରୋଗୀଙ୍କୁ ବଞ୍ଚାଇପାରିବ ଆଣ୍ଟିଭେନମ୍
- ଆଣ୍ଟିଭେନମ୍ ଷ୍ଟକ୍ ଜଣାଇବ ମୋବାଇଲ ଆପ୍

ଆଉ ପୂର୍ବଭଳି ଋତୁ ଅନୁଯାୟୀ ସଂଘଟିତ ନ ହୋଇ ବର୍ଷର ଯେକୌଣସି ସମୟରେ ବାତ୍ୟା ଭଳି ପରିସ୍ଥିତି ଉପୁଜୁଛି । ଏଥିସହ ବଜ୍ରପାତ, ସାପକାମୁଡ଼ା, ଅଗ୍ନିକାଣ୍ଡ ଓ ପାଣିରେ ବୁଡ଼ି ମୃତ୍ୟୁ ଭଳି ସମସ୍ୟା ଆମ ପାଇଁ ଆହ୍ୱାନ ହୋଇଛି । କେରଳ ଓ ଆସାମ ଭଳି ରାଜ୍ୟ ସାପକାମୁଡ଼ା କ୍ଷେତ୍ରରେ ଭଲ କାର୍ଯ୍ୟ କରୁଛନ୍ତି । ଏ କ୍ଷେତ୍ରରେ ପ୍ରାରମ୍ଭିକ ଅବସ୍ଥାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଆଣ୍ଟିଭେନମ୍ ଦିଆଗଲେ ଜୀବନ ବଞ୍ଚାଇହେବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା କହିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲିକ ନୂତନ ଭାବେ ପଦ ଗ୍ରହଣ କରିବା ପରେ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଫିସ୍ ପରିଦର୍ଶନରେ ଯାଇଛନ୍ତି। ଏହି ଅବସରରେ ପ୍ରଦୀପ ଜେନା କହିଛନ୍ତି, ସାପ କାମୁଡ଼ା ସମ୍ପର୍କିତ ତଥ୍ୟ ଜାଣିବା ଲାଗି ବିଭାଗ ପକ୍ଷରୁ ଏକ ମୋବାଇଲ୍ ଆପ୍ ଲଞ୍ଚ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରତି ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଥିବା ଆଣ୍ଟିଭେନମ୍ ଷ୍ଟକ୍ ବିଷୟରେ ଜାଣିହେବ । ସେହିଭଳି ପାଣିରେ ବୁଡ଼ି ମୃତ୍ୟୁକୁ ରୋକାଯିବା ପାଇଁ ପ୍ରତ୍ୟେକ ଅଞ୍ଚଳରେ କିଛି ସ୍ୱେଚ୍ଛାସେବୀଙ୍କୁ ସନ୍ତରଣ ତାଲିମ ପ୍ରଦାନ କରାଯିବ। ବର୍ତ୍ତମାନ ରାଜ୍ୟରେ ମୋଟ ୮୮୯ ବାତ୍ୟା ଆଶ୍ରୟସ୍ଥଳୀ ଥିବାବେଳେ ନୂଆକରି ୫୫ଟିର କାମ ଚାଲିଛି । ଚିଲିକା କୂଳରେ କିଛି ସମ୍ବେଦନଶୀଳ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତା ରହିଛି। ରାଜ୍ୟରେ ପ୍ରଥମ କରି ସାତଭାୟା ଅଞ୍ଚଳକୁ କ୍ଲାଇମେଟ୍ ରିଫ୍ୟୁଜି ରିହାବିଲିଟେଶନ୍ ପଲିସିରେ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି । ଏବେ ରାଜ୍ୟରେ ସୁନାମି ପ୍ରସ୍ତୁତି ଗ୍ରାମ ଭାବେ ୨ଟି ଗ୍ରାମ ରହିଥିବାବେଳେ ଆଗକୁ ଅଧିକ ଗ୍ରାମକୁ ସୁନାମି ମୁକାବିଲା କ୍ଷେତ୍ରରେ ପ୍ରସ୍ତୁତ ରହିବାକୁ ତାଲିମ ଦିଆଯିବ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଆଜି କେବଳ ଦେଶ ମଧ୍ୟରେ ନୁହେଁ, ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛି।

# ୩ ବର୍ଷ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ହେବ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

**ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**

ରାଜ୍ୟରେ ନକଲି ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିଲାଗି ଗତ ୩ବର୍ଷ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୋମବାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି, ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ ଗତ ତିନିବର୍ଷ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ସାର୍ଟିଫିକେଟ୍ ଏବଂ ପ୍ରମାଣପତ୍ର ଯାଞ୍ଚ କରାଯିବ। ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟ ଏବଂ ସମ୍ପୃକ୍ତ ରାଜ୍ୟର ଶିକ୍ଷା ବିଭାଗକୁ ଏ ସମ୍ପର୍କରେ ଯାଞ୍ଚ ଲାଗି ଚିଠି ଲେଖାଯିବ। ଆବଶ୍ୟକ ପଡ଼ିଲେ ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟକୁ ପଠାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ଚଳିତ ବର୍ଷରୁ ଡିଜିଲକ୍ ବ୍ୟବସ୍ଥା ପ୍ରଚଳନ କରାଯିବ। ଦୁଇଟି ପରିଷଦର ସମସ୍ତ ସାର୍ଟିଫିକେଟ୍‌କୁ ଡିଜିଟାଇଜେଶନ୍ କରାଯିବ। ଏଥିପାଇଁ ଆଇଟି ବିଭାଗର ସଚିବଙ୍କୁ ପତ୍ର ଲେଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ସମସ୍ତ ଶିକ୍ଷକଙ୍କ ଡାଟାବେସ୍ ପ୍ରସ୍ତୁତ କରାଯିବ। ସମସ୍ତ ମାମଲାର ତୁରନ୍ତ ଫଇସଲା ପାଇଁ ପଦକ୍ଷେପ ନିଆଯିବା ସହିତ ଏଫ୍‌ଆଇଆର୍ ଦାଖଲ କରାଯିବ। ଏଥିସହ ଚିହ୍ନଟ ଶିକ୍ଷକମାନଙ୍କଠାରୁ ଦରମା ଅର୍ଥ ଅସୁଲ କରିବା ପାଇଁ ଚିଠି ଲେଖାଯିବାକୁ ନିଷ୍ପତ୍ତି ହୋଇଛି।


DSPL-77
ODISHA STATE BLOOD TRANSFUSION COUNCIL | ଓଡ଼ିଶା ସରକାର | NATIONAL HEALTH MISSION



୧୪ ଜୁନ ୨୦୨୨ ବିଶ୍ୱ ରକ୍ତଦାତା ଦିବସ ଅବସରରେ ସମସ୍ତ ରକ୍ତଦାତାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଜୀବନ ରକ୍ଷାକାରୀ ରକ୍ତ ଯୋଗାଣ ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା**

ରକ୍ତ ଦାନ ମହତ ଦାନ

- ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଇଁ ରକ୍ତ ଏବଂ ରକ୍ତ ସଞ୍ଚାଳନ ପାଇଁ ଆବଶ୍ୟକ ସମସ୍ତ ସୁବିଧା ବିନା ପଇସାରେ କରାଯାଉଛି।
- ୫୫ଟି ସରକାରୀ ରକ୍ତ ଯୋଗାଣ କେନ୍ଦ୍ର ସହ ସମୁଦାୟ ୮୫ଟି ରକ୍ତ ଯୋଗାଣ କେନ୍ଦ୍ର ଆମ ରାଜ୍ୟରେ କାର୍ଯ୍ୟ କରୁଛି।
- ୨୪ଟି ରକ୍ତ ପୃଥକୀକରଣ ୟୁନିଟ୍ ଏବେ ଆମ ରାଜ୍ୟରେ କାର୍ଯ୍ୟକ୍ଷମ ଅଛି।
- ୧୧ଟି ରକ୍ତ ଯୋଗାଣ କେନ୍ଦ୍ରରେ NAT ଟେଷ୍ଟିଂ ସୁବିଧା କରାଯାଇଛି।
- କୋଭିଡ୍ ମହାମାରୀ ପରିସ୍ଥିତି ସତ୍ତ୍ୱେ ଆମ ରାଜ୍ୟରେ ଚଳିତ ବର୍ଷ ୪୮୭୦୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସେଥିରୁ ୨୬୦୭୯୫ ୟୁନିଟ୍ ରକ୍ତ ୪୯୪୭ଟି ଭ୍ରାମ୍ୟମାଣ ଶିବିରରୁ ସଂଗୃହିତ ହୋଇଛି।
- ଗ୍ରାମାଞ୍ଚଳରେ ରକ୍ତ ସଂଗ୍ରହ ଶିବିର ଆୟୋଜନ ପାଇଁ ୯ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ବ୍ୟବସ୍ଥା କରାଯାଇଛି ଏବଂ ଏହି ବର୍ଷ ଆଉ ୫ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ବ୍ୟବସ୍ଥା କରାଯାଉଛି।
- ସରକାରୀ ରକ୍ତ ଯୋଗାଣ କେନ୍ଦ୍ରକୁ ଆସୁଥିବା ସମସ୍ତ ଥାଲାସେମିଆ ରୋଗୀଙ୍କ ପାଇଁ 'ଲ୍ୟୁକୋଫିଲ୍ଟ୍ରେସନ୍' ଚିକିତ୍ସାର ସୁବିଧା ବିନା ପଇସାରେ କରାଯାଉଛି।
- ଥାଲାସେମିଆ ରୋଗୀଙ୍କୁ ଡାକ୍ତରଖାନାକୁ ନେବା ଆଣିବା କରିବା ପାଇଁ ମାସକୁ ୫ ଶହ ଟଙ୍କା ସହାୟତା ଦିଆଯାଉଛି।

ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରନ୍ତୁ।
ଅମୂଲ୍ୟ ମାନବ ଜୀବନ ରକ୍ଷା କରନ୍ତୁ।

ଆସନ୍ତୁ, ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା
ଓଡ଼ିଶାବାସୀଙ୍କୁ ସୁସ୍ଥ, ନିରୋଗ ରଖିବା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଗଢ଼ିବା।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10080/13/0001/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୪ ଜୁନ୍, ୨୦୨୨

> ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। **–ଶ୍ରୀଅରବିନ୍ଦ**



# ଔରଙ୍ଗଜେବଙ୍କ ଦୋଷ

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ସବୁଦିନ ଖସିବାରେ ଲାଗିଛି। ଅର୍ଥାତ୍ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି। କୁହାଯାଉଛି, ପ୍ରତ୍ୟେକ ଦିନ ଟଙ୍କା ଏକ ନୂଆ ରେକର୍ଡ ସୃଷ୍ଟି କରୁଛି। ପିଲାଦିନେ ଶୁଣିଥିଲୁ, ଭଲଭାବେ ଦୌଡ଼ିପାରିଲେ ମପାଯାଇଥିବା ସମୟର ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରାଯାଏ। ଏବେ ଜନସାଧାରଣ କୌଣସି ରେକର୍ଡ ଭାଙ୍ଗିବାକୁ ଅନିଚ୍ଛୁକ ଥିବା ସତ୍ତ୍ୱେ ସରକାରୀ ଉଦ୍ୟମରେ ଏଭଳି ଐତିହାସିକ ରେକର୍ଡ ଭଙ୍ଗା ପ୍ରତ୍ୟେକ ଦିନ ଚାଲିଛି। ପ୍ରଥମେ କହିଲେ, ୬୦ରୁ ୭୦ ବର୍ଷ ପୂର୍ବେ ଶାସନ କରୁଥିବା ନେହେରୁ ଆଜିର ଦୁର୍ବଳ ଅର୍ଥନୀତି ପାଇଁ ଦାୟୀ। ଏବେ ପଛୁଆ ଦୂରଦୃଷ୍ଟିରେ କହୁଛନ୍ତି, ୩୦୦ ବର୍ଷ ପୂର୍ବରୁ ଦୀର୍ଘ ୫୦ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିବା ଔରଙ୍ଗଜେବଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଭାରତୀୟ ଟଙ୍କାକୁ ତଳିତଳାନ୍ତ କରିଦେଲାଣି।

ଜୁନ୍ ୧୩ରେ ଡଲାର ସହ ଟଙ୍କାର ବିନିମୟ ମୂଲ୍ୟ ସର୍ବକାଳୀନ ନିମ୍ନସ୍ତରକୁ ଖସି ୭୮ ଟଙ୍କା ୨୮ ପଇସାରେ ପହଞ୍ଚିଛି। ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ, ଗହମ, ଖାଇବା ତେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଅହେତୁକ ମୂଲ୍ୟ ବୃଦ୍ଧି ଟଙ୍କାକୁ ନିମ୍ନକୁ ଟାଣିବାରେ ଲାଗିଛି। ମୋଦି ସରକାରଙ୍କ କାର୍ଯ୍ୟକାଳ ପୂର୍ବରୁ ୨୦୧୩ରେ ଡଲାର ପିଛା ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୫୬.୫୭ ଟଙ୍କା ଥିଲା। ପ୍ରତି ବର୍ଷ ଏହା ତଳକୁ ଖସି ରେକର୍ଡ ଭାଙ୍ଗୁଛି। ସମ୍ପ୍ରତି ଡଲାର ସର୍ବକାଳୀନ ମଜଭୁତ ସ୍ଥିତିରେ ଥିବାବେଳେ ଟଙ୍କା ସର୍ବକାଳୀନ ଦୁର୍ବଳ ହୋଇଛି। ଫଳରେ ଭାରତୀୟ ଶେୟାର ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) କ୍ରମାଗତ ଭାବେ ପୁଞ୍ଜି ପ୍ରତ୍ୟାହାର କରି ଲାଭ କମାଉଛନ୍ତି। ଚଳିତ ବର୍ଷ ଏଫ୍‌ଆଇଆଇମାନେ ୧.୮୧ ଲକ୍ଷ କୋଟି ଟଙ୍କା ଉଠାଇ ନେଲେଣି। ଏହାର ଚାପ ଭାରତୀୟ ପୁଞ୍ଜି ବଜାର ଉପରେ ପଡ଼ିଛି। ଏହି ଧାରା ଲାଗି ରହିଲେ ଭାରତର ଅର୍ଥନୀତି ଶ୍ରୀଲଙ୍କା ଭଳି ଦଶା ଭୋଗିପାରେ ବୋଲି ଆଶଙ୍କା କରାଗଲାଣି।

ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ଗତ ଏପ୍ରିଲରେ ୭.୭୯% ରହିଥିଲା, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ସର୍ବାଧିକ। ଏବେ ମଧ୍ୟ ସମାନ ସ୍ଥିତି ରହିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ମେ' ୪ରେ ରେପୋ ରେଟ୍ ୪୦ ବେସିସ୍ ପଏଣ୍ଟସ (ବିପିଏସ୍) ଏବଂ ଜୁନ୍‌ର ମୁଦ୍ରା ନୀତି ସମୀକ୍ଷା ପରେ ୫୦ ବିପିଏସ୍ ବଢ଼ାଇବା ପରେ ୪.୯୦%ରେ ପହଞ୍ଚିଛି, ଯାହାକି ଗତ ଦଶନ୍ଧି ମଧ୍ୟରେ ସର୍ବାଧିକ। ଅଗଷ୍ଟରେ ରେପୋ ରେଟ୍ ଆହୁରି ବଢ଼ିବା ସଙ୍କେତ ମିଳିଥିବାରୁ ଆଗକୁ ଗୃହ, ଗାଡ଼ି ଓ ବ୍ୟକ୍ତିଗତ ଋଣ ବାବଦ ଇଏମ୍‌ଆଇ ବୋଝ ଅସହ୍ୟ ହେବା ନିଶ୍ଚିତ। ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ନୀତି ଥିବା ଭଳି ମନେ ହେଉନାହିଁ। ପୂର୍ବରୁ ରିଜର୍ଭ ବ୍ୟାଙ୍କ ଗଭର୍ନର ରଘୁରାମ ରାଜନଙ୍କ ସମୟରେ ଆର୍ଥିକ ନୀତି ପାଇଁ ଯେଉଁ ଦୂରଦୃଷ୍ଟି ରହିଥିଲା, ଆଜିର ଦିନରେ ତାହାର ଘୋର ଅଭାବ ପରିଲକ୍ଷିତ ହେଉଛି। ଏବେକାର ନୀତିଗୁଡ଼ିକ ଅର୍ଥନୀତିରେ ସୁଧାର ଆଣିବା ପରିବର୍ତ୍ତେ ଏହାକୁ ରସାତଳଗାମୀ କରିବାରେ ଲାଗିଛି। ଦେଖିବାକୁ ଗଲେ ଭାରତର ଏହି ଆର୍ଥିକ ଦୁରବସ୍ଥା ହଠାତ୍ ସୃଷ୍ଟି ହୋଇନାହିଁ। ଏଥିପାଇଁ ପୁନର୍ବାର ୩୦୦ ବର୍ଷ ପୂର୍ବର ଔରଙ୍ଗଜେବଙ୍କ କୁଶାସନ ଦାୟୀ ବୋଲି କୁହାଗଲାଣି। ବିରୋଧୀ କହୁଛନ୍ତି, ଏହା ବିଗତ ୮ ବର୍ଷର ସରକାରୀ ସ୍ତରରେ ଭୁଲ୍ ନୀତିର ପରିଣାମ। ମୋଦି ସରକାର କେବଳ ଭୋଟ ରାଜନୀତିରେ ବ୍ୟସ୍ତ ରହିଛନ୍ତି। ଦେଶର ଅର୍ଥନୀତିକୁ ଯେଉଁ ଧାରାରେ ଆଣିବା ପାଇଁ ପଦକ୍ଷେପ ନେବା କଥା ସେପରି ଉଦ୍ୟମ କରୁନାହାନ୍ତି। ଏମିତି ବି ହୋଇପାରେ ଯେ, କେଉଁ ପ୍ରକାର ଉଦ୍ୟମର ଚାହିଦା ରହିଛି ତାହା ଆଜିର ସରକାରରେ କେହି ଜାଣିନାହାନ୍ତି।

ମୋଟାମୋଟି ଭାବେ ଭାରତ ଡଲାର ଏବଂ ଅଶୋଧିତ ତେଲର ଚକ୍ରବ୍ୟୂହରେ ଫସିଯାଇଛି, ଯହିଁରୁ ମୁକୁଳିବା ଏହି ସରକାର ଅମଳରେ ଅସମ୍ଭବ ମନେହେଲାଣି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଘଟିଚାଲିଥିବାବେଳେ ଭାରତୀୟ ରାଜକୋଷ ଚାପଗ୍ରସ୍ତ ହେବାରେ ଲାଗିଛି। ଯେଉଁ ରୁଷିଆ କାଲି ଯାଏ ଭାରତକୁ ୩୦% ରିହାତିରେ ତୈଳ ଦେବା କଥା କହୁଥିଲା ଜୁନ୍ ୯ରେ ନିଜ ପ୍ରତିଶ୍ରୁତିରୁ ଓହରିବା ଘୋଷଣା କରିସାରିଛି। କିଛିଦିନ ତଳେ ଭାରତୀୟ ତୈଳ ବିପଣନ କମ୍ପାନୀ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଏବଂ ଭାରତ ପେଟ୍ରୋଲିୟମ୍ ରୁଷିଆଠାରୁ ତୈଳ ଆଣିବା ପାଇଁ ଆଗଭର ହେଉଥିଲେ। କିନ୍ତୁ ଶତାଧିକ ଦିନର ଯୁଦ୍ଧ ପରେ ରୁଷିଆ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ କମ୍ ଦାମ୍‌ରେ ତେଲ ଦେବାକୁ ରାଜି ହେଉନାହିଁ। ଏବେ ଭାରତକୁ ରୁଷିଆର ରୋସ୍‌ନେଫ୍ଟ ପରିବର୍ତ୍ତେ ସଫ୍ଟ ମାର୍କେଟରୁ ବ୍ୟାରେଲ ପିଛା ୧୨୧–୧୨୪ ଡଲାରରେ ତେଲ କିଣିବାକୁ ପଡ଼ିବ। ଏଭଳି ସ୍ଥିତିରେ ଭାଜପା ନେତାଙ୍କ ପ୍ରଫେଟ୍ ବିରୋଧୀ ମନ୍ତବ୍ୟରେ କ୍ଷୁବ୍ଧ ଉପସାଗରୀୟ (ଗଲ୍ଫ) ରାଷ୍ଟ୍ରଗୁଡ଼ିକର ପରିବର୍ତ୍ତିତ ବାଣିଜ୍ୟିକ ଆଭିମୁଖ୍ୟ ମୋଦି ସରକାରଙ୍କୁ ଅଧିକ ଡଲାର ଦେଇ ତୈଳ କିଣିବାକୁ ବାଧ୍ୟ କରିବ।

ଭାରତ ସବୁ କ୍ଷେତ୍ରରେ ରପ୍ତାନି ତୁଳନାରେ ଆମଦାନୀ ଅଧିକ କରିଥାଏ। ଦେଶକୁ ଆସୁଥିବା ସମସ୍ତ ସାମଗ୍ରୀ ପାଇଁ ସରକାର ଡଲାରରେ ଅର୍ଥ ପଇଠ କରିଥାଆନ୍ତି। ୨୦୧୪ ମେ'ରେ ମୋଦି ସରକାର କ୍ଷମତାସୀନ ହେବା ପରଠାରୁ ଭାରତୀୟ ମୁଦ୍ରା ୨୦ ଟଙ୍କାରୁ ଅଧିକ ଦୁର୍ବଳ ହୋଇସାରିଛି। ବିଶ୍ୱ ବଜାରରୁ ରେକର୍ଡ ପରିମାଣର ଆମଦାନୀ କରାଯାଉଥିବାରୁ ଭାରତକୁ ଏଥିପାଇଁ ୫ ଲକ୍ଷ କୋଟି ଟଙ୍କା ଅଧିକ ଦେବାକୁ ପଡୁଛି। ଭାରତୀୟ ଟିକସଦାତାଙ୍କ କଷ୍ଟ ଉପାର୍ଜିତ ଅର୍ଥରୁ ଏହି କ୍ଷତି ଭରଣା କରାଯାଉଛି। ଦେଶବାସୀଙ୍କୁ ବିକାଶର ମିଛ ଛବି ଦେଖାଇ ପରିସଂଖ୍ୟାନର ଜାଲରେ ଛନ୍ଦିଲେ ଅର୍ଥନୀତିରେ ସୁଧାର ଆସିବ ନାହିଁ। ତେବେ ନେହେରୁ ଏବଂ ଔରଙ୍ଗଜେବଙ୍କ ତ୍ରୁଟିକୁ ଭୁଲି ହେବ ନାହିଁ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 9 | | 7 | | | | | 5 | |
| | | | | | | 7 | 3 | 6 |
| 8 | | | | | | | | |
| | | | | 4 | | 5 | 8 | |
| | | 3 | | 5 | | | | |
| | 6 | | 2 | 9 | | | | |
| 6 | | 9 | | | 5 | 8 | | |
| | | | | | | | | |
| | | | 3 | | 7 | 6 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 2 | 9 | 5 | 4 | 6 | 8 |
| 9 | 4 | 6 | 3 | 8 | 1 | 7 | 5 | 2 |
| 5 | 2 | 8 | 4 | 6 | 7 | 1 | 3 | 9 |
| 1 | 9 | 4 | 5 | 2 | 6 | 8 | 7 | 3 |
| 8 | 3 | 2 | 9 | 7 | 4 | 6 | 1 | 5 |
| 7 | 6 | 5 | 1 | 3 | 8 | 9 | 2 | 4 |
| 2 | 5 | 7 | 6 | 4 | 9 | 3 | 8 | 1 |
| 4 | 8 | 3 | 7 | 1 | 2 | 5 | 9 | 6 |
| 6 | 1 | 9 | 8 | 5 | 3 | 2 | 4 | 7 |

ଗତକାଲିର ଉତ୍ତର

# ଗଳାବାଟର ଦେଶ



ନିରଞ୍ଜନ ସାହୁ

ଯେ କୌଣସି କାମ କରିବା ପାଇଁ ଏକ ଅନୁସୃତ ପଦ୍ଧତି ରହିଛି। ଏପରିକି ଆମ ଦେଶର ଆଇନ ମଧ୍ୟ ସେଇକଥା କହେ। ଯାହା ହେଲା–Procedure established by law। ଅର୍ଥାତ୍ କାମଟି ଠିକ୍ କି ନା ବିଚାର କଲାବେଳେ ସେଇ କଥା ତର୍ଜମା କରାଯାଏ ଯେ ସେଇ ପ୍ରତିଷ୍ଠିତ ପଦ୍ଧତି ଅନୁସରଣ କରାଯାଇଛି କି ନାହିଁ; ମାତ୍ର ଆମ ଦେଶରେ ଯାହା ଘଟେ ଏବଂ ସେଥିରୁ ଯେଉଁସବୁ ମନୋମାଳିନ୍ୟ ଉତ୍ପନ୍ନ ହୁଏ ତା'ର ଏକ କ୍ଷୁଦ୍ର ଶତାଂଶ କୋର୍ଟ କଚେରିରେ ସମାଧାନ ହୁଏ। ଏହାର ବହୁଳାଂଶ ସମାଧାନ ହୋଇଯାଏ କୋର୍ଟ ବାହାରେ ସାମାଜିକ ରୀତିନୀତି ମାଧ୍ୟମରେ କିମ୍ବା ଆପୋସ ମିଳାମିଶା ଜରିଆରେ, ଯାହା ନିୟମ ବିରୁଦ୍ଧ ହେଲେ ବି କେତେକାଂଶରେ ଗ୍ରହଣୀୟ ହୋଇଗଲାଣି ପ୍ରାୟତଃ।

ଧରନ୍ତୁ ଆପଣ ହସ୍ପିଟାଲ୍‌କୁ ଯାଉଛନ୍ତି। ଦେଖିଲେ ଅସମ୍ଭବ ଭିଡ଼। ଆପଣ ଯଦି ଲାଇନର ଶେଷରେ ଠିଆହେବେ, ସେଇଠୁ ଯାଇ ଡାକ୍ତରଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଦୂରତା ଲାଗିବ ଏକ ଅସରନ୍ତି ରାସ୍ତା। ଏତିକିବେଳେ ଆପଣଙ୍କର ଚିହ୍ନା ଲୋକ ଜଣେ ଦେଖା ହୋଇଗଲେ ଯିଏକି ହସ୍ପିଟାଲର ପ୍ରଶାସନ ସହିତ ସମ୍ପୃକ୍ତ। ଦେଖା ହେଉ ହେଉ ସେ ପଚାରିବେ, ଆପଣ କ'ଣ ଡାକ୍ତରଙ୍କୁ ଦେଖେଇବା ପାଇଁ ଆସିଛନ୍ତି କି? ସିଧାସଳଖ ଆପଣଙ୍କୁ ନେଇ ଡାକ୍ତରଙ୍କ ପାଖରେ ପହଞ୍ଚେଇଦେବେ। ଆଉ କେହି ଆପଣଙ୍କୁ ପଦେ ବି କହିବେନି କିମ୍ବା କହିବାକୁ ସାହସ କରିବେନି। ଏଇମିତି ଅନେକ ଗଳାବାଟ ଦେଇ ଆମେ କାମ କରନ୍ତି ନିତିଦିନ। ଅନ୍ୟ କେହି ସେମିତି କଲେ ଆମ ମନ ଭିତରେ ବେଳେ ବେଳେ ଅଶାନ୍ତି ସୃଷ୍ଟି ହୁଏ; ମାତ୍ର ଆମେ ନିଜର ସୁଖସୁବିଧା ପାଇଁ ଗଳାବାଟ ଦେଇ କାମ କରିଯାଉ। ସାମାନ୍ୟତମ ବିବେକ ସଙ୍କଟ ଅନୁଭବ କରୁନାହିଁ।

ସଭିଏ ଜାଣନ୍ତି ଭାରତରେ ଆଇନ ହେଉଛି ସବୁଠୁ ଉପରେ। ଅର୍ଥାତ୍ ଆଇନର ଶାସନ ଚାଲିଛି ବୋଲି ଆମେ ସବୁଠି ଚିତ୍କାର କରୁ। ଆଇନ ଉଲ୍ଲଂଘନ କରି କାମ ହୋଇଗଲେ ଆମେ କେବେ ବିବେକ ବିରୋଧତତ୍ତ୍ୱର ସାମ୍ନା କରୁନାହୁଁ। ଆମର ଆଇନ ବସ୍ତୁତଃ ଦୁଇ ପ୍ରକାର। ଗୋଟିଏ ସର୍ବସାଧାରଣଙ୍କ ପାଇଁ ଆଇନ ଆଉ ଏକ ହେଉଛି ବିଶେଷାଧିକାର ଆଇନ ଯାହାକି ମାନ୍ୟବରଙ୍କ ପାଇଁ ସଂରକ୍ଷିତ। ଆପଣ ମନ୍ଦିର ଯିବା ପାଇଁ ଠିଆ ହୋଇଥିବେ ଘଣ୍ଟା ଘଣ୍ଟା ଧରି; ମାତ୍ର ଜିଲା ମାଜିଷ୍ଟ୍ରେଟ୍ ଆସିଲେ କୁହାଯିବ ସେ ପରିଦର୍ଶନରେ ଆସିଛନ୍ତି ଏବଂ ତାଙ୍କୁ ପ୍ରୋଟୋକଲ ମାନ୍ୟତା ଦେଇ ଶଙ୍ଖୋଳି ମନ୍ଦିର ଭିତରକୁ ନେଇଯିବେ ମନ୍ଦିର କର୍ମଚାରୀ। ଆପଣ ରେଲ୍‌ୱେରେ ଟିକେଟ କାଟି ଯାଇ ପାରୁ ନ ଥିବେ ସଂରକ୍ଷଣ ଅଭାବରୁ; ମାତ୍ର ଆପଣଙ୍କ ସାମ୍ନାରେ ଅନ୍ୟ କେହି ମନ୍ତ୍ରୀଙ୍କ କୋଟା କିମ୍ବା ଭିଆଇପି କୋଟା କହି ପଛରେ ଟିକେଟ କରି ସଂରକ୍ଷଣ ପାଇଯିବେ। ଚାରିଆଡ଼େ କୁହାହେଉଥିବ ଯେ ଜଣେ ଲୋକ ମାତ୍ର ଗୋଟିଏ ପେନ୍‌ସନ ପାଇବାକୁ ହକ୍‌ଦାର; ମାତ୍ର ସେଇଠି ଆପଣ ଦେଖୁଥିବେ ସରକାରୀ ଚାକିରି ଛାଡ଼ି ଯିଏ ରାଜନୀତିରେ ପଶି ଏମ୍‌ଏଲ୍‌ଏ କିମ୍ବା ଏମ୍‌ପି ହୋଇଗଲେ ସେ ତାଙ୍କ ମୂଳ ପେନ୍‌ସନ ସହିତ ଆହୁରି ଦୁଇଟି ପେନ୍‌ସନକୁ ସାନନ୍ଦେ ସ୍ୱାହା କରୁଛନ୍ତି।



ଉଚ୍ଚଶିକ୍ଷାରେ ଗଳାବାଟ ଏତେ ପଡ଼ିଛି ଯେ ଯଦି ସେ ଆଡ଼କୁ ଆପଣ ଆଖି ପକେଇବେ ତା'ହେଲେ ଆପଣଙ୍କ ଆଖି ଉଲୁସି ଉଠିବ। ସରକାର ବା ବିଶ୍ୱବିଦ୍ୟାଳୟ ଆୟୋଗ ଯେବେ ନିୟମ କରିଦେଲେ ପିଏଚ୍.ଡି. ନିହାତି ଦରକାର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ କିମ୍ବା ପ୍ରଫେସର ହେବାକୁ ସେତେବେଳେ ଆପଣ ଦେଖିବେ ସବୁ ପ୍ରତିଯୋଗୀ ପିଏଚ୍.ଡି. ହାସଲ କରିଛନ୍ତି; ମାତ୍ର ଯଦି ଅନୁଧ୍ୟାନ କରିବେ ତେବେ ଜାଣିପାରିବେ ଗଳାବାଟ ଦେଇ ପଶିଛନ୍ତି ମାତ୍ରାଧିକ। ପିଏଚ.ଡି. ପାଇବାକୁ ହେଲେ କିମ୍ବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହେବାକୁ ହେଲେ ଆପଣଙ୍କୁ କିଛି ନିର୍ଦ୍ଦିଷ୍ଟ ପତ୍ରିକାରେ ଆପଣଙ୍କର ଗବେଷଣା ପ୍ରବନ୍ଧ ପ୍ରକାଶ କରିବାକୁ ପଡ଼ିବ। ସେଇଗୁଡ଼ିକ ଭିତରୁ ଅନେକ ହେଉଛନ୍ତି ସେଇ ଗଳାବାଟର ଗୋଟିଏ ଗୋଟିଏ ନମୁନା। ତାକୁ କୁହାଯାଉଛି ପେଡ୍ ଜର୍ନାଲ – ମାନେ ପଇସା ଦିଅ ଓ ଲେଖକ ବନିଯାଅ। ଯେଉଁ ନ୍ୟାୟରେ କୁହାଯାଏ 'ପୈସା ଫେଙ୍କୋ, ତମାସା ଦେଖୋ।'

ଆପଣମାନେ ଲକ୍ଷ୍ୟ କରିଥିବେ ଗୋଟିଏ ଗୋଟିଏ ସହର ବାଟ ଦେଇ ଯେଉଁ ରାସ୍ତା ଯାଉଥିଲା ସେଗୁଡ଼ିକ ଥିଲା ଅତି ଜନାକୀର୍ଣ୍ଣ। ତେଣୁ ସେଥିରୁ ମୁକ୍ତି ପାଇବା ପାଇଁ ସହର କଡ଼ ଦେଇ ଆଉ ଗୋଟିଏ ବାଇପାସ୍ ରୋଡ କରାଯାଉଥିଲା। କିଛି ବାଟ ଗଲାପରେ ବାଇପାସ୍ ରୋଡ୍‌ଟି ମିଶିଯାଉଥିଲା ମୁଖ୍ୟ ରୋଡ୍ ସହିତ; ମାତ୍ର ଅଳ୍ପ କିଛିଦିନ ପରେ ଆସ୍ତେ ଆସ୍ତେ ଦୋକାନ ଉଠିଆସିବ ବାଇପାସ୍ ପାଖକୁ। ଘର, ଦୋକାନ ପୁଣି ତିଆରି ହୋଇଯିବ ନୂଆ ରାସ୍ତା ପାର୍ଶ୍ୱରେ। କିଛିଦିନ ବେଳକୁ ଜଣାଯିବ ନୂଆ ରୋଡ୍‌ଟି ଯେମିତି ଯାଇଛି ସହର ଭିତରେ। ଅର୍ଥାତ୍ ସରକାରୀ ପଇସା ଶ୍ରାଦ୍ଧ କରି ଯାହା ହୋଇଥିଲା କିଛିବର୍ଷ ତଳେ ତା'ର ଫଳାଫଳ ହେଲା ଶୂନ।

ଆମ ଦେଶରେ ଆପଣ ଯାହା ଚାହିଁବେ ତା'ର ଗୋଟିଏ ଦୁଇନମ୍ବର ମାନକ ଆପଣଙ୍କୁ ମିଳିଯିବ। ଆପଣ ସମ୍ବଲପୁରୀ ଶାଢ଼ି ଭଲ ପାଆନ୍ତି। ପିନ୍ଧିବାକୁ ଚାହାନ୍ତି; ମାତ୍ର ଦର ଅଧିକ। ଆପଣଙ୍କ ବଜେଟ ତାକୁ ପାଉନି। ଆପଣ ଦେଖିବେ ସମ୍ବଲପୁରୀ ପ୍ରିଣ୍ଟରେ ସୌଖୀନ ଲୁଗାମାନ।

ଆଜିକାଲି ଯଦି କୌଣସି ପ୍ରତିଯୋଗିତା ପରୀକ୍ଷା ହୁଏ କିଛି ଦଲାଲ ପରୀକ୍ଷାରେ ସେମାନେ ଅଭିଳଷିତ ଫଳ ଆଣିଦେଇ ପାରିବାର ଦାବି କରନ୍ତି ଆଉ ଗଳାବାଟ ଦେଇ ପଶିବାକୁ ଚାହୁଁଥିବା କିଛି ପ୍ରତିଯୋଗୀ ସେମାନଙ୍କ କବଳରେ ପଡ଼ନ୍ତି। ଆଉ ଯଦି ଭାଗ୍ୟ ଯୋଗରୁ ସେମାନଙ୍କ ଭିତରୁ କେହି ପାଇଯାଆନ୍ତି ଦଲାଲର ହାତ ଚିକ୍କଣ ହୁଏ; ମାତ୍ର ସଂସ୍ଥା ବଦନାମ ହୁଏ। ଗଳାବାଟ ଦେଇ ରେଲ୍‌ୱେ ଚାକିରି କରିବାକୁ ଚାହୁଁଥିବା ଥୋକେ ପ୍ରତିଯୋଗୀ କିଛିବର୍ଷ ତଳେ ପରୀକ୍ଷା ଦେଇଥିଲେ। ସେମାନଙ୍କୁ ଗଳାବାଟ ଦେଇ ପୂରେଇ ଦେବାକୁ କହୁଥିବା ଲୋକ ଏବଂ ସଂସ୍ଥା ଆଉ ଗୋଟେ ପାଦ ଆଗେଇ ଯାଇ ସେମାନଙ୍କୁ ନିଯୁକ୍ତି ପତ୍ର ମଧ୍ୟ ଦେଇ ଦେଇଥିଲେ; ମାତ୍ର ସେମାନେ ଯେତେବେଳେ ଯୋଗଦେବାକୁ ଗଲେ ଜଣାପଡ଼ିଲା ଯେ ସେଇ ନିଯୁକ୍ତି ପତ୍ର ସବୁ ନକଲି। ଆଉ ଧରାପଡ଼ି ହଟହଟା ହେଲେ ମଧ୍ୟସ୍ଥବାବୁ ଏବଂ ତା' ସହିତ ସେଇ ବିଭାଗର କିଛି ସନ୍ଦେହଯୁକ୍ତ ଅଧିକାରୀ।

କମ୍ ପରିଶ୍ରମ କରି କିଛି ବୁଦ୍ଧି ଆଉ ଦୁର୍ବୁଦ୍ଧି ଯୋଡ଼ି ଦେଇ ଯେଉଁମାନେ ସଫଳତା ହାସଲ କରିବାକୁ ଚାହାନ୍ତି ସେମାନେ ଏଇ ଗଳାବାଟ ଖୋଜନ୍ତି; ମାତ୍ର ଯୁଗେ ଯୁଗେ କୁହାଯାଇଛି ସଫଳତା ପାଇଁ କିଛି ସଂକ୍ଷିପ୍ତ ବାଟ ନାହିଁ। ସେଥିପାଇଁ ଦରକାର କଠିନ ଅଧ୍ୟବସାୟ ଓ ତା' ପୂର୍ବରୁ ଏକ ସୁଚିନ୍ତିତ ଯୋଜନା। କଳେବଳେ କୌଶଳେ ଯେଉଁମାନେ ଥରେ ଅଧେ ଗଳାବାଟ ଦେଇ ସଫଳତା ପାଇଯା'ନ୍ତି ସେମାନେ ପହଞ୍ଚୁ ପହଞ୍ଚୁ ତାଙ୍କର କଳା କାରନାମା ଆରମ୍ଭ କରଦିଅନ୍ତି। ଲକ୍ଷ୍ୟ ହାସଲ ହୋଇଗଲେ ତାଙ୍କର ସବୁ ଆଶା ପୂରଣ ହୋଇଗଲା ବୋଲି ସେମାନଙ୍କର ଧାରଣା; ମାତ୍ର ଗାନ୍ଧିଜୀ ଯେଉଁ ଧାରା ସୃଷ୍ଟି କରିଥିଲେ ତାହା ଥିଲା ଏହାର ବିପରୀତ। ତାଙ୍କ ମତରେ ଲକ୍ଷ୍ୟ ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ହେଉଛି ଲକ୍ଷ୍ୟପଥରେ ଯାତ୍ରା। ଆଜିକାଲି ଗଳାବାଟରେ ଯାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଚାହୁଁଥିବା ଲୋକମାନେ ବୁଝିବା ଦରକାର ସେଠାରେ ପହଞ୍ଚିବା ଅପେକ୍ଷା ଲକ୍ଷ୍ୟସ୍ଥଳ ଆଡ଼କୁ ଯେଉଁ ଯାତ୍ରା ତାହା ଅଧିକ ଗୁରୁତ୍ୱ ବହନ କରେ। ତାହା ହୁଏ ଅଧିକ ସ୍ମରଣୀୟ ଓ ମାର୍ମିକ। ସୁବିଧାବାଦରେ ବିଶ୍ୱାସ କରୁଥିବା ଆଜିକାଲିର ସଂଖ୍ୟାଧିକମାନେ କ'ଣ ଏକଥା ଶୁଣିବେ! ଖାଲି ତାଚ୍ଛଲ୍ୟ ପାଇବା ହିଁ ସାର।

ମୋ–୯୪୩୮୪୮୨୯୧୧

# ମାଟି ଓ ମେଘର ମହାମିଳନ



ବିମଳ ପ୍ରସନ୍ନ ଦାସ

ଓଡ଼ିଶାର ରଜପର୍ବ ତା'ର ନିଜସ୍ୱ ସଂସ୍କୃତି ଓ ପରମ୍ପରାର ଅଲିଭା ଆଲେଖ୍ୟ। ମାଟି ଆଉ ମେଘର ହୁଏ ମହାମିଳନ। ଓଡ଼ିଶାର ଉପକୂଳବର୍ତ୍ତୀ ଗାଁ ଗହଳିରେ ମୁଖରିତ ହୁଏ କିଶୋରୀମାନଙ୍କର ମନମତାଣିଆ ସଙ୍ଗୀତର ଝଙ୍କାର।

''ବନସ୍ତେ ଡାକିଲା ରଜ – ବରଷକେ ଥରେ ଆସିଛି ରଜ ଲୋ ଘେନି ନୂଆ ସଜବାଜ।''

x x x ''ଯାରେ ରଜଦୋଳି ଉଡ଼ି ଯା – ମାଟି ମୋର ମରମ କଥା ମେଘ ଲୋକେ କହି ଆ।''

ଏହି ପରିପ୍ରେକ୍ଷୀରେ ସ୍ୱତଃ ମନେ ପଡ଼ିଯାଏ ମହାକବି କାଳିଦାସଙ୍କ ବର୍ଣ୍ଣିତ କାଳଜୟୀ କୃତି 'ମେଘଦୂତମ୍' – ଯେଉଁଥିରେ ନାୟକ ତା'ର ମରମ କଥା ନାୟିକା ନିକଟକୁ ମେଘ ମାଧ୍ୟମରେ ପ୍ରେରଣା କରିଛି। ଜ୍ୟେଷ୍ଠ ଶେଷ, ଆଷାଢ଼ର ଆରମ୍ଭ ଭୂମି ସହ ଭୂମାର, ଧରିତ୍ରୀ ସହ ଆକାଶର ମିଳନ ବେଳା – ତୃଷାର୍ତ୍ତ ଧରିତ୍ରୀ ଆଷାଢ଼ର ଆଶ୍ଳେଷ ପାଇଁ ଚାହିଁ ରହିଥାଏ। ନିଜକୁ ପୁଷ୍ପବତୀ କରିବାର ଦୁର୍ବାର ଆକାଙ୍କ୍ଷା। ଏ ସମୟରେ ନାରୀ ଓ ମାଟି ଉଭୟ ସମାନ। ଉଭୟ ଈଶ୍ୱରଙ୍କ ଅନୁପମ ସୃଷ୍ଟି। ନାରୀ ପ୍ରେମ, ତ୍ୟାଗ, ତିତିକ୍ଷା, ଶ୍ରଦ୍ଧା, ସମ୍ବେଦନା ଏବଂ ସହାନୁଭୂତି ଦେଇ ତା'ର ଉତ୍ତରାଧିକାରୀକୁ ପୃଥିବୀକୁ ଆଣେ, ଲାଳନ ପାଳନ କରେ। ପ୍ରକୃତି ମଧ୍ୟ ଠିକ୍ ଅନୁରୂପ। ତା' ଗର୍ଭରେ ବୀଜ ଅଙ୍କୁରିତ ହୁଏ, ପତ୍ର, ଫୁଲ, ଫଳ ଧରେ। ସକଳଙ୍କ ପାଇଁ ବଞ୍ଚିବାର ମାଧ୍ୟମ ପାଲଟିଯାଏ। ବିରକ୍ତି ଓ ବିରାମ ନାହିଁ। ପ୍ରତିବାଦର ପ୍ରଶ୍ନ ଅବାନ୍ତର। କେତେ ପ୍ରୀତିପଦ, ସୁନ୍ଦର ଓ ଆହ୍ଲାଦିନୀ ସିଏ। ମଣିଷ ମାଟିର ସେବା କରେ। ପ୍ରଣାମ କରେ ତାକୁ।

ରଜ ଆମ ରାଜ୍ୟରେ ଏକ କୃଷି ପ୍ରଧାନ ପର୍ବ ମଧ୍ୟ। ତେଣୁ କୃଷକ ମାଟିକୁ ରଜ ୩ଦିନ ଆରାଧନା କରେ। ଅନ୍ୟ ଅର୍ଥରେ କହିଲେ, ନାରୀ ପରି ମାଟି ରଜ ୩ଦିନ ଋତୁମତି ହୁଏ। ତାକୁ ଛୁଇଁବା ମନା। ସେ ନିଜକୁ ପ୍ରସ୍ତୁତ କରିନିଏ ନିର୍ଦ୍ଦିଷ୍ଟ ଭାବରେ ପୃଥିବୀର କଲ୍ୟାଣ ଲାଗି। କାରଣ ଏକ ସୁଖ, ସମୃଦ୍ଧି ଭବିଷ୍ୟତକୁ ଜନ୍ମଦେବା ତା'ର ଲକ୍ଷ୍ୟ। ଏହି ତ୍ରିଦିବସୀୟ ପର୍ବର ଶେଷ ଦିନଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଏହାକୁ 'ଧରିତ୍ରୀ ସ୍ନାନ' କୁହାଯାଏ। ଏହି ୩ ଦିନ ଲଙ୍ଗଳ ଲୁହା, ଶିଳପୁଆ, କୃଷିର ଅନ୍ୟ ସକଳ ଉପକରଣ ଓ ଉପଯୋଗୀ ଉପାଦାନକୁ ଧୋଇ ପୂଜା କରିବାର ବିଧି ରହିଛି। ହଳଦୀପାଣିରେ ଏ ସବୁକୁ ସ୍ନାନକରାଇ ନୂତନ ବସ୍ତ୍ର ପିନ୍ଧାଇ ଦିଆଯାଏ। ଚନ୍ଦନ, ସିନ୍ଦୂର ଓ କଜଳରେ ମଣ୍ଡି ଦିଆଯାଏ। ପୂଜା ଶେଷରେ ପ୍ରଣାମ କରି ମା 'ଧରିତ୍ରୀର' ଆଶିଷ ଭିକ୍ଷା କରାଯାଏ।



ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ରଜ ଏକ ବହୁ ଆକାଙ୍କ୍ଷିତ ପର୍ବ। କୃଷକ ସମେତ ସ୍ଥାନୀୟ ଲୋକେ ଆନନ୍ଦରେ ଅପେକ୍ଷା କରିଥାନ୍ତି ଏହି ଗଣପର୍ବକୁ। ଝିଅମାନେ ନୂଆ ବେଶଭୂଷାରେ ମଣ୍ଡିତ ହୋଇଯାନ୍ତି। ଆପାଦମସ୍ତକ ବିଭିନ୍ନ ରଙ୍ଗର ସମାହାର। ପାଦରେ ଅଳତା, ମଥାରେ ଟିପି ଟିପି ଚନ୍ଦନ ଓ ଆଖିରେ ଆକର୍ଷଣୀୟ କଜଳ। ସେମାନଙ୍କ କଣ୍ଠରୁ ଝରି ଆସେ ନିଜ ଭାଇ ନିମନ୍ତେ ଶୁଭ କାମନାର ମନମତାଣିଆ ରଜଦୋଳି ଗୀତ ଯଥା : ''ରଜ ଦୋଳି କଟମଟ – ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଏ ଝଟଝଟ।'' ତା' ସହିତ ଆହୁରି ଥଟ୍ଟାମଜା ଓ ହସ କୌତୁକର ମନଛୁଆଁ ଆଳାପ। ସେଇମାନଙ୍କ କଣ୍ଠରୁ ପୁଣି ଝରିଯାଏ ଝିଅ ଜୀବନର ନିରାଟ ବାସ୍ତବତାର ଚିତ୍ର। ଝିଅ ଜନମ ପର ଘରକୁ – ''ଘର ଉପରେ ଘର – ଘରେ ଥିଲାବେଳେ ଘରର ଝିଅ ଲୋ – ଏରୁଣ୍ଡି ଡେଇଁଲେ ପର''। ଅର୍ଥାତ୍ ଏହି ରଜଦୋଳି ଗୀତ ମାଧ୍ୟମରେ ଫୁଟିଉଠେ ଝିଅବୋହୂମାନଙ୍କର ହସ, କାନ୍ଦ ଓ ସୁଖ–ଦୁଃଖର ଦୈନନ୍ଦିନ ଜୀବନର ଚିତ୍ର।

ଓଡ଼ିଶାରେ ରଜଦୋଳି ମୁଖତଃ ୨ପ୍ରକାରର। ଗୋଟିଏ ରଜଦୋଳି ଗୀତ ଓ ଅନ୍ୟଟି କେଳୁଣୀର ଦୋଳି ଗୀତ। ଗାଁ ଗହଳିରେ କେଳୁଣୀମାନେ ବାଉଁଶ ଦୋଳିରେ ବସି ଗୀତ ବୋଲନ୍ତି। ସେମାନେ ଗୀତ ମାଧ୍ୟମରେ ଶ୍ରୀଜଗନ୍ନାଥ ଓ ରଥଯାତ୍ରାର ବର୍ଣ୍ଣନା କରିବାର ପରମ୍ପରା ରହିଛି।

କେବଳ ଓଡ଼ିଶାରେ ନୁହେଁ, ପୃଥିବୀର ବହୁ ସ୍ଥାନରେ ବର୍ଷାଋତୁର ଆରମ୍ଭରେ ଭୂମିପୂଜାର ପରମ୍ପରା ରହିଛି। ମାତ୍ର ଓଡ଼ିଶାର ରଜପର୍ବ ତା'ର ନିଜସ୍ୱ ସଂସ୍କୃତି। ଅନ୍ୟ କୌଣସି ସ୍ଥାନରେ ଏପରି ୩ଦିନ ରଜପର୍ବ ପାଳିତ ହେବାର ଦୃଷ୍ଟାନ୍ତ ପ୍ରାୟ ଦେଖାଯାଏ ନାହିଁ।

ସଜବାଜଠାରୁ ଆରମ୍ଭକରି ରଜ ୪ଦିନ ଯାକ ଘରେ ବହୁ ପ୍ରକାର ପିଠାପଣା – ଯଥା ପୋଡ଼ପିଠା, ଚକୁଳି, ଏଣ୍ଡୁରି, ମଣ୍ଡା, ଆରିଶା, କାକରା ଇତ୍ୟାଦିରେ ପରିବେଶ ମହକି ଯାଏ। କିଶୋରୀମାନେ ଘରକୁ ଘର ବୁଲି ସାଇ ପଡ଼ିଶାରେ ପିଠା ବାଣ୍ଟନ୍ତି। ଆଜି ଆଧୁନିକ ସଭ୍ୟତାରେ ରଜପର୍ବର ମୌଳିକତା ହଜିଗଲାଣି। କେବଳ ବିଧିବିଧାନରେ ସୀମିତ।

ମୋ : ୯୪୩୮୧୮୬୨୨୬

# ପାଠକ ଶ୍ରେଷ୍ଠ ବିଚାରକ

## ଆଚରଣ, ଉଚ୍ଚାରଣକୁ ସମୀକ୍ଷା କରିବା ଉଚିତ

ମହାଶୟ,

ବହୁମତରେ ଭାଜପା ୨ଥର ବିଜୟ ହାସଲ କରିବା ପରେ ଏହାର ଦଳୀୟ କର୍ମକର୍ତ୍ତା ଏବଂ ସଙ୍ଗଠନର କର୍ମୀମାନେ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି କଟୁ ଟିପ୍ପଣୀ ଦେବା ଏକ ନିତିଦିନିଆ ବ୍ୟାପାର ପାଲଟିଛି। ଏହା ସହ କେତେକ ନ୍ୟୁଜ୍ ଚ୍ୟାନେଲ ଏହାର ମଧ୍ୟମ ପାଲଟିବାରୁ ସମଗ୍ର ଦେଶର ଭାବମୂର୍ତ୍ତି କଳଙ୍କିତ ହେବାରେ ଲାଗିଛି। ଏପରିକି ଏହା ସାମାଜିକ ଗଣମାଧ୍ୟମରେ ଅସଭ୍ୟ ସ୍ତରକୁ ଚାଲିଯାଉଛି। ବିଶେଷକରି ଭାଜପା ନେତା, ମନ୍ତ୍ରୀ, କର୍ମକର୍ତ୍ତାଙ୍କ ଆଚରଣ ଓ ଉଚ୍ଚାରଣ ଯୋଗୁ ସମଗ୍ର ଦେଶରେ ଅସ୍ଥିରତା ସୃଷ୍ଟି ହେଉଛି। ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ରାଜନୈତିକ ଦଳଗୁଡ଼ିକ ଅଶୋଭନୀୟ ତଥା ବିବାଦୀୟ ମନ୍ତବ୍ୟ ଦେବାରୁ ବିରତ ରହିବା ବାଞ୍ଛନୀୟ ହୋଇ ଥିବାବେଳେ ଭାଜପା ନେତାଙ୍କ ଆଚରଣ ଉଚ୍ଚାରଣ ଯୋଗୁ ବିଭିନ୍ନ ଅଘଟଣ ଘଟି ଦେଶର କ୍ଷତି ହେଉଛି। କେବଳ ସେତିକି ନୁହେଁ, ଏଥିପାଇଁ କେହି ନିନ୍ଦା କରୁ ନ ଥିବାରୁ ସେମାନଙ୍କୁ ଏକ ପ୍ରକାର ଉତ୍ସାହିତ କରାଯାଉଥିବା ମନେହେଉଛି। ବହୁ ସମୟରେ ଆପତ୍ତିଜନକ ଟିପ୍ପଣୀର କାର୍ଯ୍ୟାନୁଷ୍ଠାନ ପରେ ଏଥିପାଇଁ ଉଠିଥିବା ଝଡ଼ ଶାନ୍ତ ହେଉ ନ ଥିବାରୁ ଆନ୍ତର୍ଜାତିକ ସ୍ତରରେ ଭାରତର ଭାବମୂର୍ତ୍ତି ନଷ୍ଟ ହେଉଛି। ଭାରତକୁ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଶୁଣିବାକୁ ପଡୁଛି ଓ ସେମାନଙ୍କ ନିକଟରେ ନରମିବାକୁ ହେଉଛି। ଏହା ଭାରତୀୟଙ୍କ ପାଇଁ ଲଜ୍ଜାର ବିଷୟ। ଏଭଳି ଆଚରଣ ଉଚ୍ଚାରଣକୁ ଭାଜପା ସମୀକ୍ଷା କରିବା ଉଚିତ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଖୁସି ପାଇବାର ସରଳ ଉପାୟ

ଅଭିଭାବକମାନଙ୍କୁ ଅନୁରୋଧ ସେମାନେ ନିଜ ପୁଅଝିଅଙ୍କର ଜାତକ ମେଳାଇ ବିବାହ କରାନ୍ତୁ। ବିବାହ ପରେ ସ୍ୱାମୀସ୍ତ୍ରୀ ନିଜ ନିଜର ସୀମାରେଖା ଭିତରେ ରୁହନ୍ତୁ ଓ ସାମାଜିକ ନୀତିନିୟମ ମାନି ଚଳନ୍ତୁ। ବାସ୍ତୁ ନିୟମ ମାନିଲେ ଘର ପରିବାରରେ ଖୁସି ବିରାଜମାନ କରେ। ଏଣୁ ଘରୁ ବାହାରିବା ଓ ଘରକୁ ଫେରିବା ବେଳେ ଚଉଁରାକୁ ଦର୍ଶନ କରନ୍ତୁ। ଚଉଁରାକୁ ଦର୍ଶନରେ ମନ ସକାରାତ୍ମକ ରହେ। ଶୋଉଥିବା ଖଟରେ ଯଦି ୬ ଖଣ୍ଡ ପଟା ପଡ଼ିଥାଏ ତେବେ ସେଠାରେ ୭ ଖଣ୍ଡ ପଟା ପକାନ୍ତୁ। କାରଣ ୬ ଖଣ୍ଡ ବାଉଁଶରେ ଶବ ଯାଏ। ତେଣୁ ୬ ଖଣ୍ଡ ପଟାରେ ଶୋଇଲେ ମନ ବିଚଳିତ ହୁଏ। ଘରର ଦକ୍ଷିଣ–ପଶ୍ଚିମ କୋଣରେ ହନୁମାନଙ୍କ ମନ୍ଦିରରେ ଉଡୁଥିବା ପତାକା ଆଣି ଟାଙ୍ଗିଲେ ଅନେକ ସମସ୍ୟାର ସମାଧାନ ହୋଇଯିବ।

**ଚକ୍ରଧର ରାଉତ, ପଦୁଆଁପଦା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଜୀବନରେ ରିକ୍ସାଚାଳକ ଭାବେ ଏକ କଷ୍ଟକର ଜୀବନ ବଞ୍ଚିବାର ଅନୁଭୂତି ଥିଲା ହରିୟାଣାର ଧରମବୀର କାମ୍ବୋଜଙ୍କର। ଦିଲ୍ଲୀରେ ରିକ୍ସା ଚଳାଇ ଅନେକ ରାତି ବସ୍‌ଷ୍ଟାଣ୍ଡରେ ଶୋଇଛନ୍ତି। ଯମୁନାନଗର ଜିଲାର ଡାମଲା ଗାଁର ଧରମବୀର ଏହି ସଂଘର୍ଷମୟ ଜୀବିକାରେ ସୀମିତ ନ ରହି ଆଗକୁ ବଢ଼ି ସଫଳ ଆବିଷ୍କାରକ ହୋଇ ପାରିଛନ୍ତି। କୃଷିକ୍ଷେତ୍ରରେ ନୂତନ ଚିନ୍ତାଧାରା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ସେଥିପାଇଁ ତାଙ୍କୁ ଲୋକେ କହୁଛନ୍ତି କିଷାନ ଧରମବୀର। ତାଙ୍କ ଦ୍ୱାରା ନିର୍ମିତ ଛୋଟ ମଲ୍ଟିପର୍ପୋଜ ଫୁଡ୍ ପ୍ରୋସେସିଂ(ଏମ୍‌ପିପି) ମେଶିନ ପ୍ୟାଣ୍ଟେଟ ପ୍ରାପ୍ତ ହେବା ପରେ ସେ ବହୁ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି। ଧରମବୀରଙ୍କ ବୟସ ୫୯। ସେ କୃଷିକାର୍ଯ୍ୟରେ ବ୍ୟସ୍ତ ରହିବା ସହ କୃଷି ମେଶିନ ଆବିଷ୍କାର କରିଛନ୍ତି ଓ ଜଣେ ଉଦ୍ୟୋଗୀ ବି ହୋଇଯାଇଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ଫୁଡ୍ ପ୍ରୋସେସିଂ ମେଶିନରେ ପରିବା, ଫଳ, ମଞ୍ଜି ଆଦି ପ୍ରୋସେସିଂ କରାଯାଉଛି ଓ ଏହା ଏବେ ୧୫ ଦେଶରେ ବ୍ୟବହାର କରାଯାଉଛି। ଧରମବୀର ସାରା ଭାରତରେ ପ୍ରୋସେସିଂ ଉପରେ ୭,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜୁନ୍ ୧୯୯୭

- ଜାତିସଂଘ ମହାସଚିବ କୋଫି ଆନ୍ନନ ମାନବିକ ଅଧିକାରର ହାଇକମିଶନର ଭାବେ ଆୟର୍ଲାଣ୍ଡର ରାଷ୍ଟ୍ରପତି ମ୍ୟାରି ରବିନସନ୍‌ଙ୍କୁ ନିଯୁକ୍ତ କରିଛନ୍ତି।
- ଦକ୍ଷିଣ ଦିଲ୍ଲୀର ଗ୍ରୀନ୍‌ପାର୍କ ଏରିଆରେ ଅବସ୍ଥିତ 'ଉପହାର' ସିନେମାହଲ୍‌ରେ ଅଗ୍ନିକାଣ୍ଡ ଘଟି ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ।
- ଥମସନ କଞ୍ଜୁମର ଇଲେକଟ୍ରୋନିକ୍ସ ଗ୍ରୁପ୍ ପକ୍ଷରୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ସଚିନ ତେନ୍ଦୁଲକରଙ୍କୁ 'ମାଷ୍ଟର ବ୍ଲାଷ୍ଟର' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଯୌବନ ତବ ତୋଳି ଧରିଅଛି
ପୂଜାଫୁଲ ସମ ରୂପ
ପୀରତି–ବେଦୀରେ ଜାଳିଦିଅ ସେହି
ସୁବାସିତ ଦେହ–ଧୂପ।
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆଜି ପହିଲି ରଜ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)



ବନସ୍ତେ ଡାକିଲା ଗଜ... ବରଷକେ ଥରେ ଆସିଛି ରଜ...। ବର୍ଷକ ପରେ ପୁଣି ଆସିଛି ଗଣପର୍ବ ରଜ। ମଙ୍ଗଳବାର ପହିଲି ରଜ। ଘରେ ଘରେ ପୋଡ଼ପିଠାର ମହକ ସାଙ୍ଗକୁ ପାନର ରଙ୍ଗରେ କୁଆଁରୀଙ୍କ ଓଠ ଝଲସିବ। ଏଥିସହ ସେମାନେ ମେହେନ୍ଦୀ କରିବା ସହ ସଜବାଜ ହୋଇ ନୂଆ ଡ୍ରେସ୍ ପିନ୍ଧି ସାଙ୍ଗମାନଙ୍କ ସହିତ ଦୋଳି ଖେଳିବେ। ସେହିପରି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଆୟୋଜନ କରାଯାଇଛି। ମହାମାରୀ କରୋନା ଯୋଗୁ ୨ବର୍ଷ ହେବ ରଜପର୍ବ ଫିକା ପଡ଼ିଥିଲା। ତେବେ ଚଳିତ ବର୍ଷ ଏହାକୁ କିପରି ଧୁମ୍‌ଧାମ୍‌ରେ ପାଳନ କରାଯିବ ସେ ନେଇ ପ୍ରସ୍ତୁତି ଶେଷ ହୋଇଛି।

## ଓଟିଡିସି ପକ୍ଷରୁ 'ପିଠା ଅନ୍ ହ୍ୱିଲ' ସାଙ୍ଗକୁ ଦୋଳିର ମଜା



ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏଥର ମଧ୍ୟ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ କରାଯିବ। କରୋନା କଟକଣା ଉଠିବା ପରେ ଏଥର ଧୁମ୍‌ଧାମ୍‌ରେ ରଜ ପାଳନ ହେବ। ଏହାକୁ ଦୃଷ୍ଟିରେ ରଖି ପାନ୍ଥନିବାସ ଠାରେ ସୋମବାର 'ରଜ ମହୋତ୍ସବ' ଓ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପହିଲି ରଜ ଠାରୁ ୩ଦିନ ପର୍ଯ୍ୟନ୍ତ ଶହୀଦ ନଗର ପୂଜା ମଣ୍ଡପ ପଡ଼ିଆରେ ରଜ ମହୋତ୍ସବ ଓ ସ୍ୱତନ୍ତ୍ର ପ୍ରଦର୍ଶନୀ ହେବ। ସେହିପରି ପୋଡ଼ପିଠା, କାକରା, ଆରିସା, ମହୁଲ ପିଠା ଭଳି ବିଭିନ୍ନ ରକମର ପିଠା ଏହା ମାଧ୍ୟମରେ ବିକ୍ରି କରାଯିବ। ପୋଡ଼ପିଠାର ଦାମ୍ ୪୦୦ ଟଙ୍କା (୧ କେଜି) ଥିବାବେଳେ କାକରା, ଖିରଗଜା, ଆରିସା, ମଣ୍ଡା, ଲବଙ୍ଗଲତା (ଗୋଟା) ୨୦ ଟଙ୍କା, ଛେନାପୋଡ଼ (୧୦୦ ଗ୍ରାମ୍) ୫୦ ଟଙ୍କା, ମହୁଲ ପିଠା (ଗୋଟା) ୪୦ ଟଙ୍କା ରହିଛି। ପାନ୍ଥ ନିବାସ ସମେତ ନିମନ୍ତ୍ରଣ ରେଷ୍ଟୁରାଣ୍ଟ, କିଟ୍ ଛକ, ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ ପଡ଼ିଆ ଏବଂ ରାଜ୍ୟ ସଂଗ୍ରହାଳୟ ଠାରେ ସୁସ୍ୱାଦୁ ପାରମ୍ପରିକ ଓଡ଼ିଆ ପିଠା ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ଶହୀଦନଗର ପୂଜା ମଣ୍ଡପ ପଡ଼ିଆରେ ରଜଦୋଳିର ବ୍ୟବସ୍ଥା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ଓଟିଡିସି ପକ୍ଷରୁ ସୂଚନା ଦିଆଯାଇଛି।




## ଗୋଟିଏ କ୍ଲିକ୍‌ରେ ରଜପାନ

ରଜରେ ପାନର ଭିନ୍ନ ଏକ ସ୍ୱତନ୍ତ୍ରତା ରହିଛି। ପୋଡ଼ପିଠା ବିନା ଯେପରି ରଜ ଅଧୁରା, ପାନ ବିନା ସେପରି ଫିକା । ବର୍ଷସାରା ପାନ ଠାରୁ ଯେତେ ଦୂରେଇ ରହିଲେ ବି ରଜ ତିନିଦିନ ପାଇଁ ସବୁ ମାଫ୍। ପାନ ଖାଇ ପାଟି ନାଲି କରିବାକୁ ଝିଅମାନଙ୍କୁ ଏହି ଦିନରେ ଅନୁମତି ମିଳିଯାଏ। ତେଣୁ ରଜରେ ପାନର ଚାହିଦା ବଢ଼ିଯାଏ। ଏହାକୁ ଦୃଷ୍ଟିରେ ରଖି ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଏହି ଦୌଡ଼ରେ ସାମିଲ ହୋଇଛି ଶହୀଦ ନଗର ବନାରସ ପାନ ଭଣ୍ଡାର। ଦିଲ୍‌ଖୁସ୍ ପାନ, ଦିଲ୍‌ବାହାର, ଦିଲ୍ ଦିୱାନା, ବଣ୍ଟି ବବ୍‌ଲି ପାନ, ଲଭର୍ସ ଗିଫ୍ଟ, ଡାଏଟ୍ ପାନ, ମଲାଇ ପାନ, ପାନ ସେକ୍, ପାନ ଲସି ଠାରୁ ଆରମ୍ଭ କରି ବିଭିନ୍ନ ଫ୍ଲେଭରର



ପାନ ଯଥା ଷ୍ଟ୍ରବେରୀ ଫ୍ଲେବର, ଚକୋଲେଟ୍ ଫ୍ଲେବର, ଅରେଞ୍ଜ ଫ୍ଲେବର, ପିଲାଙ୍କ ପାଇଁ ଚକୋଜ୍ ପାନ, କିଟ୍‌କାଟ ପାନ, ଚୁସ୍‌କି ପାନ, ଓରିଓ ପାନ,



ଲଡୁ ମିଠାଇ ପାନ ଓ ବିଭିନ୍ନ ଡ୍ରିମ୍ ନାଇଟ୍ ପାନ ଭଳି ୧୩୪ ପ୍ରକାରରୁ ଊର୍ଦ୍ଧ୍ୱ ପାନ ଏଠାରେ ମିଳୁଛି। ଚଳିତ ଥର ଗ୍ରାହକଙ୍କ ଲାଗି ଆସିଛି 'ମ୍ୟାଜିକ୍ ପାନ'। ଏଗୁଡ଼ିକର ଦାମ୍ ୨୦ଟଙ୍କା ଠାରୁ ଆରମ୍ଭ ହୋଇ ୧୧୧୧ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ଟ୍ରାଡ଼ିସିନାଲ୍ ଗିଫ୍ଟ ପ୍ୟାକ୍‌ରେ ରଜ କର୍ପୋରେଟ ଗିଫ୍ଟ, ରଜୱାଡ଼ି ବାସ୍କେଟ, ସିଲ୍କ ପାନ ବାସ୍କେଟ, ଅଲ୍‌ୱେଜ୍ ଫରଏଭର୍, ଫାର୍ଷ୍ଟ ନାଇଟ୍ ପାନ ଭଳି ଗିଫ୍ଟ ପ୍ୟାକ୍ ରହିଛି। ଗୋଟିଏ କ୍ଲିକ୍‌ରେ କିପରି ଘରେ ବସି ଭେରାଇଟି ପାନର ମଜା ନେଇ ପାରିବେ, ସେ ନେଇ ଅନ୍‌ଲାଇନ୍‌ର ବ୍ୟବସ୍ଥା କରାଯାଇଛି ବୋଲି ବନରସ ପାନ ଭଣ୍ଡାରର ମାଲିକ ରମାକାନ୍ତ ସେନାପତି କହିଛନ୍ତି। ସ୍ୱିଗି, ଉପହାର ଡଟ୍ କମ୍, ମୋ ବିବିଏସ୍‌ଆର୍ ଏବଂ www.banarasipanbhandar.com ମାଧ୍ୟମରେ ଗ୍ରାହକ ପାନ ପାଇଁ ଅର୍ଡର କରି ପାରିବେ।




## ପାତ୍ରପଡ଼ାରେ ଜମିବ ଦୋଳି ଖେଳ

ପ୍ରତିବର୍ଷ ପାତ୍ରପଡ଼ାର ମହାରାଜା କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଗାଁ ଖେଳପଡ଼ିଆରେ ୧ଶହରୁ ଊର୍ଦ୍ଧ୍ୱ ଦୋଳି ଲାଗିଥାଏ। ଏଥର ମଧ୍ୟ ଦୋଳି ଖେଳ ଜମିବ। ଝିଅମାନେ ଦୋଳି ଖେଳିବା ପାଇଁ ଏଠାକୁ ବହୁ ଦୂରରୁ ଏପରିକି ସହର ବାହାରୁ ଆସିଥାନ୍ତି। ଏଥର ଦୋଳି ଖେଳ ସହ ମୀନାବଜାର ଏବଂ ଖାଦ୍ୟର ପସରା ଜମିବ। ପୁଚି, ଖୋଟି, ହୁଳହୁଳି, ଶଙ୍ଖଫୁଙ୍କା, ମ୍ୟୁଜିକ୍ ଚେୟାର ଠାରୁ ଆରମ୍ଭ କରି କବାଡ଼ି ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ରଜ ଉତ୍ସବ'

ପହିଲି ରଜରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ସୂଚନା ଭବନରେ 'ରଜ ମଉଜ' ଅନୁଷ୍ଠିତ ହେବ। ଓଡ଼ିଆଣୀମାନଙ୍କୁ ନେଇ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ମାଟିର ମହକ ଥିବା ପରମ୍ପରା, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯିବ। ପୋଡ଼ପିଠା ଓ ରଜ ପାନ ସହ କବିତା ପାଠୋତ୍ସବ, ସଙ୍ଗୀତ ଓ ନୃତ୍ୟ ଆଦିର ସମଷ୍ଟିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଏହି ଉତ୍ସବକୁ ପାଳିବେ। ଅପରାହ୍ନ ୫ଘଟିକାରୁ କବିତା ପାଠୋତ୍ସବରୁ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ରଜ ଗୀତ, ଓଡ଼ିଆ ସଙ୍ଗୀତ ସହ ନୃତ୍ୟ ପରିବେଷଣ ହେବ। ଏହା ସହ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା ପ୍ରମୁଖଙ୍କ ସ୍ୱରରେ ମନଛୁଆଁ ଓଡ଼ିଆ ସଂଗୀତ ମଧ୍ୟ ପରିବେଷିତ ହେବ। ସେହିପରି ଜୟ ମା' ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ରଜ ଉତ୍ସବ' ପାଳନ କରାଯିବ। ଟ୍ରଷ୍ଟ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚ ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରରେ ୫ମ ବାର୍ଷିକ ରଜ ଉତ୍ସବ ପାଳନ କରାଯିବ। ଏଥିରେ ସମାଜର ବିଭିନ୍ନ ସ୍ତରରେ ମାନବ କଲ୍ୟାଣ ପାଇଁ କାମ କରୁଥିବା ବ୍ୟକ୍ତିମାନଙ୍କୁ 'ସେବାରତ୍ନ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିସହ ରଜଗୀତ, ନାଚ, ପିଠା, ପାନ, ଦୋଳିର ବ୍ୟବସ୍ଥା କରାଯାଇଛି। ଆଲୋକ ଜ୍ୟୋତି ୟୁଥ୍ ପାୱାର କ୍ଲବ୍, ନଛିପୁର ପକ୍ଷରୁ ମଧ୍ୟ ରଜକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ବୁଲାବୁଲିରେ କଟିବ ରଜ

ରଜରେ ବୁଲାବୁଲି ଜମିବ। ବିଶେଷକରି ନନ୍ଦନକାନନ, ଖଣ୍ଡଗିରି, ଉଦୟଗିରି, ରାଜ୍ୟ ସଂଗ୍ରହାଳୟ, ପ୍ଲାନେଟାରିୟମ, ଧଉଳି, ଶିଖରଚଣ୍ଡୀ ଭଳି ସ୍ଥାନରେ ଭିଡ଼ ହୋଇଥାଏ। ଏଥର କରୋନା କଟକଣା ହଟିଥିବାରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଲୋକଙ୍କ ଗହଳି ହେବାର ସମ୍ଭାବନା ରହିଛି।






**କଡ଼ା ସୁରକ୍ଷାରେ ଭୁବନେଶ୍ୱର ଛାଡ଼ିଲେ ଖେଳାଳି**

ଭୁବନେଶ୍ୱର,(ବ୍ୟୁରୋ): କଟକର ବାରବାଟୀ ଷ୍ଟାଡିୟମ୍‌ରେ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳିବାକୁ ଆସିଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନେ ସୋମବାର ଭୁବନେଶ୍ୱର ଛାଡ଼ିଛନ୍ତି। ଅପରାହ୍ନ ପ୍ରାୟ ୩ଟାରେ ପ୍ରଥମେ ଦକ୍ଷିଣଆଫ୍ରିକା ଖେଳାଳିଙ୍କୁ ନେଇ ଦୁଇଟି ବସ୍ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ବାହାରିଥିଲା। ଏହାର କିଛି ସମୟ ପରେ ଭାରତୀୟ ଖେଳାଳିଙ୍କୁ ନେଇ ଦୁଇଟି ବସ୍ ବାହାରିଥିଲା। କମିଶନରେଟ ପୋଲିସ ପକ୍ଷରୁ ଖେଳାଳିଙ୍କ ବସ୍‌କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏସ୍କର୍ଟ କରାଯାଇ ବିମାନବନ୍ଦର ପର୍ଯ୍ୟନ୍ତ ନିଆଯାଇଥିଲା। ପ୍ରାୟ ଅପରାହ୍ନ ୪ଟା ୧୫ରେ ବିମାନବନ୍ଦରରୁ ବିଶାଖାପାଟଣା ଅଭିମୁଖେ ଖେଳାଳିମାନେ ଏକ ସ୍ୱତନ୍ତ୍ର ବିମାନରେ ଯାଇଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୪ତମ ଶ୍ରାଦ୍ଧୋତ୍ସବ, ବାଣୀବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- କୋଠଘର ଆମ ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୯ଟା ୩୦।
- ଜାତୀୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରଜ ନିମନ୍ତ୍ରଣ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ,କଳାଭୂମି ପୋଖରୀପୁଟ୍, ପୂର୍ବାହ୍ନ ୧୦ଟା ୩୦।
- ଧଉଳି ରଜ ମହୋତ୍ସବ, ବୈରଙ୍ଗେଶ୍ୱର ମନ୍ଦିର ନିକଟସ୍ଥ, ଧଉଳି ଶାନ୍ତିସ୍ତୂପ, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଦ୍ୱାରା 'ଲାବଣ୍ୟ ନାଟ୍ୟ ମହୋତ୍ସବ-୨୦୨୨', ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା।
- ୨୨ତମ ରାଜ୍ୟ ସ୍ତରୀୟ ରଜ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ସମ୍ଭାବନା ଓଡ଼ିଆଣୀ ସମିତିର ରଜ ମଉଜ, ସୂଚନା ଭବନ, ଅପରାହ୍ନ ୫ଟା।
- ରଜ ଉତ୍ସବ ପାଳନ ସହିତ ପୁରସ୍କାର ବିତରଣ, ଶତାକ୍ଷୀ ମହିଳା ସଂଗଠନ କାର୍ଯ୍ୟାଳୟ ପ୍ରାଙ୍ଗଣ, କଳିଙ୍ଗ ନଗର, ସନ୍ଧ୍ୟା ୫ଟା।
- ହେଲ୍ପ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ, ଦୁର୍ଗାପୂଜା ପଡ଼ିଆ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- ସିନେ ଅଭିନେତା, ଅଭିନେତ୍ରୀ ଓ ପପୁ ପମ୍‌ପମ୍ ସନ୍ଧ୍ୟା, ଜାଗମରା ଖେଳ ପଡ଼ିଆ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡ଼ାନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖୀ ପୀଠ, ପୂର୍ବାହ୍ନ ୧୦ଟା।
- ସ୍ନାନପୂର୍ଣ୍ଣିମା ଅବସରରେ ଶ୍ରୀ ପତିତପାବନ ଜୀଉଙ୍କ ସ୍ନାନ ଉତ୍ସବ, କାକରୁଦ୍ରପୁର, ପୂର୍ବାହ୍ନ ୧୧ଟା।

**କଟକ**

- ପ୍ରାଚୀ ସାହିତ୍ୟ ସମାଜ ପକ୍ଷରୁ ପ୍ରାଚୀ ସାହିତ୍ୟ ମହୋତ୍ସବ, ଶତାବ୍ଦୀ ଭବନ, ପୂର୍ବାହ୍ନ ୯ଟା।
- ଶ୍ରୀ ଅନନ୍ତ ଗୋପାଳ ଭକ୍ତ ସମାଜ ସେବାସଂଘ ଓ କମିଶନରେଟ ପୋଲିସର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର, ଅନନ୍ତ ଗୋପାଳ ଆଶ୍ରମ, ମହାନଦୀ ବିହାର, ପୂର୍ବାହ୍ନ ୯ଟା ୩୦।
- କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ଗଳ୍ପ ସଂକଳନ 'ଗଳ୍ପଗାଳ୍ପିକ' ଉନ୍ମୋଚନ, ଗାନ୍ଧୀଭବନ, ହାଇକୋର୍ଟ ଛକ, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ରେଡ୍‌କ୍ରସ୍ ସୋସାଇଟି ଓ ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ୍ ସେଣ୍ଟର ପକ୍ଷରୁ ବିଶ୍ୱ ରକ୍ତଦାନ ଦିବସ, ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ପୂର୍ବାହ୍ନ ୧୧ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ କଟକ ଗୁଡ଼ି ଉତ୍ସବର ଉଦ୍‌ଘାଟନ, ବାରବାଟୀ ପ୍ୟାଲେସ୍, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୪ଟା।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ପହିଲି ରଜ ପ୍ରତିଯୋଗିତା, ଭଞ୍ଜ ମଣ୍ଡପ, ମିଶନ ରୋଡ୍, ଅପରାହ୍ନ ୪ଟା ୩୦।
- ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ସାରସ୍ୱତ ସାଧକ ଅନ୍ନଦା ପ୍ରସାଦ ରାୟଙ୍କ ଶ୍ରାଦ୍ଧୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ବୀଣାପାଣି ମହାନ୍ତି ଫାଉଣ୍ଡେଶନ ପକ୍ଷରୁ ବୀଣାପାଣି ମହାନ୍ତିଙ୍କ ୯୫ତମ ଜୟନ୍ତୀ ଉତ୍ସବ, କଳାବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।
- ସୁର ମନ୍ଦିର ପକ୍ଷରୁ ରଜ ମହୋତ୍ସବ, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।

# ୨୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ମାହାଙ୍ଗା ଡବଲ ମର୍ଡର ଘଟଣା**

■ପୋଲିସକୁ ପୁଣି କୋର୍ଟଙ୍କ ତାଗିଦା

ନିଶ୍ଚିନ୍ତକୋଇଲି,୧୩।୬(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫସି କୋର୍ଟ ପୁଣିଥରେ ପୋଲିସକୁ ତାଗିଦା କରିଛନ୍ତି। ଉକ୍ତ ମାମଲାର ଚୂଡ଼ାନ୍ତ ରିପୋର୍ଟ ଆସନ୍ତା ୨୦ ତାରିଖ ସୁଦ୍ଧା ଦାଖଲ କରିବାକୁ ମାହାଙ୍ଗା ପୋଲିସକୁ ନୋଟିସ ଜାରି କରାଯାଇଛି। ମାମଲାର ବିଚାର ପ୍ରକ୍ରିୟା କାହିଁକି ଶିଥିଳ ହୋଇଛି ସେ ସମ୍ପର୍କରେ ଜଣାଇବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ତଦନ୍ତ ବିଳମ୍ବକୁ ବିରୋଧ କରି ଗତ ମେ ୪ରେ ନିହତ କୁଳମଣି ବରାଳଙ୍କ ପୁଅ ରମାକାନ୍ତ କୋର୍ଟରେ ଆବେଦନ କରିଥିଲେ। ଜେଏମ୍‌ଏଫ୍‌ସି କୋର୍ଟ ଏହାର ବିଚାର କରି ତୁରନ୍ତ ରିପୋର୍ଟ ଦେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ଜାନୁୟାରୀ ୨ ସନ୍ଧ୍ୟାରେ ମାହାଙ୍ଗାର ବରିଷ୍ଠ ଭାଜପା ନେତା କୁଳମଣି ବରାଳ (୭୫) ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ରମାକାନ୍ତ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୯ ଜଣଙ୍କୁ ଗିରଫ କରିଥିଲାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଏବେବି ଫେରାର ରହିଛନ୍ତି। ତେବେ ଚାର୍ଜଶିଟରୁ ପୋଲିସ ବିଧାୟକ ଜେନାଙ୍କ ନାମ କାଟି ଦେଇଥିଲା। ଏନେଇ କୋର୍ଟରେ ମାମଲା ଦାଏର ହୋଇଥିଲା।

ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ୍ କହିଛନ୍ତି, ମାହାଙ୍ଗା ଥାନା ଅଧିକାରୀ ନୀହାର ରଞ୍ଜନ ମହାନ୍ତିଙ୍କ ବଦଳି ପରେ ଉକ୍ତ ମାମଲାର ତଦନ୍ତ ଭାର କାହାରିକୁ ଦିଆଯାଇନାହିଁ। ଖୁବଶୀଘ୍ର ଏନେଇ ପଦକ୍ଷେପ ନିଆଯିବ। କୋର୍ଟ ଆଦେଶ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।



ସ୍ନାନପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ଗଜବେଶ ପାଇଁ କଟକ ଫିରିଙ୍ଗିବଜାର ଅଞ୍ଚଳର କାରିଗର ଚନ୍ଦ୍ରଶେଖର ସାହୁ ଗଜମୁଖ ପ୍ରସ୍ତୁତ କରୁଛନ୍ତି।

## ବିପିଏମ୍‌ଙ୍କ ବଦଳିକୁ ବିରୋଧ : ଆଶାକର୍ମୀଙ୍କ ରାସ୍ତାରୋକୋ

ନରସିଂହପୁର,୧୩।୬(ସ୍ୱ.ପ୍ର.)

ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପିଏମ୍ (ବ୍ଲକ ପ୍ରୋଗାମ ମ୍ୟାନେଜର)ଙ୍କ ବଦଳିକୁ ବିରୋଧ କରି ନରସିଂହପୁର ପଞ୍ଚମୁଖୀ ଛକରେ କାର୍ଯ୍ୟରତ ଆଶାକର୍ମୀମାନେ ସୋମବାର ରାସ୍ତାରୋକୋ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ସଞ୍ଜୟ କୁମାର ପରିଡାଙ୍କ ବଡ଼ମ୍ବାସ୍ଥିତ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି ପାଇଁ ନିର୍ଦ୍ଦେଶନାମା ହୋଇଥିଲା। ସେ ଏଠାରୁ ବଦଳି ହେଲେ ବିଭିନ୍ନ କାମରେ ଅସୁବିଧା ହେବ ବୋଲି ଆଶାକର୍ମୀମାନେ ଅଭିଯୋଗ କରିଥିଲେ। ପ୍ରତିବାଦରେ ରାସ୍ତାରୋକୋ ହେବାରୁ ନରସିଂହପୁରରୁ କଟକ ଅଭିମୁଖେ ଯାଉଥିବା ଗାଡିମୋଟର ଚଳାଚଳରେ ବାଧା ଉପୁଜିଥିଲା। ଖବରପାଇ ସ୍ଥାନୀୟ ତହସିଲଦାର ଆଲୋକ କୁମାର ଦେହୁରୀ ଓ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ଦେବାଶିଷ ଜେଠି ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଆଶାକର୍ମୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ବିପିଏମ୍ ପରିଡାଙ୍କ ବର୍ଷେ ପୂର୍ବେ ଏଠାରୁ ନିଶ୍ଚିନ୍ତକୋଇଲି ବ୍ଲକକୁ ବଦଳି ହୋଇଥିଲ। ଏବେ ସେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡେପୁଟେଶନରେ ଆସି କାମ କରୁଛନ୍ତି ବୋଲି ଜେଠି କହିଛନ୍ତି।

# ଗୋଡ଼ାଇ ଗୋଡ଼ାଇ ଛୁରିରେ ଆକ୍ରମଣ

■ରାଜଧାନୀରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

■କମେଣ୍ଟମରା ପ୍ରତିବାଦର ପରିଣତି: ୨ ଆହତ

ଭୁବନେଶ୍ୱର, ୧୩।୬ (ବ୍ୟୁରୋ)

ରାଜଧାନୀର ବାଣୀବିହାର ରେଳଷ୍ଟେଶନ ନିକଟ ଶାନ୍ତିପଲ୍ଲୀ ବସ୍ତିରେ ସୋମବାର ଜଣେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ସମ୍ପୃକ୍ତ ଯୁବକ ହେଲେ ଶିବପ୍ରସାଦ ସାହୁ(୩୯)। ଝିଅଙ୍କୁ କମେଣ୍ଟ ମାରିବା ନେଇ ପ୍ରତିବାଦ କରିଥିବା ବ୍ୟକ୍ତିଙ୍କୁ ଶିବ ଗୋଡ଼ାଇ ଗୋଡ଼ାଇ ଏକ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ଦିଲ୍ଲୀପ କୁମାର କବାଟ (୨୦) ଓ ପ୍ରଶାନ୍ତ କୁମାର ବିଶ୍ୱାଳ ଆହତ ହୋଇଛନ୍ତି। ଦିଲ୍ଲୀପଙ୍କ ଅଭିଯୋଗକ୍ରମେ ଶହୀଦନଗର ଥାନାରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା (ନଂ-୨୬୮/୨୨) ରୁଜୁ କରି ଅଭିଯୁକ୍ତ ଶିବଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଶିବପ୍ରସାଦ ଝାଡ଼ଖଣ୍ଡରୁ ଆସି ବାଣୀବିହାର ରେଳ ଷ୍ଟେଶନ ନିକଟରେ ରହୁଥିଲେ। ସୋମବାର ଷ୍ଟେଶନରୁ ଚାଲିଚାଲି ଯାଉଥିବା କେତେଜଣ ଝିଅଙ୍କୁ ସେ କମେଣ୍ଟ ମାରିଥିଲେ। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିବାରୁ ଶିବ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ସେ ଏକ ଫଳକଟା ଛୁରି ଧରି ଲୋକଙ୍କୁ ହାଣିବାକୁ ଗୋଡ଼ାଇ ଥିଲେ। ଦିଲ୍ଲୀପ ଓ ପ୍ରଶାନ୍ତ ଛୁରାମାଡ଼ର ଶିକାର ହେବା ସହ ଶିବଙ୍କୁ କୌଶଳ କ୍ରମେ କାବୁ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଶିବଙ୍କୁ ଧରି ଥାନାକୁ ନେଇଥିଲା। ପଚରାଉଚରା ପରେ ଶିବଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ପୋଲିସ ସନ୍ଦେହ କରୁଛି।

# ଜଳିଗଲା ହୋଟେଲ, ଟ୍ରାନ୍ସଫର୍ମର

■ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ

■ ହୋଟେଲର ବିଭିନ୍ନ ସାମଗ୍ରୀ ପୋଡ଼ିଗଲା

ଭୁବନେଶ୍ୱର,୧୩।୬(ବ୍ୟୁରୋ)





ଶହୀଦନଗର ଥାନା ପାର୍ଶ୍ୱରେ ଥିବା ଏକ ଝୁମ୍ପୁଡ଼ି ହୋଟେଲରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ହୋଟେଲଟି ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିସହ ନିଆଁହୁଲ ପବନରେ ଉଡ଼ି ନିକଟସ୍ଥ ଟ୍ରାନ୍ସଫର୍ମରରେ ପଡ଼ିବାରୁ ତାହା ମଧ୍ୟ ଜଳିଯାଇଛି। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଛନ୍ତି। ଅଗ୍ନିକାଣ୍ଡ ଯୋଗୁ ହୋଟେଲରେ ଥିବା ଏକ ଗ୍ୟାସଟାଙ୍କି ଫାଟିଯାଇଥିଲା। ସେଠାରେ ଥିବା ୨ରୁ ଅଧିକ ଫ୍ରିଜ, ଅନ୍ୟାନ୍ୟ ସାମଗ୍ରୀ ଏବଂ ହୋଟେଲ କଡ଼ରେ ଥିବା ଏକ ସ୍କୁଟି ନିଆଁରେ ଜଳି ନଷ୍ଟ ହୋଇଯାଇଛି। ଅଗ୍ନିଶମ କର୍ମଚାରୀମାନେ ହୋଟେଲ ମଧ୍ୟରୁ ୩ଟି ବଡ଼ ଟାଙ୍କି ସହ ଗୋଟିଏ ଛୋଟ ଟାଙ୍କି କାଢ଼ିବାରେ ସକ୍ଷମ ହୋଇଥିଲେ।

ଘଟଣା ସମ୍ପର୍କରେ କଳ୍ପନା ଫାୟାର ଷ୍ଟେଶନର ମୁଖ୍ୟ ଆଗ୍ନିକ କୈଳାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ହୋଟେଲରେ କୌଣସି କର୍ମଚାରୀ ନାହାନ୍ତି। ସ୍ଥାନୀୟ ଲୋକେ ମଧ୍ୟ କେମିତି ନିଆଁ ଲାଗିଲା କହିପାରୁନାହାନ୍ତି। ଶର୍ଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଆମେ ଘଟଣାରେ ସମ୍ପୂର୍ଣ୍ଣ ରିପୋର୍ଟ ଆଣିନାହୁଁ। ହୋଟେଲର ମାଲିକ କିଏ ତାହା ଜାଣିବାକୁ ପ୍ରୟାସ ଚାଲିଛି ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ହୋଟେଲ ସରକାରୀ ଜାଗାରେ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା, କିଛିଦିନ ହେଲା ହୋଟେଲ ବନ୍ଦ ଥିଲା। ୮ ଦିନ ତଳେ ଆଉ ଜଣେ ହୋଟେଲକୁ କିଣିଥିଲେ। ହେଲେ ଚଳାଉ ନ ଥିଲେ। ଅନ୍ୟପକ୍ଷରେ ନିକଟରେ ଟ୍ରାନ୍ସଫର୍ମର ଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ହୋଟେଲ ବନ୍ଦ କରି ଜାଗା ଖାଲିକରିବାକୁ ମାଲିକଙ୍କୁ କୁହାଯାଇଥିଲା। କିନ୍ତୁ ହୋଟେଲ ମାଲିକ ଉକ୍ତ ସ୍ଥାନକୁ ଖାଲି ନ କରି ବିଳମ୍ବ କରୁଥିଲେ। ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟା ୧୫ରେ ଅନ୍ୟାୟ କୁମାର ପତି ନାମକ ବ୍ୟକ୍ତି ଫାୟାର କଣ୍ଟ୍ରୋଲ ରୁମ୍‌କୁ ଫୋନ କରି ଅଗ୍ନିକାଣ୍ଡ ଘଟିଥିବା ଜଣାଇଥିଲେ। କଳ୍ପନାଛକ ସ୍ଥିତ ଫାୟାର ଷ୍ଟେଶନର ୨ଟି ଗାଡ଼ି ସହ ମୁଖ୍ୟ ଆଗ୍ନିକ ଟିମ ନେଇ ପହଞ୍ଚିଥିଲେ। ସେତେବେଳେ ହୋଟେଲ ହୁ ହୁ ହୋଇ ଜଳୁଥିଲା। କୌଣସି ଅଘଟଣ ଘଟିବା ଆଶଙ୍କା ଥିବାରୁ ଖଣ୍ଡଗିରି ଆଡ଼କୁ ଯାଉଥିବା ଗାଡ଼ିଗୁଡ଼ିକ ରାସ୍ତାରେ ଅଟକି ରହିଥିଲା। କିଛି ସମୟ ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ୧ଘଣ୍ଟା ଧରି ପରିଶ୍ରମ ଦ୍ୱାରା ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବବ୍ରତ



@ ପାର୍ଥ



@ ପ୍ରିୟରଞ୍ଜନ



@ ସୁନନ୍ଦା



@ ସନ୍ଦିପ୍



@ ସୁଦର୍ଶନ

# ୧୨.୬ ଗ୍ରାମ୍ ବ୍ରାଉନସୁଗାର ଜବତ: ୩ ଗିରଫ

ଭୁବନେଶ୍ୱର, ୧୩।୬(ବ୍ୟୁରୋ)

ଭେରାଇଟି ଦୋକନରେ ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ସାଲିଆସାହିରେ ରହୁଥିବା ନୟାଗଡ଼ ଜିଲା ରଣପୁର ଅଞ୍ଚଳର ସତ୍ୟଜିତ୍ ପ୍ରଧାନ(୩୦)। ତାଙ୍କଠାରୁ ୬.୬ ଗ୍ରାମ ବ୍ରାଉନସୁଗାର ସହ ୫ଟି ଚୋରା ମୋବାଇଲ ଓ ୫ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୮୭/୨୨) ରୁଜୁ କରିଛି।

ସେହିପରି ବ୍ରାଉନସୁଗାର ବେପାର କରୁଥିବା ବେଳେ ଭରତପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭରତପୁର ଅଞ୍ଚଳର ଅନ୍‌ସର ଖାନ ଓ ପୁରୀ ଜିଲାର ମନୋରଞ୍ଜନ ରଥ । ଏମାନଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗାର ଓ ୧ ହଜାର ଟଙ୍କା ଜବତ କରାଯାଇଛି। ଏଥିସହ ପୋଲିସ ଏନ୍‌ଡିପିଏସ ଆକ୍ଟ ୨୧(ବି)ରେ ଏକ ମାମଲା (ନଂ.୨୪୩/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଭୁବନେଶ୍ୱରସ୍ଥିତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ କନ୍‌ଫରେନ୍ସ ହଲ୍‌ରେ ସୋମବାର ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ୧୭ତମ ଶ୍ରାଦ୍ଧୋତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।



ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୪ତମ ଶ୍ରାଦ୍ଧୋତ୍ସବ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସମାଧି ଦିବସର ଅବ୍ୟବହିତ ପୂର୍ବରୁ ସୋମବାର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ।




ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ଜନକଲ୍ୟାଣ ଭବନରେ ସାହିତ୍ୟ ପତ୍ରିକା 'ବୋଉ'ର ଲେଖିକା ବୁନି ତ୍ରିପାଠୀଙ୍କ କବିତା ସଂକଳନ 'ଅନ୍ତିମ ଅଭିଳାଷ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

**କୁଳାଧିପତି ପଦରୁ ରାଜ୍ୟପାଳଙ୍କୁ ହଟାଇବା ପାଇଁ ବିଲ୍ ଗୃହୀତ**

ପଶ୍ଚିମବଙ୍ଗର ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟର କୁଳାଧିପତି ପଦରୁ ରାଜ୍ୟପାଳଙ୍କୁ ହଟାଯାଇ ତାଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀ ଉକ୍ତ ପଦବୀରେ ରହିବେ। ଏଥିପାଇଁ ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ବିଲ୍ ଗୃହୀତ ହୋଇଛି। ଏହାକୁ ଭାଜପା ବିଧାୟକମାନେ ବିରୋଧ କରିଥିଲେ। ତେବେ ବିଲ୍ ସପକ୍ଷରେ ୧୮୩ ଭୋଟ ପଡ଼ିଥିବାବେଳେ ବିରୋଧରେ ମାତ୍ର ୪୦ ଭୋଟ ଯାଇଥିଲା।



## ସଂକ୍ଷେପରେ

### ଦେଶ ଛାଡ଼ିପାରନ୍ତି ୮ ହଜାର ଅତି ଧନୀ

**ନୂଆଦିଲ୍ଲୀ,୧୩।୬:** ଚଳିତ ବର୍ଷ ଭାରତରୁ ପ୍ରାୟ ୮,୦୦୦ ଅତି ଧନୀ ଅନ୍ୟ ଦେଶକୁ ପଳାଇଯାଇପାରନ୍ତି ବୋଲି ଏକ ନୂଆ ଅଧ୍ୟୟନରେ କୁହାଯାଇଛି। ଭାରତରେ କଠୋର ଟିକସ ନିୟମାବଳୀ ଏବଂ ରିପୋର୍ଟିଂ ଆବଶ୍ୟକତା ସହ ଦୃଢ଼ ପାସ୍‌ପୋର୍ଟ ନିୟମ ଦେଶାନ୍ତର ଗମନର ମୁଖ୍ୟ କାରଣ ବୋଲି ହେନ୍‌ଲି ଗ୍ଲୋବାଲ ସିଟିଜେନ୍ସ ରିପୋର୍ଟରେ କୁହାଯାଇଛି। ଏହି ସଂସ୍ଥା ଘରୋଇ ସମ୍ପତ୍ତି ଓ ବିଶ୍ୱବ୍ୟାପୀ ନିବେଶ ସ୍ଥାନାନ୍ତର ଟ୍ରେଣ୍ଡକୁ ଚିହ୍ନଟ କରିଥାଏ। ଏହାର ରିପୋର୍ଟ ଅନୁଯାୟୀ ଯୁବ ପ୍ରଯୁକ୍ତି ଉଦ୍ୟୋଗୀମାନେ ବିଶ୍ୱସ୍ତରୀୟ ବ୍ୟବସାୟ ଓ ପୁଞ୍ଜିନିବେଶ ସୁଯୋଗ ହାସଲ ପାଇଁ ଆଗ୍ରହୀ। ତେଣୁ ସେମାନେ ଦେଶ ବାହାରକୁ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ରିପୋର୍ଟରେ ଆହୁରି ଆକଳନ କରାଯାଇଛି ଯେ ଆଗାମୀ ୧୦ ବର୍ଷରେ ଭାରତରେ ଡଲାର ନିୟୁତପତି ଓ ଅରବପତିଙ୍କ ସଂଖ୍ୟା ୮୦ ପ୍ରତିଶତ ବୃଦ୍ଧି ପାଇବ। ଏହା ତୁଳନାରେ ଆମେରିକାରେ ୨୦ ପ୍ରତିଶତ ଏବଂ ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ବ୍ରିଟେନରେ ୧୦ ପ୍ରତିଶତ ବଢ଼ିବ ବୋଲି କୁହାଯାଇଛି। ଡଲାର ମିଲିଅନେୟାରଙ୍କ ପ୍ରବେଶ ଓ ପ୍ରସ୍ଥାନକୁ ହିସାବ କଲେ ଚଳିତ ବର୍ଷ ପ୍ରାୟ ୮ ହଜାର ଧନୀଙ୍କୁ ଭାରତ ହରାଇପାରେ ବୋଲି କୁହାଯାଉଛି। ଏହା ତୁଳନାରେ ଦେଶରେ ଅଧିକ ନୂଆ ନିୟୁତପତି ସୃଷ୍ଟି ହେବେ। ଏହା ବ୍ୟତୀତ ଦେଶରେ ଜୀବନଧାରଣ ମାନରେ ଉନ୍ନତି ହେଲେ ଅଧିକ ଧନୀ ଭାରତ ଫେରିବେ ବୋଲି ରିପୋର୍ଟରେ କୁହାଯାଇଛି। ଚଳିତ ବର୍ଷ ୟୁଏଇ ସର୍ବାଧିକ ନିବେଶ ଆକୃଷ୍ଟ କରିବ। ଏହା ପଛକୁ ଅଷ୍ଟ୍ରେଲିଆ, ସିଙ୍ଗାପୁର, ଇସ୍ରାଏଲ୍ ଓ ସୁଇଜରଲାଣ୍ଡ ରହିବ ବୋଲି ହେନ୍‌ଲି ପ୍ରାଇଭେଟ ୱେଲ୍‌ଥ ମାଇଗ୍ରେଶନ ଡ୍ୟାସ୍‌ବୋର୍ଡ ପୂର୍ବାନୁମାନ କରିଛି।

### ବିକ୍ଷୋଭକାରୀ ବିଦେଶୀଙ୍କୁ ବିଦା କରିବ କୁଏଟ୍

**କୁଏଟ୍ ସିଟି, ୧୩।୬:** ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି କୁଏଟ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବିଦେଶୀ ନାଗରିକଙ୍କୁ ବିଦା କରିବାକୁ ସେଠାକାର ସରକାର ନିଷ୍ପତ୍ତି ନେଇଛନ୍ତି। ଭାଜପା ପୂର୍ବତନ ନେତ୍ରୀ ନୂପୁର ଶର୍ମା ଓ ନବୀନ କୁମାର ଜିନ୍ଦଲଙ୍କ ମନ୍ତବ୍ୟ ଉପରେ କୁଏଟ୍‌ରେ ବେଆଇନ ଭାବେ ବିକ୍ଷୋଭ କରାଯାଇଥିବା କୁହାଯାଇଛି। ଏଥିରେ ଭାରତ, ବାଂଲାଦେଶ, ପାକିସ୍ତାନ ସମେତ ଅନ୍ୟ ଦେଶର ନାଗରିକ ସାମିଲ ହୋଇଥିଲେ। ଏବେ ସେମାନଙ୍କୁ ନିଜ ଦେଶକୁ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ସେମାନେ ପୁନର୍ବାର କୁଏଟ୍‌କୁ ଫେରିବା ଉପରେ ମଧ୍ୟ କଟକଣା ଲଗାଯାଇଛି। କୁଏଟ୍‌ରେ ପ୍ରଚଳିତ ଆଇନ ଅନୁସାରେ, ସେଠାରେ ପ୍ରବାସୀମାନେ କୌଣସି ପ୍ରକାର ବିକ୍ଷୋଭ କିମ୍ବା ଆନ୍ଦୋଳନ କରିପାରିବେ ନାହିଁ। ଏହା ସତ୍ତ୍ୱେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ଏବେ ଏହି ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ଆଗକୁ ଅନ୍ୟ ଦେଶର ନାଗରିକ ସେଠାରେ ଆଇନକୁ ହାତକୁ ନେବାର ଆଶଙ୍କା ରହିଥିବା କୁଏଟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଦେଶର ଆଇନକାନୁନ୍‌କୁ ସମସ୍ତ ବିଦେଶୀ ନାଗରିକ ମାନି କୌଣସି ପ୍ରକାର ଆନ୍ଦୋଳନ କିମ୍ବା ବିକ୍ଷୋଭରେ ସାମିଲ ନ ହେବା ଉଚିତ ବୋଲି କୁଏଟ କର୍ତ୍ତୃପକ୍ଷ କହିଛନ୍ତି।

### ପ୍ରଫେଟ ବିବାଦ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ: ବାଂଲାଦେଶ ମନ୍ତ୍ରୀ


ହାସନ୍ ମହମଦ୍

**ଢାକା, ୧୩।୬:** ଭାଜପାର ଦୁଇ ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଓ ନବୀନ କୁମାର ଜିନ୍ଦଲ ପ୍ରଫେଟ ମହମ୍ମଦଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ଦେଖା ଦେଇଥିବା ବିବାଦ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ବାଂଲାଦେଶ ମନ୍ତ୍ରୀ ହାସନ୍ ମହମଦ୍ କହିଛନ୍ତି। ଏହା ବାଂଲାଦେଶ କିମ୍ବା ଅନ୍ୟ କୌଣସି ଇସ୍‌ଲାମୀୟ ରାଷ୍ଟ୍ରରେ ଦୃଷ୍ଟି ଆକର୍ଷଣ କରିବା କଥା ନୁହେଁ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ହାସନ୍ ସରକାରଙ୍କ ସମାଲୋଚକଙ୍କୁ ଜବାବ ଦେଇଛନ୍ତି। ଏଥିସହ ନୂପୁର ଓ ନବୀନଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ସେ ସ୍ୱାଗତ କରିଛନ୍ତି। ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ଏବଂ ସେମାନଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶା ରହିଥିବା ସେ ପ୍ରକାଶ କରିଛନ୍ତି।

# ରାହୁଲଙ୍କୁ ଇଡି ଜେରା: କଂଗ୍ରେସର ସତ୍ୟାଗ୍ରହ

## ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲା



**ନୂଆଦିଲ୍ଲୀ,୧୩।୬(ପି.ଟି.)**

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୯ ଘଣ୍ଟା ଜେରା କରିଛି। ମଙ୍ଗଳବାର ପୁଣି ଜେରା ନିମନ୍ତେ ହାଜର ହେବା ଲାଗି ଇଡି କଂଗ୍ରେସ ନେତାଙ୍କୁ ସାନି ସମନ ଜାରି କରିଛି। ସୋମବାର ପୂର୍ବାହ୍ନ ୧୧ଟା ୧୦ ମିନିଟରେ ରାହୁଲ ବହୁସଂଖ୍ୟାରେ ଦଳୀୟ ନେତା ଓ ସମର୍ଥକଙ୍କ ସହ ଇଡି ମୁଖ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ ପ୍ରମୁଖ ଥିଲେ। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାହୁଲଙ୍କୁ ଗାଡ଼ିରେ ଇଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ନେଇଥିଲେ। ପ୍ରଥମ ରାଉଣ୍ଡ ଜେରା ବେଳେ ମନିଲଣ୍ଡରିଂ ପ୍ରତିକାର ଆଇନର ଧାରା ୫୦ରେ ରାହୁଲ ନିଜ ବୟାନ ଲେଖିଥିଲେ। ମଧ୍ୟାହ୍ନ ଭୋଜନ ବିରତି ପରେ ପୁନର୍ବାର ଜେରା କରାଯାଇଥିଲା।

ରାହୁଲ ଇଡି କାର୍ଯ୍ୟାଳୟ ଅଭିମୁଖେ ଯାଉଥିବାବେଳେ ଦଳୀୟ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବା ପରେ ଅନେକ କଂଗ୍ରେସ ନେତା ଧାରଣାରେ ବସିଥିଲେ। ଆନ୍ଦୋଳନକାରୀଙ୍କୁ ହଟାଇବା ପାଇଁ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ବହୁସଂଖ୍ୟାରେ କଂଗ୍ରେସ ନେତାଙ୍କୁ ଅଟକ ରଖାଯାଇ ତୋଗଲକ୍ ରୋଡ୍ ଥାନାକୁ ନିଆଯାଇଥିଲା।

ଇଡି କାର୍ଯ୍ୟାଳୟ ନିକଟରେ ୧୪୪ ଧାରା ଜାରି ସହ ବିକ୍ଷୋଭ ଶୋଭାଯାତ୍ରା ପାଇଁ ଅନୁମତି ଦେବାକୁ ଦିଲ୍ଲୀ ପୋଲିସ ମନା କରିଦେଇଥିଲା। ଏହା ସତ୍ତ୍ୱେ କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ ଲାଗି ବିକ୍ଷୋଭ କରିଥିଲା। ସୋମବାର ମଧ୍ୟପ୍ରଦେଶ, ଆସାମ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କେରଳ ଆଦି ବିଭିନ୍ନ ରାଜ୍ୟରେ କଂଗ୍ରେସ ସତ୍ୟାଗ୍ରହ କରିଥିଲା। ବିରୋଧୀଙ୍କ ମୁହଁ ବନ୍ଦ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କେନ୍ଦ୍ରୀୟ ଏଜେନ୍ସିକୁ ବ୍ୟବହାର କରୁଥିବା କଂଗ୍ରେସ ଅଭିଯୋଗ କରିଛି। ରାହୁଲଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ। ଏହା ଭାଜପାର ରାଜନୈତିକ ଷଡ଼ଯନ୍ତ୍ର ବୋଲି କଂଗ୍ରେସ କହିଛି।

କଂଗ୍ରେସ ପରିଚାଳିତ ୟଙ୍ଗ ଇଣ୍ଡିଆନ୍ ପ୍ରା. ଲିଃ ମାଲିକାନାରେ ଥିବା ନ୍ୟାଶନାଲ ହେରାଲ୍ଡ ଖବରକାଗଜ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍) ଦ୍ୱାରା ପ୍ରକାଶିତ ହେଉଛି। ଉକ୍ତ ଖବରକାଗଜରେ ଆର୍ଥିକ ଅନିୟମିତତାକୁ ନେଇ ଇଡି ତଦନ୍ତ ଚଳାଇଛି। ଏହି ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡି ସମନ କରିଥିଲେ ହେଁ କୋଭିଡ୍ ଆକ୍ରାନ୍ତ ଥିବାରୁ ସେ ଅଧିକ ସମୟ ମାଗିଥିଲେ। ଏହି ମାମଲାରେ ଗତ ଏପ୍ରିଲରେ ଇଡି ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପଓ୍ୱନ ବଂଶଲଙ୍କୁ ଜେରା କରିଥିଲା।


କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦରେ ଅଗରତାଲାରେ ଦଳୀୟ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

### ଚିଦାମ୍ବରମଙ୍କ ହାଡ଼ ଭାଙ୍ଗିଲା ପୋଲିସ

ରାହୁଲ ଗାନ୍ଧୀଙ୍କୁ ଇଡି ସମନ ବିରୋଧରେ ଦଳ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ବଳ ପ୍ରୟୋଗ କରିଛି। ଏଥିରେ ବରିଷ୍ଠ ନେତା ପି. ଚିଦାମ୍ବରମଙ୍କ ପଞ୍ଜରା ହାଡ଼ରେ ସାମାନ୍ୟ ଫାଟ ସୃଷ୍ଟି ହୋଇଛି।

ଏଆଇସିସି ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି, କଂଗ୍ରେସ ପକ୍ଷରୁ ଇଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଚିଦାମ୍ବରମଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ ତାଙ୍କ ପଞ୍ଜରା ହାଡ଼ ଭାଙ୍ଗିଯାଇଛି। ମୋଦି ସରକାର ବର୍ବରତାର ସବୁ ସୀମା ଅତିକ୍ରମ କଲେଣି। ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟ ପ୍ରମୋଦ ତିୱାରୀଙ୍କୁ ଦିଲ୍ଲୀ ପୋଲିସ ରାସ୍ତାକୁ ଫୋପାଡ଼ି ଦେଇଥିଲା। ତାଙ୍କ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି। ଏହା କ'ଣ ଗଣତନ୍ତ୍ର ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ଚିଦାମ୍ବରମ ଟୁଇଟ୍ କରି ନିଜ ହାଡ଼ ଭାଙ୍ଗିଥିବା କଥା ସ୍ପଷ୍ଟ କରିଛନ୍ତି।

## ୧୫ରେ ବନ୍ଦ ହେବ ଇଣ୍ଟରନେଟ୍ ଏକ୍ସପ୍ଲୋରର



**ୱାଶିଂଟନ୍, ୧୩।୬**

ମାଇକ୍ରୋସଫ୍ଟର ସର୍ବପୁରାତନ ବ୍ରାଉଜର ଇଣ୍ଟରନେଟ୍ ଏକ୍ସପ୍ଲୋରର୍ (ଆଇଇ) ଦୀର୍ଘ ୨୭ ବର୍ଷ ଧରି ସେବା ପ୍ରଦାନ ପରେ ଆସନ୍ତା ୧୫ ତାରିଖରେ ବନ୍ଦ ହେବ। ଏ ନେଇ ମାଇକ୍ରୋସଫ୍ଟ ପକ୍ଷରୁ ଘୋଷଣା କରାଯାଇଛି। ଜୁନ୍ ୧୫ ପରେ ଆଇଇ ଡେସ୍କଟପ୍ ଆପ୍ ଆପେ ଆପେ କାମ କରିବା ବନ୍ଦ ହୋଇଯିବ। ଆଇଇ ବ୍ୟବହାର କରୁଥିବା ୟୁଜର୍ସଙ୍କୁ ମାଇକ୍ରୋସଫ୍ଟ ଏଜ୍‌କୁ ରିଡାଇରେକ୍ଟ କରାଯିବ। ଅର୍ଥାତ ଆଇଇରୁ ଯେଉଁ ସେବା ମିଳୁଥିଲା ଏବେ ତାହା ମାଇକ୍ରୋସଫ୍ଟ ଏଜ୍‌ରୁ ୟୁଜର୍ସ ପାଇପାରିବେ। ୧୯୯୫ରେ ପ୍ରଥମେ ଇଣ୍ଟରନେଟ୍ ଏକ୍ସପ୍ଲୋରର ଆଡ୍-ଅନ୍ ପ୍ୟାକେଜ୍ ଭାବେ ୱିଣ୍ଡୋଜ୍ ୯୫ ପାଇଁ ରିଲିଜ ହୋଇଥିଲା। ପରେ କମ୍ପାନୀ ଏହି ବ୍ରାଉଜରକୁ ଉକ୍ତ ପ୍ୟାକେଜର ଅଂଶ ଭାବେ ମାଗଣା କରିଥିଲା। ୨୦୦୩ରେ ଇଣ୍ଟରନେଟ ଏକ୍ସପ୍ଲୋରରକୁ ସର୍ବାଧିକ ୯୩% ୟୁଜର୍ସ ବ୍ୟବହାର କରିଥିବା ରେକର୍ଡ ହୋଇଥିଲା। ହେଲେ ପରେ ଆଇଇ ନିଜ ପୂର୍ବ ସ୍ଥିତି ବଜାୟ ରଖିବାରେ ବିଫଳ ହେବାରୁ ଏହାର ୟୁଜର୍ସ କମିବାରେ ଲାଗିଲେ। ତେଣୁ କମ୍ପାନୀ ଗତ ବର୍ଷ ମେ'ରେ ଏହି ବ୍ରାଉଜରକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲା।

# ଶକ୍ତି କପୁରଙ୍କ ପୁଅ ସିଦ୍ଧାନ୍ତ ଗିରଫ

**ବେଙ୍ଗାଲୁରୁ, ୧୩।୬**

ବେଙ୍ଗାଲୁରୁର ଏକ ପଞ୍ଚତାରକା ହୋଟେଲରେ ରେଭ୍ ପାର୍ଟି ଚାଲିଥିବାବେଳେ ହାଲାସୁରୁ ପୋଲିସ ସୋମବାର ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ବଲିଉଡ୍ ଅଭିନେତା ଶକ୍ତି କପୁରଙ୍କ ପୁଅ ସିଦ୍ଧାନ୍ତ କପୁର ରହିଛନ୍ତି। ପାର୍ଟିକୁ ନିମନ୍ତ୍ରଣ ହୋଇଥିବା ୩୫ ଗେଷ୍ଟଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଅଟକ ଥିବା ୫ ଜଣ ଡ୍ରଗ୍ସ ସେବନ କରିଥିଲେ ବୋଲି ଟେଷ୍ଟ ରିପୋର୍ଟରୁ ଜଣାପଡ଼ିଛି। ସେମାନଙ୍କ ନାମରେ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଆକ୍ଟରେ ମାମଲା ରୁଜୁ ହୋଇଥିବା ଜିଲା ପୋଲିସ ଅଧିକାରୀ ଭୀମାଙ୍କର ଏସ୍ ଗୁଲେଡ୍ କହିଛନ୍ତି। ସିଦ୍ଧାନ୍ତ 'ଶୁଟ୍‌ଆଉଟ୍ ଆଟ୍ ୱାଡଲା', 'ହସିନା ପାର୍କର', 'ଜଜ୍‌ବା' ଆଦି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ପୁଅ ଗିରଫ ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅଭିନେତା ଶକ୍ତି କପୁର କହିଛନ୍ତି, ଏ ସବୁ ବିଷୟରେ ତାଙ୍କୁ କିଛି ଜଣାନାହିଁ। ଏକ ଫୋନ୍ କଲ୍ ଆସିବା ପରେ ସିଦ୍ଧାନ୍ତଙ୍କୁ ପୋଲିସ ଅଟକ ରଖିଥିବା ଜାଣିବାକୁ ପାଇଲି। ଏହା ସମ୍ଭବ ନୁହେଁ ବୋଲି ଶକ୍ତି କପୁର କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରେ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ମାମଲାରେ ଡ୍ରଗ୍ସ ଲିଙ୍କ ସାମ୍ନାକୁ ଆସିଥିଲା। ଏହି ମାମଲାରେ ଶକ୍ତି କପୁରଙ୍କ ଝିଅ ଶ୍ରଦ୍ଧା କପୁରଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପଚରାଉଚରା କରିଥିଲା।


ସିଦ୍ଧାନ୍ତ କପୁର | ଶକ୍ତି କପୁର

### ରେଭ୍ ପାର୍ଟିରେ ଚଢ଼ାଉ

### ଡ୍ରଗ୍ସ ମାମଲାରେ ସେଲିବ୍ରିଟି

➡ ୨୦୨୦ରେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ଡ୍ରଗ୍ସ କବଳରେ ବଲିଉଡ୍‌କୁ ନେଇ ଅନେକ ରିପୋର୍ଟ ସାମ୍ନାକୁ ଆସିଥିଲା। ସୁଶାନ୍ତ ଡ୍ରଗ୍ସ ସେବନ କରୁଥିବା ଏବଂ ଏହି କାରବାରରେ ଅନ୍ୟ ସେଲିବ୍ରିଟିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆସିବା ପରେ ଏନ୍‌ସିବି ବହୁ ହାଇ-ପ୍ରୋଫାଇଲ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା।

➡ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ସମେତ ଦିପିକା ପାଡୁକୋନ, ଶ୍ରଦ୍ଧା କପୁର, ସାରା ଅଲ୍ଲୀ ଖାନ୍, ରକୁଲ ପ୍ରୀତ୍ ସିଂ, ଅର୍ଜୁନ ରାମପାଲ, ମଡେଲ ଗାବ୍ରିଏଲା ଡେମାଟ୍ରିଏଡ୍‌ସ ପ୍ରମୁଖ ସମନ ପାଇ ଏନ୍‌ସିବି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତେବେ ସେମାନଙ୍କ ବିରୋଧରେ ସେପରି କିଛି ପ୍ରମାଣ ଏନ୍‌ସିବି ହାସଲ କରିପାରି ନ ଥିଲା।

➡ ଗତ ବର୍ଷ ଅକ୍ଟୋବରରେ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ମୁମ୍ବାଇ କ୍ରୁଜ୍‌ରେ ଏକ ରେଭ୍ ପାର୍ଟିରୁ ଗିରଫ କରାଯାଇଥିଲା। ପ୍ରାୟ ମାସେ ଧରି ଜେଲରେ ରହିବା ପରେ ଆର୍ଯ୍ୟନଙ୍କୁ କ୍ଲିନ୍‌ଚିଟ୍ ମିଳିଥିଲା। ଆର୍ଯ୍ୟନଙ୍କ ସାଙ୍ଗ ତଥା ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଏନ୍‌ସିବି ଏହି ମାମଲାରେ ପଚରାଉଚରା କରିଥିଲା।

➡ ୧୯୮୨ରେ ଅଭିନେତା ସଞ୍ଜୟ ଦତ୍ତ ଡ୍ରଗ୍ସ ରଖିବା ଅଭିଯୋଗରେ ଗିରଫ ହୋଇଥିଲେ। ଡ୍ରଗ୍ସ କବଳରୁ ମୁକ୍ତି ପାଇଁ ତାଙ୍କ ସଂଘର୍ଷକୁ ନେଇ ରାଜକୁମାର ହିରାନିଙ୍କ ଦ୍ୱାରା ନିର୍ମିତ ବାୟୋପିକ୍ 'ସଞ୍ଜୁ'ରେ ଦେଖିବାକୁ ମିଳିଥିଲା।

➡ ୨୦୦୧ରେ ବଲିଉଡ୍ ଅଭିନେତା ଫର୍ଦିନ ଖାନ୍ ମୁମ୍ବାଇରେ କୋକେନ୍ କିଣିବା ଅଭିଯୋଗରେ ଗିରଫ ହୋଇଥିଲେ। ସେ ଏଥିପାଇଁ ନିଶାମୁକ୍ତି କେନ୍ଦ୍ରରେ ଚିକିତ୍ସିତ ହେବା କଥା ମଧ୍ୟ ସର୍ବସାଧାରଣରେ କହିଥିଲେ।

➡ ୯୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କ ନାଁ ଏକ ବଡ଼ ଧରଣର ଡ୍ରଗ୍ସ ର୍ୟାକେଟରେ ସାମ୍ନାକୁ ଆସିଥିଲା। ମାମଲାରେ ମୁମ୍ବାଇ ପୋଲିସ ପ୍ରାୟ ୨ ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ କରିଥିଲା।

➡ ଗତ ବର୍ଷ ଅଗଷ୍ଟରେ ବିଗ୍‌ବସ୍ ପ୍ରତିଯୋଗୀ ଅରମାନ୍ କୋହଲିଙ୍କ ମୁମ୍ବାଇସ୍ଥିତ ଘରୁ ଡ୍ରଗ୍ସ ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା।

# ସ୍କୁଲ୍ ପିଲାଙ୍କ ଟିକାକରଣ ବଢ଼ାଅ

**ନୂଆଦିଲ୍ଲୀ,୧୩।୬**

- ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ
- ବଢ଼ୁଛି କୋଭିଡ୍ ସଂକ୍ରମଣ
- ମାସ୍କ, ବୁଷ୍ଟର ଡୋଜ୍ ଜରୁରୀ: ବିଶେଷଜ୍ଞ

କୋଭିଡ୍-୧୯ ଭୂତାଣୁ ବାରମ୍ବାର ରୂପ ବଦଳାଇବା ସହ ଏବେ ଦେଶର ବିଭିନ୍ନ ଅଞ୍ଚଳରେ ସଂକ୍ରମଣ ବଢ଼ିଚାଲିଛି। ଏହାର ମୁକାବିଲା ଲାଗି ମାସ୍କ ବ୍ୟବହାର କରିବା ସହ ବୁଷ୍ଟର ଡୋଜ୍ ନେବା ଜରୁରୀ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରି ସ୍କୁଲ୍ ପିଲାଙ୍କ ଟିକାକରଣ ବୃଦ୍ଧି କରିବାକୁ କହିଛନ୍ତି। ବରିଷ୍ଠ ନାଗରିକଙ୍କୁ ପ୍ରିକଶନ ଡୋଜ୍ ଦେବା ସହିତ ଜିନୋମ ସିକ୍ୱେନ୍ସିଂ ବଢ଼ାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। କୋଭିଡ୍ ସମ୍ପୂର୍ଣ୍ଣ ଯାଇନାହିଁ। ଏବେ ବିଭିନ୍ନ ରାଜ୍ୟରେ ସଂକ୍ରମଣ ବଢ଼ିଚାଲିଥିବାରୁ ସତର୍କ ରହିବା ଜରୁରୀ ବୋଲି ମାଣ୍ଡବ୍ୟ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ସମୀକ୍ଷା ବୈଠକରେ କହିଛନ୍ତି। ବିଭିନ୍ନ ରାଜ୍ୟରେ କୋଭିଡ୍ ପରୀକ୍ଷା କମିଯାଇଛି। ରୋଗକୁ ଠିକ୍ ସମୟରେ ଚିହ୍ନଟ କରାଗଲେ ସଂକ୍ରମଣ ରୋକିବାରେ ସହାୟକ ହୋଇଥାଏ। ତେଣୁ ପରୀକ୍ଷା ବଢ଼ାଇବା ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ସୋମବାର ଦେଶରେ ୮,୦୮୪ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ କ୍ରମାଗତ ୩ ଦିନ ହେଲା ସଂକ୍ରମଣ ୮,୦୦୦ ଉପରେ ରହିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୪୭,୯୯୫ରେ ପହଞ୍ଚିଲାଣି। ୨୪ ଘଣ୍ଟାରେ ୧୦ ଜଣଙ୍କ ମୃତ୍ୟୁ ସହ ଦେଶରେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୪,୭୭୧ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଓମିକ୍ରନ୍ ଭାରିଆଣ୍ଟ ବିଏ.୨, ବିଏ.୪ ଏବଂ ବିଏ.୫ ଯୋଗୁ ବର୍ତ୍ତମାନ ସଂକ୍ରମଣ ବଢ଼ୁଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ରୋଗୀ ବିଶେଷ ଗୁରୁତର ହେଉ ନ ଥିଲେ ହେଁ ସଂକ୍ରମଣ ସ୍ତର ଅଧିକ ରହିଛି। ଭାରତରେ ସପ୍ତାହେ ମଧ୍ୟରେ ୫୦,୦୦୦ ସଂକ୍ରମିତ ହେଲେଣି, ଯାହାକି ଜାନୁୟାରୀ ପରେ ସର୍ବାଧିକ। ସପ୍ତାହେ ମଧ୍ୟରେ ମହାରାଷ୍ଟ୍ରରେ ୧୬,୩୭୦ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ କେରଳରେ ୧୫,୩୭୩, କର୍ଣ୍ଣାଟକରେ ୩,୬୫୧, ଦିଲ୍ଲୀରେ ୨,୪୪୨ ଓ ହରିୟାଣାରେ ୧,୬୧୭ ମାମଲା ଚିହ୍ନଟ ହୋଇଛି।



# ଇସ୍ତଫା ଦେଲେ ସିଇବି ମୁଖ୍ୟ

## ଶ୍ରୀଲଙ୍କାରେ ଆଦାନୀ ପାୱାର ପ୍ରୋଜେକ୍ଟ ବିବାଦ

**କଲମ୍ବୋ, ୧୩।୬**

ଶ୍ରୀଲଙ୍କାରେ ଏକ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ଦାୟିତ୍ୱ ଆଦାନୀ ଗ୍ରୁପ୍‌କୁ ଦେବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାପ ପକାଇଥିଲେ ବୋଲି ସେଠାକାର ବିଦ୍ୟୁତ୍ କର୍ତ୍ତୃପକ୍ଷ ମୁଖ୍ୟ ଏମ୍. ଏମ୍. ସି. ଫର୍ଡିନାଣ୍ଡୋ ଅଭିଯୋଗ ଆଣିବା ପରେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏକ ସଂସଦୀୟ କମିଟି ଆଗରେ ଶୁକ୍ରବାର ଏଭଳି ଅଭିଯୋଗ ଆଣିବାର ଦୁଇ ଦିନ ପରେ ନିଜ କଥାରୁ ଓହରି ଯାଇଥିବା ଫର୍ଡିନାଣ୍ଡୋ ସୋମବାର ସେଲନ୍ ଇଲେକ୍ଟ୍ରିସିଟି ବୋର୍ଡ (ସିଇବି) ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

ଶ୍ରୀଲଙ୍କାରେ ୫ ଶହ ମେଗାୱାଟ୍ ବିଶିଷ୍ଟ ପବନଚାଳିତ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ଦାୟିତ୍ୱ ଆଦାନୀ ଗ୍ରୁପ୍‌କୁ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋର ଦେଇଥିବା ଫର୍ଡିନାଣ୍ଡୋ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସମ୍ପର୍କିତ ପାର୍ଲାମେଣ୍ଟାରୀ କମିଟିର ଏକ ଖୋଲା ଶୁଣାଣିରେ ଅଭିଯୋଗ ଆଣିଥିଲେ। ୨୦୨୧ ନଭେମ୍ବର ୨୪ରେ ରାଷ୍ଟ୍ରପତି ରାଜପାକ୍‌ସେ ଏ ନେଇ ଫର୍ଡିନାଣ୍ଡୋଙ୍କୁ ଜଣାଇଥିଲେ ବୋଲି ସିଇବି ପୂର୍ବତନ ମୁଖ୍ୟ ପ୍ରକାଶ କରିଥିଲେ। ଏହାର ଜବାବରେ ଫର୍ଡିନାଣ୍ଡୋ ରାଷ୍ଟ୍ରପତିଙ୍କୁ ପତ୍ର ଲେଖି ଜଣାଇଥିଲେ ଯେ, ଏହି ପ୍ରସଙ୍ଗ ଉପରେ ସିଇବି ନିଷ୍ପତ୍ତି ନେଇପାରିବ ନାହିଁ। ଏହା ନିବେଶ ବୋର୍ଡ ଅଧୀନରେ ଆସୁଥିବାରୁ ଅର୍ଥ ସଚିବ ଆବଶ୍ୟକ ପଦକ୍ଷେପ ନେବା ଉଚିତ। କାରଣ ଏହା ଆନ୍ତଃସରକାରୀ ଡିଲ୍ ବୋଲି ସେ ପ୍ରକାଶ କରିଥିଲେ। ୧୦ ମେଗାୱାଟ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ପାୱାର ପ୍ଲାଣ୍ଟ ପାଇଁ ନିଲାମ ପ୍ରକ୍ରିୟା ହେବା କଥା ବୋଲି ମୁଖ୍ୟ ବିରୋଧୀ ଏସ୍‌ଜେବି ଦାବି କରିଥିଲା। କିନ୍ତୁ ଶାସକ ଦଳ ଏମ୍‌ପି ଏହା ବିରୋଧରେ ଭୋଟ ଦେବାରୁ ତାହା ଖାରଜ ହୋଇଥିଲା। ରାଷ୍ଟ୍ରପତି ରାଜପାକ୍‌ସେ ଅଭିଯୋଗକୁ ଖଣ୍ଡନ କରି ଫର୍ଡିନାଣ୍ଡୋଙ୍କୁ ଏଭଳି ନିର୍ଦ୍ଦେଶ ଦେଇ ନ ଥିବା ଜୁନ୍ ୧୧ରେ ଟୁଇଟ୍ କରି କହିଥିଲେ। ଫଳରେ ଫର୍ଡିନାଣ୍ଡୋ ନିଜ ମନ୍ତବ୍ୟରୁ ଓହରି ଯାଇଥିଲେ। ତାଙ୍କ ଉପରେ ବଢ଼ୁଥିବା ଚାପରେ ବିବ୍ରତ ଓ ଭାବପ୍ରବଣ ହୋଇ ସେ ଭାରତର ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଥିବା ପ୍ରକାଶ କରିଥିଲେ। ଏଥିସହ ଫର୍ଡିନାଣ୍ଡୋ କ୍ଷମା ମଧ୍ୟ ମାଗିଥିଲେ। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୨୧ରେ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଶ୍ରୀଲଙ୍କା ଗସ୍ତ କରିଥିଲେ। ସେହି ସମୟରେ ଆଦାନୀ ଗ୍ରୁପ୍ ଏବଂ ସିଇବି ମଧ୍ୟରେ ମନାର୍ ଓ ପୁନେରନ୍ ପ୍ରଦେଶରେ ୫୦୦ ମେଗାୱାଟ୍ ବିଶିଷ୍ଟ ନବୀକରଣୀୟ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିନାମା ହୋଇଥିଲା। ଏଥିରେ ଆଦାନୀ ଗ୍ରୁପ୍ ୫୦୦ ମିଲିୟନ ଡଲାର ନିବେଶ କରିବ ବୋଲି ସ୍ଥିର ହୋଇଥିଲା।


ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ସହ ଗୌତମ ଆଦାନୀ।


ଏମ୍. ଏମ୍. ସି. ଫର୍ଡିନାଣ୍ଡୋ

## ନିରାଶଜନକ: ଆଦାନୀ ଗ୍ରୁପ୍

**ନୂଆଦିଲ୍ଲୀ, ୧୩।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚାପରେ ଶ୍ରୀଲଙ୍କାର ଏକ ପାୱାର ପ୍ରୋଜେକ୍ଟ ଭାରତୀୟ ଉଦ୍ୟୋଗପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍‌କୁ ମିଳିଥିବା ରିପୋର୍ଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏ ନେଇ ଆଦାନୀ ଗ୍ରୁପ୍ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କାରେ ନିବେଶ କରିବାର ମୂଳ ଉଦ୍ଦେଶ୍ୟ ଥିଲା ସେଠାକାର ଲୋକଙ୍କ ଆବଶ୍ୟକତା ପୂରଣ କରିବା। ଏକ ଦାୟିତ୍ୱବାନ୍ କର୍ପୋରେଟ ଭାବେ ଦୁଇ ଦେଶର ଭାଗିଦାରୀ ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏ ବାବଦରେ ଶ୍ରୀଲଙ୍କା ସରକାର ମଧ୍ୟ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସଦ୍ୟ ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବେଶ୍ ନିରାଶଜନକ ବୋଲି ଆଦାନୀ ଗ୍ରୁପ୍ ପକ୍ଷରୁ କୁହାଯାଇଛି।

## ପୁଞ୍ଜିବଜାରରେ ଭାରି ହ୍ରାସ

**ମୁମ୍ବାଇ:** ସୋମବାର ଭାରତୀୟ ପୁଞ୍ଜି ବଜାରରେ ଭାରି ହ୍ରାସ ପରିଲକ୍ଷିତ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୧,୪୫୭ (୨.୬୮%) ଏବଂ ନିଫ୍ଟିରେ ୪୨୭ (୨.୬୪%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୨,୮୪୭ ଏବଂ ନିଫ୍ଟି ୧୫,୭୭୪ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ମାତ୍ର ୬୭୦ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୮୨୫ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ସୋମବାରର ଟପ୍ ଗେନର୍ସ ତାଲିକାରେ ନେସ୍‌ଲେ ଇଣ୍ଡିଆ ଏବଂ ବଜାଜ ଅଟୋ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ବଜାଜ୍ ଫିନସର୍ଭ, ବଜାଜ ଫାଇନାନ୍ସ, ଟାଟା ମୋଟର୍ସ, ଇଣ୍ଡସ୍‌ଲ୍ୟାଣ୍ଡ ବ୍ୟାଙ୍କ୍ ଏବଂ ହିଣ୍ଡାଲ୍‌କୋ ରହିଛନ୍ତି।

# ଏସ୍‌ଏସ୍ ଦି ମାର୍ଟର ଫ୍ଲାଗଶିପ ଷ୍ଟୋର

**ଭୁବନେଶ୍ୱର, ୧୩।୬**



ପ୍ରମୁଖ ସୁପର ବଜାର ଆଉଟ୍‌ଲେଟ୍ 'ଏସ୍‌ଏସ୍ ଦି ମାର୍ଟ'ର ଫ୍ଲାଗଶିପ ଷ୍ଟୋର୍ ସୋମବାର ସ୍ଥାନୀୟ ମଧୁସୂଦନନଗରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଟ୍ରାଫିକ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗ୍ରୱାଲ ପରିବାର ଓ ଷ୍ଟୋରର ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ୧୦ହଜାର ବର୍ଗଫୁଟ ପରିମିତ ୨ ମହଲା ବିଶିଷ୍ଟ କୋଠାରେ ଗଢ଼ି ଉଠିଥିବା ଏହି ନୂତନ ଷ୍ଟୋରରେ ଉଭୟ ଗ୍ରୋସରି ଓ ଗୃହୋପଯୋଗୀ ସାମଗ୍ରୀ ଉପଲବ୍ଧ ରହିଛି। ସେହିଭଳି ଉଦଘାଟନୀ ଉତ୍ସବ ଉପଲକ୍ଷେ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ଜୁନ୍ ୧୯ ପର୍ଯ୍ୟନ୍ତ 'ମହା ବଚତ ସେଲ'ର ଘୋଷଣା କରାଯାଇଛି। ସେହିପରି ରାଜ୍ୟରେ ଏସ୍‌ଏସ୍ ଦି ମାର୍ଟର ଏହା ୭ମ ଷ୍ଟୋର୍ ହୋଇଥିବା ବେଳେ ଭୁବନେଶ୍ୱର ୩ୟ ଷ୍ଟୋର । ବର୍ଷକ ପର୍ଯ୍ୟନ୍ତ ପ୍ରତି ରବିବାର କ୍ରୟରେ ଗ୍ରାହକଙ୍କୁ ୨୦% ରିହାତି ସୁବିଧା ସହ ୧ମାସ ପାଇଁ ଫ୍ରି ଶପିଂ ଅଫର ମଧ୍ୟ ପାଇପାରିବେ। ଏ ସମ୍ପର୍କରେ ଏସ୍‌ଏସ୍ ଦି ମାର୍ଟର ନିର୍ଦ୍ଦେଶକ ପ୍ରଣୟ ଅଗ୍ରୱାଲ କହିଛନ୍ତି, ଆମର ସମସ୍ତ ଆଉଟ୍‌ଲେଟ୍‌ରେ ପ୍ରତିଦିନ ନୂଆ ନୂଆ ଅଫର୍ ଏବଂ ସେଲ୍ ଚାଲୁ ରହିଥାଏ। ସେହିଭଳି ଆମେ ଓଡ଼ିଶାର ସର୍ବବୃହତ ହୋମ୍-ଗ୍ରୋନ୍ ରିଟେଲ୍ ଚେନ୍ ଭାବେ ଗ୍ରାହକଙ୍କ ପ୍ରିୟଭାଜନ ହୋଇପାରିଛୁ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ଏସ୍‌ଏସ୍ ଦି ମାର୍ଟର ନିର୍ଦ୍ଦେଶକ ବିନୟ ଅଗ୍ରୱାଲ୍ ମତବ୍ୟକ୍ତ କରିଛନ୍ତି। ଏଠାରେ ଗ୍ରୋସରି ସାମଗ୍ରୀଠାରୁ ନେଇ ସମସ୍ତ ପ୍ରକାରର ଗୃହୋପକରଣ ସାମଗ୍ରୀ ଉପଲବ୍ଧ ରହିଛି। ସୂଚନାଯୋଗ୍ୟ, ୨୦୧୩ରେ ଏହାର ପ୍ରଥମ ଆଉଟ୍‌ଲେଟ୍ ଅନୁଗୋଳଠାରେ ଆରମ୍ଭ ହୋଇଥିଲା। ଗତ ୯ବର୍ଷ ମଧ୍ୟରେ ଅନୁଗୋଳ ଓ ତାଳଚେରରେ ୨ଟି ଲେଖାଏଁ ଷ୍ଟୋର ଏବଂ ଭୁବନେଶ୍ୱରରେ ୩ଟି ଆଉଟ୍‌ଲେଟ୍ ଜରିଆରେ ସଂସ୍ଥା କାରବାର କରୁଛି।

# ଫ୍ରିଡମ୍ ସୂର୍ଯ୍ୟମୁଖୀ ତୈଳ ଦର ହ୍ରାସ

**ବାଙ୍ଗାଲୁରୁ, ୧୩।୬**

ଫ୍ରିଡମ୍ ରିଫାଇନ୍‌ଡ ସୂର୍ଯ୍ୟମୁଖୀ ତୈଳ ମୂଲ୍ୟ ପୂର୍ବ ସପ୍ତାହରେ ଲିଟର ପିଛା ୧୫ଟଙ୍କା ହ୍ରାସ ଘଟିଥିବା ବେଳେ ଚଳିତ ସପ୍ତାହ ଆରମ୍ଭରେ ୨୦ ଟଙ୍କା ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ପୂର୍ବ ସପ୍ତାହରେ ତୈଳ ଦର ହ୍ରାସ ପାଇ ୨୨୦ ଟଙ୍କାରେ ପହଞ୍ଚିବା ବେଳେ ଚଳିତ ସପ୍ତାହ ଆରମ୍ଭରେ ଲିଟର ପିଛା ୨୦୦ଟଙ୍କାକୁ ହ୍ରାସ ହୋଇଛି। ଫଳରେ କୋଭିଡ ସ୍ଥିତି ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଯୋଗାଣରେ ବ୍ୟବଧାନ ହେବା ଯୋଗୁ ସୂର୍ଯ୍ୟମୁଖୀ ତୈଳ ଦରରେ ବୃଦ୍ଧି ଘଟିଥିଲା। ୟୁକ୍ରେନ୍‌ଠାରୁ ଭାରତ ସର୍ବାଧିକ ସୂର୍ଯ୍ୟମୁଖୀ ତୈଳ ଆମଦାନୀ କରୁଥିଲା। ଗତ କିଛି ସପ୍ତାହ ହେଲା ଆର୍ଜେଣ୍ଟିନା ଏବଂ ରୁଷିଆ ଭଳି ଦେଶଠାରୁ ସୂର୍ଯ୍ୟମୁଖୀ ତୈଳ ଯୋଗାଣ ପୁନଶ୍ଚ ଆରମ୍ଭ ହୋଇଯିବା ଫଳରେ ମୂଲ୍ୟରେ ହ୍ରାସ ଘଟିଛି।

ଏ ସମ୍ପର୍କରେ ଫ୍ରିଡମ୍ ହେଲ୍‌ଥି କୁକିଂ ଅଏଲ୍‌ର ସେଲ୍ସ ଆଣ୍ଡ୍ ମାର୍କେଟିଂ ବିଭାଗର ବରିଷ୍ଠ ଉପସଭାପତି ପି.ଚନ୍ଦ୍ରଶେଖର ରେଡ୍ଡି କହିଛନ୍ତି,


ପି. ଚନ୍ଦ୍ରଶେଖର ରେଡ୍ଡି

ଭାରତରେ ବ୍ୟବହୃତ ହେଉଥିବା ସୂର୍ଯ୍ୟମୁଖୀ ତୈଳର ପ୍ରାୟ ୭୦% ଦକ୍ଷିଣ ରାଜ୍ୟ ଏବଂ ଓଡ଼ିଶାରେ ବ୍ୟବହାର ହୋଇଥାଏ। ବୈଶ୍ୱିକ ମୂଲ୍ୟ ଧାରା, ବୈଶ୍ୱିକ ମୁଦ୍ରାରେ ପରିବର୍ତ୍ତନ, ଆମଦାନୀ ଶୁଳ୍କ, ନିର୍ମାଣ ଏବଂ ପରିବହନ ଖର୍ଚ୍ଚ ଆଧାରରେ କମ୍ପାନୀର ପ୍ରଡ଼କ୍ଟଗୁଡ଼ିକର ଦର ନିର୍ଦ୍ଧାରଣ କରାଯାଉଥିବା ରେଡ୍ଡି କହିଛନ୍ତି। ଚଳିତ ବର୍ଷ ଆରମ୍ଭରୁ ବିଭିନ୍ନ ବୈଶ୍ୱିକ ସମସ୍ୟା ଯୋଗୁ ସୂର୍ଯ୍ୟମୁଖୀ ତୈଳ ଦର ବୃଦ୍ଧି ଘଟି ୨୩୫ ଟଙ୍କାରେ ରହିଥିଲା। ତେବେ ବର୍ତ୍ତମାନ ସମସ୍ୟାରେ ସୁଧାର ଆସୁଥିବାରୁ ତୈଳ ଦର ହ୍ରାସ କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି।

# ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ

**ନୂଆଦିଲ୍ଲୀ, ୧୩।୬**

ଦରବୃଦ୍ଧି କ୍ଷେତ୍ରରେ ସାଧାରଣ ଜନତାଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି। ଫଳରେ ଖାଦ୍ୟ ପଦାର୍ଥ ଦର ସାମାନ୍ୟ ହ୍ରାସ ସହ ଚଳିତ ବର୍ଷ ମେ' ମାସରେ ଦେଶର ଖୁଚୁରା ଦରବୃଦ୍ଧି ୭.୦୪% ରହିଛି। ଏପରିକି ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୭.୭୯% ରହିଥିବା ବେଳେ ମେ ମାସରେ ଏଥିରେ ସ୍ୱଳ୍ପ ମାତ୍ରାରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିଭଳି ମୁଦ୍ରାସ୍ଫୀତିରେ ହ୍ରାସ ସତ୍ତ୍ୱେ ଏହା ଆର୍‌ବିଆଇର ଆକଳନଠାରୁ ଅଧିକ ରହିଛି। ନ୍ୟାଶନାଲ୍ ଷ୍ଟାଟିଷ୍ଟିକାଲ୍ ଅଫିସ୍ (ଏନ୍‌ଏସ୍‌ଓ) ପକ୍ଷରୁ ସୋମବାର ପ୍ରକାଶିତ ତଥ୍ୟ ଅନୁସାରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟିବାର କାରଣ ହେଉଛି ଏପ୍ରିଲ୍ ତୁଳନାରେ ମେ' ମାସରେ ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ପେଟ୍ରୋଲ୍-ଡିଜେଲ୍ ଏବଂ ବିଜୁଳି ଆଦିର ଦର ହ୍ରାସ। ସିପିଆଇ ଆଧାରିତ ମୁଦ୍ରାସ୍ଫୀତି ଏପ୍ରିଲ୍‌ରେ ୭.୭୯% ରହିଥିବା ବେଳେ ମାର୍ଚ୍ଚରେ ୬.୯୫% ଏବଂ ଫେବୃୟାରୀରେ ୬.୦୭% ଓ ଜାନୁୟାରୀରେ ୬.୦୧% ରହିଥିଲା।

# ଏଚ୍‌ସି ପକ୍ଷରୁ 'ସଂକଳ୍ପ-ଦ ଗ୍ରୀନ୍ କନ୍‌କ୍ଲେଭ'

**ଭୁବନେଶ୍ୱର, ୧୩।୬**

ମିଡିଆ ଷ୍ଟାର୍ଟଅପ୍ କମ୍ପାନୀ ହିନ୍ଦୁସ୍ତାନ୍ କରିଡର୍ (ଏଚ୍‌ସି) ପକ୍ଷରୁ 'ସଂକଳ୍ପ-ଦ ଗ୍ରୀନ୍ କନ୍‌କ୍ଲେଭ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇସ୍ପାତ ଏବଂ ଖଣି ବିଭାଗ ଓଡ଼ିଶାର ଅତିରିକ୍ତ ସଚିବ ଡ.ଉମେଶ ଚନ୍ଦ୍ର ଜେନା, ଏସିପି (ଆର୍ମଡ୍) ଏବଂ ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟି, ପୋଲିସ୍ କମିଶନରେଟ୍ ଭୁବନେଶ୍ୱର-କଟକର ଯୁଗ୍ମ ସଚିବ ଲଳିତେନ୍ଦୁ ମହାନ୍ତି, ପୂର୍ବତନ ଅଲିମ୍ପିଆନ୍ ଓ କ୍ରୀଡ଼ାବିତ ଅନୁରାଧା ବିଶ୍ୱାଳ, ଇଭୋସ୍ ବିଲ୍ଡକନର ମୁଖ୍ୟ କଳିଙ୍ଗ କେଶରୀ ରଥ ଏବଂ ହିନ୍ଦୁସ୍ତାନ କରିଡର୍‌ର ପ୍ରତିଷ୍ଠାତା ଜଗନ୍ନାଥ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭିକ ସଭା କାର୍ଯ୍ୟ ପରେ ପରିବେଶ ସୁରକ୍ଷା କ୍ଷେତ୍ରରେ ନିରନ୍ତର ଅବଦାନ ରଖିଥିବା କିଛି ଶିଳ୍ପ ପ୍ରତିଷ୍ଠାନ,କର୍ପୋରେଟ୍ ସଂସ୍ଥା, ଷ୍ଟାର୍ଟଅପ୍, ସାମାଜିକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ 'ଗ୍ରୀନ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା।


## SHORT QUOTATION CALL NOTICE

**No.2286, Dt.09.06.22**

**No.C-547:** The Executive Officer, Jatni Municipality, on behalf of Jatni Municipality invites sealed tender in two bid system (Technical & Financial bid in two separate envelopes) from eligible and qualified Original Equipment Manufacturers/ Authorized Partner for the Supply & Installation of LED Display Board with Structure.

The last date of receipt of the quotation is **Dt.18.06.2022 up to 11.30 AM** and will be **opened on Dt.18.06.2022 at 12.30 PM**

The detailed documents can also be downloaded from the official website of Khorda District (www.Khordha.nic.in) up to **5.00 PM of 17.06.2022.**

**Sd./- Executive Officer, Jatni Municipality**
OIPR-13041/11/0011/2223

## OFFICE OF THE NOTIFIED AREA COUNCIL, SURADA, GANJAM

Main Road, Surada, Ganjam, Odisha, PIN: 761108
Email:officerexecutive14@yahoo.com, Phone/Fax:06819-270129
No.877/NAC, Dtd.13.06.22

**QUOTATION CALL NOTICE**

**No.C-546:** The Executive Officer, NAC Surada, Ganjam invites sealed quotation in prescribed form from the reputed agencies / firms / Contractors for supplying & plantation of following items under Surada NAC.

| Sl. No. | Name and Nature of the Work | Cost of Tender Paper | EMD Cost |
|---|---|---|---|
| 1 | Estimate for the work Road side avenue and Institutional plantation of social and Ornamental plants under Surada NAC for the year 2022-23 | Rs.2,000.00 | 1% of the Rate Quoted |

The quotationers are essentially required to furnish copy of PAN card, GST & Clearance certificate along with copy of previous work experience (if any) or work completion certificate. The quotationer shall be required to produce the original copy of the documents before the under signed at the time of opening of quotation for verification.1. Start date for sale of quotation paper is: 17/06/2022 10.00 AM onwards (during office hours, Except Govt. Holidays). 2. Last date for sale of quotation paper is: 27/06/2022 up to 05.30 PM (Except Govt. Holidays). 3.Last date for receipt of quotation paper is: 27/06/2022 up to 05.30 PM. 4. Date of opening of sealed quotations is: 28/06/2022 at 11.00AM by the Chairperson, Tender Committee / Under-signed in NAC, Surada.

OIPR-13101/11/0001/2223 **Sd./- Executive Officer, NAC, Surada, Ganjam**

## ୱାଟର କର୍ପୋରେସନ ଅଫ ଓଡ଼ିଶା (WATCO)
### ପୁରୀ ସହର ପାନୀୟ ଜଳ ଉପଭୋକ୍ତାମାନଙ୍କ ନିମନ୍ତେ ଜରୁରୀ ସୂଚନା

No. C-551: ଏତଦ୍ଦ୍ୱାରା ପୁରୀ ସହରର ସମସ୍ତ ପାନୀୟ ଜଳ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି କି, ଅଦ୍ୟାବଧି ସମସ୍ତ ଉପଭୋକ୍ତାମାନଙ୍କୁ (୨୪ × ୭) ପାନୀୟ ଜଳଯୋଗାଣ କରାଯାଉଅଛି। ୱାଟକୋ ତରଫରୁ ନିୟୋଜିତ ଜଳ ସାଥୀ ତଥା କର୍ମଚାରୀମାନଙ୍କ ଦ୍ୱାରା ପ୍ରତ୍ୟେକ ୱାର୍ଡ଼ରେ ଘରକୁ ଘର ପହଞ୍ଚି ଏଥି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଚାଲୁଅଛି।

ଏତଦ୍ ବ୍ୟତୀତ ଯଦି କୌଣସି ଉପଭୋକ୍ତାଙ୍କର ଜଳଯୋଗାଣ ସମ୍ବନ୍ଧୀୟ କିଛି ଆପତ୍ତି ଅଭିଯୋଗ ଥାଏ ତେବେ ସେମାନେ ନିମ୍ନୋକ୍ତ ଟେଲିଫୋନ ମାଧ୍ୟମରେ ଜଣାଇଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରାଯାଉଛି।

ଅଭିଯୋଗ ଜଣାଇବା ନିମନ୍ତେ ଟେଲିଫୋନ ନଂ.: ୦୬୭୫୨-୨୨୩୪୭।

ସ୍ୱା./- ଜେନେରାଲ ମ୍ୟାନେଜର
ୱାଟ୍‌କୋ ଡିଭିଜନ, ପୁରୀ
OIPR-13206/11/0004/2223

## GOVERNMENT OF ODISHA
## FOOD SUPPLIES & CONSUMER WELFARE DEPARTMENT

**No. 8791** **Date: 13.06.2022**

**ADVERTISEMENT FOR CONTRACTUAL ENGAGEMENT**

No. H-60: Food Supplies and Consumer Welfare Department, Government of Odisha invites fresh applications from prospective eligible and experienced canddiates for contractual engagement for the Post of State Project Manager, Integrated Management of Public Distribution System (IM-PDS).

Information, in detials, including job description, eligibility criteria & general instructions for submission of application may be seen in the Department's website **www.foododisha.in**. Those who have applied earlier for the Post of State Project Manager, IM-PDS, shall apply afresh. The applications shall be submitted through Speed Post/Registered Post only addressed to **"Additional Secretary to Government (NFSA), Food Supplies & Consumer Welfare Department, Loka Seva Bhawan, Bhubaneswar - 751001"**.

**Closing date for submission of complete application in all respect is 30th June, 2022**

**Sd./- Additional Secretary**
OIPR-07001/11/0005/2223

## POLICE COMMISSIONERATE BHUBANESWAR-CUTTACK
## ODISHA SPECIAL ARMED POLICE 7TH BATTALION, BHUBANESWAR

ପ୍ରାପ୍ତେଷୁ,
**ଶ୍ରୀ ବାଦଲ ଦେହୁରୀ**, ସୁଇପର
ପିତା: ଅଦର ଦେହୁରୀ,
ଗ୍ରାମ: ସିରିପୁର, ପୋ.ଅ.: ଡେଲ୍ଟା କଲୋନୀ
ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା

No. D-73: ଏତଦ୍ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣ ତା୨୬।୦୫।୨୦୨୨ରିଖ ଅପରାହ୍ଣଠାରୁ ଉପରିସ୍ଥ ଅଫିସରଙ୍କ ବିନା ଅନୁମତିରେ ନିଜ କାର୍ଯ୍ୟରୁ ଫେରାର ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୪୦/ଆର୍.ଓ., ତା୩୧।୦୫।୨୦୨୨, ୮୪୧/ଆର୍.ଓ., ତା୩୧।୦୫।୨୦୨୨ ଏବଂ ୮୪୨/ଆର୍.ଓ., ତା୩୧।୦୫।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା, ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଏତଦ୍ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0008/2223

## OFFICE OF THE NOTIFIED AREA COUNCIL, ATHMALLIK

**No.2058, Dt.13.06.2022**

**No.C-544:** The sealed tenders are hereby invited for selection of agencies for " Sale of E-Waste Collection from various wards of the ULB and stacked / stored in Materials Recovery Facilities {MRF} of the wealth Centre of Athmallik NAC" only from intending Agencies duly authorized by the Central Pollution Control Board or the State Pollution Control Board. The E-Waste collected from different wards of Athmallik NAC is stored / stacked in Materials Recovery Facility (MRF) of Athmallik NAC. The Limited Tender Call Notice is also published from the District Webportal http:angul.nic.in. The bidder shall quote the buying price of the e-waste already collected and stacked in MRF. The bidder must submit the application along with the financial proposal on or before 28.06.2022 at 5.30 PM through by hand / postal / courier. Applications received after due date and time shall be summarily rejected and Athmallik NAC is not responsible for any delay of postal/ courier delivery. The received applications shall be opened 29.06.2022 at 11.00AM in the Chairperson Chamber on presence of the tenderer or their representative. The Authority has reserved the right to reject any or all tender without assigning any reason thereof.

**Sd./- Executive Officer, N.A.C. Athmallik**
OIPR-13161/11/0003/2223

## WATCO
## OFFICE OF THE GENERAL MANAGER WATCO DIVISION-I, VANIVIHAR SQUARE

BHUBANESWAR, ODISHA, PIN-751022
Phone / FAX: - 0674-2542821 / e-Mail:gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)

**No.C-552:** GMWATCO-I/22/ 2022-23, Dt.10.06.2022
No.3933, Date:10.06.2022

01 Name of the work : Operation & maintenance of 2nos 1500KVA , 1 no 365 KVA D.G. Set at clear water & 1 no.1250.KVA D.G Set at Raw Water of Water Treatment Plant, Mundali for 365 days
02 Estimate cost : Rs.22.46 Lakh
03 Period of completion : 12 (Twelve Month)
04 Date & Time of availability of bid document in the portal : From 11.00 AM of Dt.13.06.2022 to 5.00 PM of 23.06.2022
05 Last date / time of receipt of bids in the portal : 5.00 PM of 23.06.2022
06 Last date & time of seeking clarification : 5.00 PM of 17.06.2022
07 Date & Time of opening of bids : At 12.30 PM of 24.06.2022
08 Name and Address of the Officer Inviting Bid : General Manager WATCO Division-I, BBSR

**Name & Address of Officer Inviting Bid : The General Manager, WATCO Division-I, BBSR, Odisha,**

Further details can be seen from the e-Procurement portal https://www.tendersodisha.gov.in

**Sd./- General Manager, WATCO Division-I, BBSR**
OIPR-13083/11/0017/2223

## ADVERTISEMENT

No. D-74: Applications are invited from amongst retired Judicial Officer in the cadre of Odisha Superior Judicial Service (OSJS) (District Judge) for re-engagement as Legal Consultant in Home Department on contractual basis.

**1. ELIGIBILITY CONDITIONS:**
i) Officers who have retired from Govt. service on attaining the age of Superannuation and below the age of 65 years having good service records and physically fit shall be eligible to be considered for re-engagement.
ii) Officers against whom departmental proceedings or criminal cases are contemplated/pending or who have been penalised for misconduct during the period of preceding five years will not be eligible for consideration.
iii) All documents in support of retirement/service records must be enclosed with the application.

**2. SELECTION PROCESS:**
Selection will be made through a Departmental Selection Committee.

**3. TENURE, TERMS AND CONDITIONS:**
i) The re-engagement shall be made for a period of one year.
ii) Necessary remuneration will be fixed after the engagement in consultation with Finance Department.
iii) Re-engaged officer shall be governed by the provisions of Odisha Government Servants Conduct Rules, 1959 and shall be liable to be proceeded against for their misconduct omissions any commissions as per the provisions under the Odisha Pension Rules, 1992.
iv) The re-engagement can be terminated at any time due to unsatisfactory performance of the re-engaged officer by giving one month notice. Moreover, if re-engaged officer desires to resign, he shall do so by giving one month's written notice to the competent authority.

The filled in applications should reach this department addressed to the "Additional Secretary to Government, Home (Office Establishment) Department" on or before 24.06.2022.

Applications received after due date will be rejected.

**Sd./- (Sri S. Dhal)**
**Additional Secretary to Government**
**Home Department**
OIPR-12001/11/0003/2223

## OFFICE OF THE EXECUTIVE ENGINEER

**No.A-321:**

**MECHANICAL DIVISION, HIRAKUD-768016, DIST.SAMBALPUR (ODISHA)**
Phone No.0663-2481413, Email: eesmd_hkd@yahoo.com

**AUCTION SALE TENDER CALL NOTICE No.04/2022-23 DT.07.06.2022**
**(FOR DISPOSAL OF UNSERVICIABLE SPECIAL T & P MATERIALS)**

1. Name of the Auction Sale Tender : Survey Reported Condemned Vehicles.
2. No. of condemned Vehicles tendered for : 03(Three)
3. Category of executors : Tenderer having GST Registration/ Clearance Certificate
4. Auction Sale Tender Call Notice No. : 04/2022-23, dt.07.06.2022
5. Approximate Cost/Upset Price : Rs.19,290.00, Rs.20,000.00, and Rs.89,000.00 (Excluding GST)
6. Date & time of sales of Tender Documents in office of the undersigned : From dt.22.06.2022 (10.00 AM) to dt.21.07.2022 up to 5.00 PM
7. Last date/ time for receipt of Tender in the office of the undersigned : dt.21.07.2022 up to 5.30 PM
8. Date and Place of opening of Tender : dt.25.07.2022 at 11.30 am onwards in the O/o the undersigned
9. Name of the Officer inviting Auction : Executive Engineer, Mechanical Division, Hirakud.

Further details of Auction Tender Notice can be obtained from the website of Department of Water Resources, Odisha (www.dowrodisha.gov.in) and in the office of the Executive Engineer, Mechanical Division, Hirakud during office hours.

**Sd./- EXECUTIVE ENGINEER, MECHANICAL DIVISION, HIRAKUD**
OIPR-32444/11/0002/2223

## ZILLA SWASTHYA SAMITI, GANJAM
### Health & Family Welfare Deptt., Govt. of Odisha

**Advt. No. 1** **Date: 13.06.2022**

## WALK-IN-INTERVIEW

No. E-226: Applications are invited from eligible candidates for filling of vacancies of Medical Officer to be engaged in **Urban Health & Wellness Centre** under XV FC Grants in BeMC & others NACs of Ganjam Dist. on contractual basis, for a period of 11 months with monthly remuneration as mentioned below and subject to renewal as per society norms based on the performance and subject to continuance of the programme & XV FC Grants.

| Sl. No. | Name of the Post | No. of Vacancy | Remuneration | Qualification | Date and Time of Regn. & Interview |
|---|---|---|---|---|---|
| 1 | Medical Officer (Berhampur Municipal Corporation) | 06 | Rs.58.343 + P1 25% (Max) | 1. The person should have MBBS Degree. 2. The Doctor should have valid registration from any University approved by MCI 3. Age - 21 to 70 years | Date: 24.06.2022 Regn. Time: 10.00 A.M. to 11.00 A.M. Interview Time: 11.00 A.M. onwards |
| 2 | Medical Officer (Other ULBs & NACs) 1. Aska 2. Bhanjanagar 3. Chatrapur 4. Hinjilicut 5. Kodala 6. Polasara | 06 | Rs.58,343 + P1 25% (Max) | | |

Eligible Candidates for the above post may appear for the Walk-in-Interview, at the **O/o. the CDM & PHO, Ganjam, Berhampur on 24.06.2022**. Registration timing will be from **10.00 A.M. to 11.00 A.M.** only. No application will be received after scheduled timing of registration.

Details regarding eligibility criteria, Age, Selection Process & Application form can be downloaded from district website **www.ganjam.nic.in**. Candidates fulfilling the eligibility criteria are to appear before the undersigned on the scheduled date & time. The undersigned reserves the right to cancel any or all the applications without assigning any reason thereof. Number of vacancies shown above is provisional and it may change at the time of actual appointment/ posting.

**OIPR-10041/11/0005/2223** **Sd./- CDM & PHO, Ganjam**

See Career Appointment on every Wednesday & Saturday

## GOVERNMENT OF ODISHA
## "e"-PROCUREMENT NOTICE
## OFFICE OF THE NOTIFIED AREA COUNCIL, DASPALLA

**Tender Call Notice No.2054 Dt. 10/06/2022**
E-mail: nacdaspalla@gmail.com
**Bid Identification No. NAC-Daspalla/01/2022-23**

**No.C-532:** The Executive Officer, NAC, Daspalla, Dist-Nayagarh inviting percentage rate bid in online mode for the works as detailed in the Annexure from eligible contractors for construction of civil works as detailed in the table below:

1. Nature of Work : As per D T C N
2. No of Work : 02 Nos.
3. Tender Cost : To be remitted online through a process as mentioned in DTCN
4. Class of Contractor : D & C Class
5. Available of Bid Document in : From **Dt.13.06.2022** 11.00 AM to **Dt.22.06.2022** Upto 5.00 PM in the website.
6. Date & time of opening of Bid : Dt.23.06.2022 at 11.00 A.M.
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Sd./- Executive Officer, NAC, Daspalla**
OIPR-13141/11/0005/2223

E-mail: eemijharsuguda@gmail.com

## GOVERNMENT OF ODISHA
## OFFICE OF THE EXECUTIVE ENGINEER MINOR IRRIGATION DIVISION, JHARSUGUDA

'e' Procurement Notice
**Bid Identification No. EE MID JSD 02/2022-23**
eemijharsuguda@gmail.com
**No. 873 // MID // date. 06.06.2022**

**No.A-322:** The Executive Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works : Civil Construction work
2. Total No. of works : 03 (Three)Nos.
3. Estimated Cost : Rs.29.24 Lakh to Rs.32.38 Lakh (Detail list of work annexed)
4. Class of Contractor : As mentioned against work
5. Period of completion : As mentioned against work
6. Date & time of Availability of Bid Document in the Portal : 17.06.2022 at 10.00AM to 28.06.2022 upto 5.30PM.
7. Last date/Time for receipt of Bid in the Portal : 28.06.2022 up to 5.30 PM.
8. Date/Time of Opening of Technical Bid : 29.06.2022 at 10.00 AM. at Office of the E.E., MI Divn.Jharsuguda
9. Name & Address of the Officer Inviting Bid : Executive Engineer, M.I.Division, Jharsuguda
10. Mode of Payment of Bid Cost & Bid Security : Online

**Sd./-Executive Engineer, M.I.Division, Jharsuguda**
OIPR-32291/11/0002/2223

# ମାଟି ମାତୃକାର ପର୍ବ

ରଜପର୍ବ ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବ ଆମ ରାଜ୍ୟର ଏକ ବିଶେଷତ୍ୱ। ଅନ୍ୟ ରାଜ୍ୟ କିମ୍ବା ଦେଶରେ ଏହା ପାଳନ ହେବାର ପରିଲକ୍ଷିତ ହୁଏ ନାହିଁ।

ଏକ ଆଧ୍ୟାତ୍ମିକ ଓ ମମତାଭରା ଉଚ୍ଚ ଚିନ୍ତାଧାରାରେ ମାଟି ମା'କୁ ନାରୀଟିଏ ପରି କଳନା କରାଯାଇଛି । ସେହି ମାଟି ମା' ମଧ୍ୟ ଆଦ୍ୟ ଆଷାଢ଼ରେ ଋତୁମତୀ ହେବାର ଚିନ୍ତାଧାରା ଆମ ରାଜ୍ୟର ଏକ ମହାନ୍ ପରମ୍ପରା ଓ ସଂସ୍କୃତିର ପରିଚୟ ଦିଏ। 'ପହିଲି ରଜ', ତା' ପରଦିନ ରଜ ବା ମିଥୁନ ସଂକ୍ରାନ୍ତି, ତା'ପରଦିନ ଭୂଇଁଦଅଣ ଓ ଶେଷଦିନ ବସୁମତୀ ବା ବସୁଧାସ୍ନାନ । କେତେକ ସ୍ଥାନରେ ୪ ଦିନ ବଦଳରେ ୩ଦିନ ରଜ ପାଳନ କରାଯାଏ। ଋତୁମତୀ ହେଲେ ଯେପରି ମହିଳାମାନେ ସ୍ନାନ କରନ୍ତି ଓ ସଫାସୁତୁରା ରୁହନ୍ତି, ପୃଥିବୀ



ମା' ମଧ୍ୟ ପ୍ରଥମ ବର୍ଷାରେ ସ୍ନାନ କରନ୍ତି ଓ ସଫା ହୁଅନ୍ତି।

**ପରମ୍ପରା ଓ ସଂସ୍କୃତି**

ସାଧାରଣତଃ ରଜ ୪ଦିନ ଘରର ବିଭିନ୍ନ ସାମଗ୍ରୀ ଶିଳ, ଢିଙ୍କି, ଚକି, ଛେଚାଯନ୍ତ୍ର ଇତ୍ୟାଦି ପୂଜା କରାଯାଇଥାଏ। ମହିଳାମାନେ କେବଳ ଦିନରେ ଖାଆନ୍ତି । ଅର୍ଥାତ୍ ସନ୍ଧ୍ୟା ଥାଉଁ ଥାଉଁ ଖାଇବାକୁ ପଡ଼େ। ଭୂଇଁଦଅଣ ଦିନ କେହି ଖାଲିପାଦରେ ମାଟି ଉପରେ ଚାଲିବା ମନା ହୋଇଥାଏ। ରଜପର୍ବରେ ମୁଖ୍ୟତଃ ଝିଅମାନେ ନୂଆ ପୋଷାକ ପିନ୍ଧିବା, ରଜଦୋଳି ଖେଳିବା, ପୋଡ଼ପିଠା ଓ ରଜପାନ ଖାଇବା ସହ ପାଦରେ ଅଳତା ଲଗାଇଥାନ୍ତି । ରଜରେ ଜମିରେ ଚାଷକାମ ବନ୍ଦ ରହିଥାଏ।

**ବୈଜ୍ଞାନିକ କାରଣ:** ଦୋଳି ଆମ ମାନଙ୍କୁ ପୃଥିବୀର ମାଧ୍ୟାକର୍ଷଣଠାରୁ କିଛି ସମୟ ଉପରକୁ ନିଏ ଓ ପୁଣି ଆମେ ତଳକୁ ଆସୁ । ଦୋଳି ଖେଳିବା ଦ୍ୱାରା ଶରୀର ନିମ୍ନାର୍ଦ୍ଧରୁ ଅଧିକ ରକ୍ତ ଶରୀର ମଧ୍ୟ ଦେଇ ଫୁସ୍‌ଫୁସ୍‌କୁ ଆସି ବିଶୋଧିତ ହୋଇଥାଏ । ରଜ ପାଇଁ ଘରେ ଘରେ ହେଉଥିବା ପିଠାପଣା ଚାଷୀଘର ପାଇଁ ସ୍ୱତନ୍ତ୍ର । ପୋଡ଼ପିଠାରେ ଅଧିକ ମାତ୍ରାରେ ଆଇରନ ଥାଏ। କାରଣ ଏଥିରେ ଗୁଡ଼ ସହିତ ଅନ୍ୟାନ୍ୟ ଶସ୍ୟ ଓ ଖାଦ୍ୟ ତତ୍ତ୍ୱ ମିଶିଥାଏ । ସେହିପରି ପାନରେ ଜୀବାଣୁ ନିରୋଧ ତତ୍ତ୍ୱ ସହିତ ଚୂନରେ କ୍ୟାଲସିୟମ ଥାଏ। ଏହା ରକ୍ତସ୍ରାବର ପରିମାଣ କମ୍ କରେ । ପାନ ପାଟିର ଦୁର୍ଗନ୍ଧ ନାଶ କରିଥାଏ। ଅଳତା ଲଗାଇବା ଦ୍ୱାରା ପାଦ ସୁନ୍ଦର ଦେଖାଯିବା ସହ ପାଦରେ ହେଉଥିବା ଫଙ୍ଗସ୍ ଓ ବିଭିନ୍ନ ଚର୍ମରୋଗ ହୋଇ ନ ଥାଏ ।

ରଜପର୍ବରେ ରଜଦୋଳି ଗୀତର ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। ଗୀତ ମାଧ୍ୟମରେ ଝିଅମାନେ ସାମାଜିକ ବେଦନା, ସମବେଦନା ସହ ସେମାନଙ୍କ ମନର ଅକୁହା କଥାକୁ ବେଶ୍ ସୁନ୍ଦରଭାବେ ସୁଲଳିତ ଢଙ୍ଗରେ ପ୍ରକାଶ କରିଥାନ୍ତି।

**-ଡା. ରାମଚନ୍ଦ୍ର ରାଉତ**
ଗୋପାଳପୁର, ବାଙ୍କୀ, କଟକ
ମୋ: ୯୪୩୭୭୪୨୪୯୯

## ଶାଢ଼ି ଷ୍ଟାଇଲ

ସବୁ ଉତ୍ସବରେ ଶାଢ଼ିର ଫ୍ୟାଶନ ରହିଥାଏ। କିନ୍ତୁ ଠିକ୍ ଭାବେ ଶାଢ଼ି ପିନ୍ଧି ନ ପାରିଲେ ସୌନ୍ଦର୍ଯ୍ୟ ଖରାପ ହୋଇଯାଇଥାଏ। ତେଣୁ ଶାଢ଼ି ପିନ୍ଧିବା ସମୟରେ କେଉଁ ଦିଗ ପ୍ରତି ଧ୍ୟାନଦେବାକୁ ହୁଏ ଜାଣିରଖନ୍ତୁ...



- ବଡିର ଶେପ୍ ଅନୁସାରେ ଶାଢ଼ିର ଫେବ୍ରିକ ବାଛନ୍ତୁ। ଗରମ ଦିନେ ମୋଟା କପଡ଼ାର ଶାଢି ପିନ୍ଧନ୍ତୁ ନାହିଁ।
- ଶାଢ଼ି ପିନ୍ଧିବା ସମୟରେ ପ୍ରଥମେ ଶାଢ଼ିର କୁଞ୍ଚଗୁଡ଼ିକୁ ଠିକ୍‌ଭାବେ କରନ୍ତୁ ଏବଂ ତାକୁ ନାଭି ପାଖରେ ହିଁ ରଖନ୍ତୁ। ଏହା ସହିତ ଶାଢ଼ିର କୁଞ୍ଚକୁ ଟାଇଟ୍ କରି ବାନ୍ଧନ୍ତୁ, ନଚେତ୍ ଢିଲା ରହିଲେ ଖରାପ ଦିଶିବ।
- ଶାଢ଼ିକୁ ସବୁବେଳେ ପାଦର ଠିକ୍ ତଳକୁ ଲାଗିବା ଭଳି ପିନ୍ଧନ୍ତୁ। ଯଦି ଶାଢ଼ି ପିନ୍ଧିବା ପରେ ହିଲ୍ ଚପଲ ପିନ୍ଧିବାର ଥାଏ ତେବେ ଆଉ ଟିକେ ଅଧିକ ତଳକୁ ଶାଢ଼ି ପିନ୍ଧନ୍ତୁ।
- ଶାଢ଼ିର ରଙ୍ଗ ଅନୁସାରେ ପେଟିକୋଟ୍ ପିନ୍ଧନ୍ତୁ। ଯଦି ଶାଢ଼ି ଟ୍ରାନ୍ସପରେଣ୍ଟ ହୋଇଥାଏ ତେବେ ପେଟିକୋଟ୍‌କୁ ମ୍ୟାଚ କରାଇ ପିନ୍ଧନ୍ତୁ।
- ଶାଢ଼ିରେ ପିନ୍ ଲଗାଇବା ପୂର୍ବରୁ ଠିକ୍‌ଭାବେ ଭାଙ୍ଗ କରନ୍ତୁ।

## ଖାଦ୍ୟରୁଚି: ପୋଡ଼ପିଠା



**ଆବଶ୍ୟକ ସାମଗ୍ରୀ–** ଅରୁଆ ଚାଉଳ– ୧ କେଜି, ନଡ଼ିଆ– ୧ଟି, ଗୁଡ଼– ୧ କେଜି, ଗୁଜୁରାତି ଗୁଣ୍ଡ– ଅଳ୍ପ ଗୋଲମରିଚ ଗୁଣ୍ଡ– ୧ ବଡ ଚାମଚ, ଅଦା– ଖଣ୍ଡେ (ଛୋଟ), ତେଜପତ୍ର– ୪ଟି, କଦଳୀପତ୍ର– ୨ ଖଣ୍ଡ, ଲୁଣ ଓ ରିଫାଇନ୍ ତେଲ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଅରୁଆ ଚାଉଳକୁ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଭିଜାନ୍ତୁ। ଏହାପରେ ଚାଉଳକୁ ଧୋଇ ଛାଣି ଦିଅନ୍ତୁ। ଏହାକୁ ଗୁଣ୍ଡକରି ରଖନ୍ତୁ। ନଡ଼ିଆକୁ ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଅଦାକୁ ମଧ ଧୋଇ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଚୁଲିରେ ଏକ ବଡ଼ ପାତ୍ରରେ ପାଣି ବସାଇ ସେଥିରେ ଗୁଡ଼, ନଡ଼ିଆ, ଲୁଣ ଓ ତେଜପତ୍ର ପକାନ୍ତୁ। ଚାଉଳ ଚୂନା ଅନୁସାରେ ପାଣି ଦିଅନ୍ତୁ, ଯେପରି ଜନ୍ତନୀ ଅଧିକ ପତଳା ନ ହେବ। କଟା ହୋଇଥିବା ଅଦାକୁ ମଧ ସେଥିରେ ପକାଇ ଦିଅନ୍ତୁ। ପାଣି ଫୁଟିବା ପରେ ସେଥିରେ ଚାଉଳ ଚୂନାକୁ ଧୀରେ ଧୀରେ ପକାଇ ଗୋଳାନ୍ତୁ। ପୂରା କମ୍ ଆଞ୍ଚରେ କିଛି ସମୟ ଗୋଳାନ୍ତୁ ଯେପରି ଜନ୍ତନୀ ବହଳିଆ ହେବ। ଜନ୍ତନୀ ଭଲଭାବେ ମିଶି ସାରିବା ପରେ ଚୁଲିରୁ ଓହ୍ଲାଇ ଆଣନ୍ତୁ। ଏବେ ଅନ୍ୟ ଏକ କଡ଼େଇକୁ ଚୁଲିରେ ବସାଇ ଗରମ କରନ୍ତୁ। ଗରମ ହେବା ପରେ ସେଥିରେ କଦଳୀପତ୍ର ରଖି ଦିଅନ୍ତୁ। କଦଳୀ ପତ୍ରରେ ରିଫାଇନ୍ ତେଲ କିମ୍ବା ଘିଅ ଲଗାଇ ଜନ୍ତନୀକୁ ରଖନ୍ତୁ। ତା' ଉପରେ କଦଳୀପତ୍ର ଘୋଡ଼ାଇ ଢାଙ୍କି ଦିଅନ୍ତୁ। ଏହାପରେ କମ୍ ଆଞ୍ଚରେ ଘଣ୍ଟାଏ ପର୍ଯ୍ୟନ୍ତ ଚୁଲିରେ ବସାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ପୋଡ଼ପିଠା। ଥଣ୍ଡା ହେଲାପରେ ଏହାକୁ କାଟି ଛୋଟ ଛୋଟ କରି ପରଷନ୍ତୁ।

କୁଆଁରୀ ଝିଅଙ୍କ ପର୍ବ ରଜ । ହେଲେ ଭିନ୍ନ ଭିନ୍ନ ଢଙ୍ଗରେ ସମସ୍ତେ ଉପଭୋଗ କରିଥାନ୍ତି ଏହି ପର୍ବକୁ। ପିଠାପଣା ସହ ରଜର ସବୁ ବିଧି ପାଳିବାକୁ ଭୁଲନ୍ତି ନାହିଁ ଗୃହିଣୀମାନେ। ଯେଉଁଠି ଥିଲେ ବି ପୂରା ଓଡ଼ିଆଣୀ ଢଙ୍ଗରେ ପର୍ବ ପାଳିବାକୁ ସମସ୍ତଙ୍କର ସ୍ୱତନ୍ତ୍ର ପ୍ରସ୍ତୁତି...



# ଆସିଛି ରଜ

କୁଆଁରୀ ଝିଅ ତଥା ନାରୀ ଓ ପ୍ରକୃତି ଉପାସନାର ପର୍ବ ରଜ। ତେଣୁ ସମସ୍ତଙ୍କ ପାଇଁ ଖୁସିମଜା ଆଉ ବିଶ୍ରାମର ଅବସର। ଘରେ ଘରେ ପିଠାପଣା, ବୁଲାବୁଲି, ମଜାମସ୍ତିର ପରିବେଶ। ସେଥିପାଇଁ ତ ଏକାଠିହୋଇ ଏହି ପର୍ବକୁ ପାଳିବା ନିମନ୍ତେ ସମସ୍ତେ ଚାହିଁ ରହିଥାନ୍ତି। ଆଉ ଏଥର କଟକଣା ନ ଥିବାରୁ ସ୍ୱତନ୍ତ୍ର ଢଙ୍ଗରେ ରଜ ଉତ୍ସବର ମଜା ନେବାକୁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତି। ଯେଉଁଠି ଥିଲେ ବି ଓଡ଼ିଆଙ୍କର ଏହି ପର୍ବକୁ ଧୁମଧାମରେ ପାଳନ କରିଥାନ୍ତି ଓଡ଼ିଆଣୀମାନେ।

କରୋନା କଟକଣା ନ ଥିବାରୁ ଏଥର ରଜ ଉତ୍ସବ ପାଇଁ ଗାଁ ଅଭିମୁଖୀ ହୋଇଛନ୍ତି ସମସ୍ତେ। କିନ୍ତୁ ବିଭିନ୍ନ କାରଣରୁ ଘରକୁ ଆସିବାକୁ କେତେଜଣ ସୁବିଧା ପାଇନାହାନ୍ତି। ତେଣୁ ସେମାନେ ବାହାରେ ରହି ବି ରଜ ପର୍ବକୁ ଧୁମଧାମରେ ପାଳନ କରିବା ପାଇଁ ଯୋଜନା କରିଛନ୍ତି।



## ଏମାନେ କ'ଣ କରନ୍ତି

**ଏକାଠି ଭୋଜି କରୁ**

ଯେଉଁଠି ଥିଲେ ବି ରଜକୁ ଭୁଲିବା ସମ୍ଭବ ନୁହେଁ। ଛୁଟି ନାହିଁ ବୋଲି ଆମେ ଗାଁକୁ ଯାଇପାରୁନାହୁଁ। ତେଣୁ ଏଇଠି ଆମେ ରଜକୁ ବିଶେଷଭାବେ ଖିଆପିଆ କରି ପାଳନ କରୁ। ଓଡ଼ିଆ ବନ୍ଧୁମାନେ ସମସ୍ତେ ଏକାଠି ମିଶି ଜଣଙ୍କ ଘରେ ସ୍ୱତନ୍ତ୍ରଭାବେ ରଜ ଉତ୍ସବର ଆୟୋଜନ କରିଥାଉ। ପୂରା ଓଡ଼ିଆ ଶୈଳୀର ବିଭିନ୍ନ ଖାଦ୍ୟ ଆଉ ପିଠା ତିଆରି କରାହୁଏ। ସମଗ୍ର ପରିବାର ସହ ସମସ୍ତେ ମିଶି ରଜରେ ଏମିତି ମଜା କରୁ। ତେବେ ଗାଁ ଆମ୍ବତୋଟାରେ ପିଲାବେଳ ଭଳି ଗଛରେ ରଜ ଦୋଳିକୁ ବହୁତ ମିସ୍ କରୁ।

***-ଦେବଦର୍ଶିନୀ ସାମନ୍ତରାୟ,***
*ସାଇଣ୍ଟିଷ୍ଟ, ଆଇଆଇଟି, ମାଡ୍ରାସ, ଚେନ୍ନାଇ*

**ସମସ୍ତେ ମିଶି ପାଳନ କରୁ**

ଆମେ ତ ଓଡ଼ିଆ ଲୋକ। ଯେଉଁଠି ରହିଲେ ବି ରଜ ପାଳନ କରିବୁ। ରଜରେ ସବୁବର୍ଷ ତ ଗାଁକୁ ଯାଇହୁଏନି, କିନ୍ତୁ ଯେଉଁଠି ଥିଲେ ବି ରଜରେ ଘରେ ବିଭିନ୍ନ ପ୍ରକାର ପିଠା ଓ ମିଠା ତିଆରି କରେ। ରଜ ପାଇଁ ଆମେ ସମସ୍ତେ ନୂଆ ଡ୍ରେସ୍ ପିନ୍ଧୁ। ପାଖ ମନ୍ଦିରକୁ ଯାଇ ମାଆଙ୍କ ଦର୍ଶନ କରୁ। ଏଠି ପାଖରେ ଥିବା ସବୁ ଓଡ଼ିଆ କଥା ହୋଇ ଜଣଙ୍କ ଘରେ ଭୋଜି କରିବା ପାଇଁ ସ୍ଥିର କରିଥାଉ। ବେଳେବେଳେ ୩ଦିନ ଯାକ ଭୋଜି କରୁ। କିନ୍ତୁ ରଜପାନ ଆଉ ରଜଦୋଳିକୁ ସବୁଥର ଆୟୋଜନ କରିପାରୁନାହୁଁ। କିନ୍ତୁ ଘରେ ପିଲାଙ୍କ ଖୁସି ପାଇଁ କିଣା ପ୍ଲାଷ୍ଟିକ୍ ଦୋଳି ଲଗାଇ ଦେଇଥାଉ। ହେଲେ ରଜ ୩ଦିନ ଯାକ ଖୁବ୍ ଏନ୍‌ଜଏ କରୁ।

***-ବୈଶାଳୀ ଶତପଥୀ,***
*ଗୃହିଣୀ, ଇନ୍ଦୋର, ମଧ୍ୟପ୍ରଦେଶ*

**ଘରେ ଦୋଳି ଲଗାଏ**

ରଜରେ ମୋର ଗାଁ କଥା ବହୁତ ମନେପଡ଼େ। କିନ୍ତୁ ସବୁଥର ଗାଁକୁ ଯାଇପାରେନି। ସେଥିପାଇଁ ଏଠି ଆମେରିକାରେ ବି ମୁଁ ରଜ ପାଳନ କରେ। ଘରେ ପିଲାଙ୍କ ପାଇଁ ପ୍ଲାଷ୍ଟିକ୍ ଦୋଳି ଲଗାଏ। ଆଉ ବିଭିନ୍ନ ପ୍ରକାର ପିଠା ତିଆରି କରେ। ରଜ ୩ ଦିନ ଭିତରେ ଏଠି ରହୁଥିବା ଆମ ଓଡ଼ିଆ ବନ୍ଧୁମାନଙ୍କୁ ଘରକୁ ନିମନ୍ତ୍ରଣ କରି ଖାଇବାକୁ ଦିଏ। କରୋନା ପୂର୍ବରୁ ଆମେ ସମସ୍ତେ ଏକାଠିହୋଇ ଏକ ସ୍ଥାନରେ ରଜ ପାଇଁ ସ୍ୱତନ୍ତ୍ର ଆୟୋଜନ କରୁଥିଲୁ। କିନ୍ତୁ ଏ ବର୍ଷ ସେଭଳି କୌଣସି ଯୋଜନା ନ ଥିବାରୁ ଘରେ ରଜ ପାଳନ କରିବୁ ବୋଲି ସମସ୍ତେ ସ୍ଥିର କରିଛୁ। ମଜା କଥା ହେଉଛି ଆମ ଓଡିଆଙ୍କ ପୂଜା ପର୍ବ ପ୍ରତି ଏଠିକାର କିଛି ଲୋକ ବି ଆଗ୍ରହ ଦେଖାଉଛନ୍ତି।

***-ତୃପ୍ତା ଦେବଗୋସ୍ୱାମୀ,*** *ଗୃହିଣୀ, କାଲିଫର୍ନିଆ, ଆମେରିକା*

**ସବୁ ବିଧି ପାଳନ କରୁ**

ଏଠି ତ ରଜ ପାଇଁ ଖୁବ୍ ମଜା ହୁଏ। ରାଜସ୍ଥାନର ଜୟପୁର ଆଇଆଇଟିରେ ଆମେ ପଢୁଥିବା ସବୁ ଓଡ଼ିଆ ଝିଅ ମିଶି ରଜ ପାଇଁ ଏକାଠି ଭୋଜିକରୁ। ଗୋଟିଏ ସ୍ଥାନରେ ଛୋଟ ଦୋଳି ଲଗାଇ କିଛି ସମୟ ଝୁଲିଥାଉ। ଗାଁ ରଜକୁ ମନେପକାଇ ସମସ୍ତେ ଅଳତା ଲଗାଉ ଆଉ ନୂଆ ଡ୍ରେସ୍ ପିନ୍ଧି ଖୁବ୍ ମଜା କରୁ। କିନ୍ତୁ ରଜରେ ଆମ ସହିତ ଏଠାକାର ସାଙ୍ଗମାନେ ବି ମିଶି ଓଡ଼ିଆ ଖାଦ୍ୟ ଓ ପିଠା ଖାଇ ଖୁସି ହୁଅନ୍ତି। ଅବଶ୍ୟ ଗାଁରେ ତିଆରି ହେଉଥିବା ପୋଡପିଥା ଆମେ ଖାଇପାରୁ ନାହିଁ। ତେବେ ରଜରେ ସମସ୍ତେ ଏକାଠିହୋଇ ମଜା କରିବା ପାଇଁ ଆମେ ସୁଯୋଗ ପାଇଥାଉ।

***ଅର୍ପିତା ପ୍ରିୟଦର୍ଶିନୀ ସାମଲ***
ଆଇଆଇଟି, ଯୋଧପୁର, ରାଜସ୍ଥାନ


ତୃପ୍ତା ଦେବଗୋସ୍ୱାମୀ


ବୈଶାଳୀ


ଦେବଦର୍ଶିନୀ


ଅର୍ପିତା ପ୍ରିୟଦର୍ଶିନୀ





# ଘରେ କରନ୍ତୁ ଫେସିଆଲ

ରଜରେ ସଜବାଜର ଏକ ସ୍ୱତନ୍ତ୍ର ବିଧି ରହିଥାଏ। ତେବେ ସଜବାଜ ପୂର୍ବରୁ ଯଦି ପାର୍ଲର ଯିବାକୁ ଭୁଲିଯାଇଛନ୍ତି ତେବେ ଘରେ କରନ୍ତୁ ଫେସିଆଲ୍...





ସୌନ୍ଦର୍ଯ୍ୟ

**ବେସନ ପ୍ୟାକ୍** – ଏକ ବଡ଼ ଚାମଚ ବେସନ, ଏକ ଛୋଟ ଚାମଚ ଅର୍ଗାନିକ୍ ହଳଦୀ ଗୁଣ୍ଡ, ୧ ଚାମଚ ମହୁ ଓ ୨ ବଡ଼ ଚାମଚ କ୍ରିମ୍‌କୁ ନେଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। ଶୁଖିବା ପରେ ଗୋଲାପ ଜଳ ଲଗାଇ ଗୋଲାକାରରେ ଘଷି ଧୋଇଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ଦୁଇ ଥର ଏପରି ଫେସିଆଲ କଲେ ତ୍ୱଚାର ଚମକ ଢେର୍ ବୃଦ୍ଧି ପାଇବ।

**ଚାଉଳ ପ୍ୟାକ୍** – ୨ ଚାମଚ ଚାଉଳ ଗୁଣ୍ଡରେ ୧ ଚାମଚ କ୍ରିମ୍ ଓ ଗୋଲାପ ଜଳ ମିଶାଇ ପ୍ୟାକ୍ ତିଆରି କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ଶୁଖିବା ପରେ ହାଲ୍‌କା ମସାଜ୍ କରି କିଛି ସମୟ ପରେ ମୁହଁ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚା ମୁଲାୟମ ହେବ।

**କଦଳୀ ପ୍ୟାକ୍** – ୧ ବଡ଼ କଦଳୀକୁ ଭଲଭାବେ ପେଷ୍ଟ କରି ସେଥିରେ ୧ ଚାମଚ ମହୁ ଓ ଅଳ୍ପ ଚନ୍ଦନ ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ କିଛି ସମୟ ମସାଜ୍ କରିବା ପରେ ଧୋଇଦିଅନ୍ତୁ।

**ଗୋଲାପଫୁଲ ପ୍ୟାକ୍** – ୧୫–୨୦ଟି ଗୋଲାପ ଫୁଲ ପାଖୁଡ଼ାକୁ ଗାଢ଼ କ୍ଷୀରରେ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଫ୍ରିଜ୍‌ରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ମୁହଁ ଧୋଇଦିଅନ୍ତୁ। ତ୍ୱଚା ଫ୍ରେଶ୍ ଲାଗିବ।

## ବଳକା ଫେରସ୍ତ ଟଙ୍କା ଫନୀ ବିପନ୍ନଙ୍କୁ ପ୍ରଦାନ କରାଯାଉ

ସାକ୍ଷୀଗୋପାଳ,(ଡି.ଏନ୍.ଏ./ସ୍ୱ.ପ୍ର.): ଫନୀ କ୍ରିୟାନୁଷ୍ଠାନ କମିଟି ଓ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ବିପନ୍ନମାନଙ୍କୁ ମାସେ ମଧ୍ୟରେ ସହାୟତା ପ୍ରଦାନ ପାଇଁ ସୋମବାର ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରାଙ୍କୁ ପ୍ରଦାନ କରାଯାଇଛି। ଏପର୍ଯ୍ୟନ୍ତ ଫନୀ ବିପନ୍ନମାନେ ପଲିଥିନ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି। ସେମାନଙ୍କୁ ସହାୟତା ନିମନ୍ତେ ୮୧ କୋଟି ୨୭ ଲକ୍ଷ ୩୦ ହଜାର ୮୧୬ ଟଙ୍କା ଅନୁଦାନ ଆସିଥିଲା। ସେଥିମଧ୍ୟରୁ ୬୫ କୋଟି ୭୭ ଲକ୍ଷ ୩୦ ହଜାର ୮୧୬ ଟଙ୍କା ବିପନ୍ନଙ୍କୁ ସହାୟତା ଦିଆଯାଇଥିଲା। ଅବଶିଷ୍ଟ ୧୫.୫୦ କୋଟି ଟଙ୍କା ଫେରସ୍ତ କରାଯାଇଥିବା ସୂଚନା ଅଧିକାର ଆଇନ ଜରିଆରେ ଜଣାପଡ଼ିଛି। ବାଦ୍ ପଡିଥିବା ଫନୀ ବିପନ୍ନଙ୍କୁ ଫେରସ୍ତ ଅର୍ଥ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଅନୁଷ୍ଠାନର ଆବାହକ ଗୋବିନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୬।୨୦୨୨

| | |
|---|---|
| ୪,୯୫,୫୧୫ ଟଙ୍କା | |
| ସୁନା | ୨୪.୧୦୦ ଗ୍ରାମ |
| ରୁପା | ୩୫.୨୦୦ ଗ୍ରାମ |

# ନୀଳଚକ୍ର ବାନା ନେବେ ଦଇତାପତି ସେବାୟତ

**ଦଇତାପତି- ଚୂନରା ସେବାୟତ ବିବାଦ ସମାଧାନ**

ପୁରୀ ଅଫିସ,୧୩।୬: ଶ୍ରୀମନ୍ଦିରର ନୀଳଚକ୍ରରେ ଲାଗୁଥିବା ବାନା ସବୁ ଓହ୍ଲାଇବା ପରେ କିଏ ନେବ ସେନେଇ ଚୂନରା ସେବାୟତ ଓ ଦଇତାପତି ସେବାୟତମାନଙ୍କ ମଧ୍ୟରେ ଲାଗିଥିବା ବିବାଦର ସାମୟିକ ସମୟ ପାଇଁ ସମାଧାନ କରିଛନ୍ତି ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା। ଚୂନରା ସେବାୟତମାନେ ସ୍ନାନପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବାନା ଦଇତାପତି ସେବାୟତମାନଙ୍କୁ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି। ନୀଳଚକ୍ରର ବାନା ନେବା ନେଇ ବିବାଦ ହେବା ପରେ ସୋମବାର ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ଜିଲାପାଳ ବର୍ମା ପହଞ୍ଚି ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାର ନିଷ୍କର୍ଷରେ କୁହାଯାଇଥିଲା ଯେ, ପୂର୍ବ ଭଳି ଦଇତାପତି ସେବାୟତଙ୍କୁ ବାନା ପ୍ରଦାନ କରାଯାଉ। ଘୋଷଯାତ୍ରାର ବ୍ୟସ୍ତତା କାରଣରୁ ଏବେ ଏନେଇ କୌଣସି ବିବାଦ ନ କରାଯାଉ। ଘୋଷଯାତ୍ରା ସାରି ମହାପ୍ରଭୁ ରତ୍ନବେଦୀକୁ ଫେରିବା ପରେ ଏନେଇ ବିସ୍ତୃତରେ ଆଲୋଚନା କରାଯିବ। ତେବେ ଚୂନରା ସେବାୟତ ଶରତ କୁମାର ମହାନ୍ତି କହିଛନ୍ତି, ଗତ କିଛି ବର୍ଷ ହେବ ଚୂନରାମାନେ ଦଇତାପତିଙ୍କୁ ବାନା ଦେଉଛନ୍ତି। ମାତ୍ର ଏହା ନିୟମ ମୁତାବକ ନୁହେଁ। ୬ରୁ ୭ ବର୍ଷ ତଳେ, ଏସଡିଜେଏମ୍ କୋର୍ଟରେ ଏହି ମାମଲା ପହଞ୍ଚିଥିଲା। ମାମଲାର ବିଚାର କରି ବିଚାରପତି କହିଥିଲେ, କେବଳ ୧୪ ହାତିଆ ବାନାକୁ ଛାଡ଼ି ୧ରୁ ୧୩ ହାତିଆ ବାନା ଚୂନରା ସେବାୟତମାନେ ନିଜ ପାଖରେ ରଖିଲେ। ମାତ୍ର ଏହି ଆଇନ ଗତ ୬ରୁ ୭ ବର୍ଷ ହେବ କାର୍ଯ୍ୟକାରୀ ହେଉନି। ରଥ ମାସକ ଯାକ ଦଇତାପତି ସେବାୟତମାନେ ବାନା ନେଉଛନ୍ତି। ଚୂନରା ସେବାୟତମାନେ ନୀଳଚକ୍ରକୁ ଚଢ଼ି ବାନା ଲଗାନ୍ତି ଓ ଓଲାଗି କରନ୍ତି। ତାହାର ପାରିଶ୍ରମିକ ଅନ୍ୟ କେହି ନେବା ଗ୍ରହଣୀୟ ନୁହେଁ। ତେବେ ଆମେ ପୂର୍ବ ଭଳି ୧୪ ହାତିଆ ବାନା ସହ ଅନ୍ୟ ୧ରୁ ୧୩ ହାତିଆ ବାନା ମଧ୍ୟ ଲେଙ୍କା ସେବାୟତଙ୍କୁ ଦେବୁ। ଲେଙ୍କା ସେବାୟତ ନିୟମ ମୁତାବକ ତାହାକୁ ଶ୍ରୀମନ୍ଦିର ପ୍ରଶାସନକୁ ଦେବା କଥା। ଲେଙ୍କା ସେବାୟତ କାହାକୁ ଦେବେ ଓ ଦଇତାପତିମାନେ କିଭଳି ପାଇବେ ତାହା ପ୍ରଶାସନ ବିଚାର କରୁ। ଆମେ ସିଧାସଳଖ ଭାବେ ଦଇତାପତି ସେବାୟତଙ୍କୁ ବାନା ଦେବୁ ନାହିଁ ବୋଲି ଚୂନରା ସେବାୟତ କହିଛନ୍ତି।



ମହାପ୍ରଭୁଙ୍କ ଗୁପ୍ତ ନୀତି ଯୋଗୁ ସୋମବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଲାଗି ଦର୍ଶନ ବନ୍ଦ ଥିବାରୁ ଅପରାହ୍ନ ସମୟରେ ଶ୍ରୀମନ୍ଦିର ଯିବା ଲାଗି ବଡ଼ଦାଣ୍ଡରେ ଭକ୍ତମାନେ ଲମ୍ବାଧାଡିରେ ଅପେକ୍ଷା କରିଛନ୍ତି ।

## ରଥଖଳାରୁ

# ରଥରେ ଲାଗିଲା ଯୋଖା



ପୁରୀ ଅଫିସ,୧୩।୬: ରଥଯାତ୍ରା ପାଇଁ ଅସ୍ଥାୟୀ ରଥଖଳାରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲୁଥିବା ବେଳେ ରବିବାର ସୁଦ୍ଧା ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ଉଭୟ ପାର୍ଶ୍ୱରେ ତିନୋଟି ଲେଖାଁଏ ୬ଟି ପୋଲ ଗୟଳ ପଡି ଟାଣ ବା ଖମ୍ବୀ ପଡି କଣ୍ଟା ବାଡ଼ିଆ ଯାଇଥିବା ବେଳେ ସୋମବାର ତିନିରଥରେ ଯୋଖା ସଂଯୋଗ ହୋଇଛି। ମହାପ୍ରଭୁଙ୍କ ନନ୍ଦିଘୋଷ ଏବଂ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ୧୬ଟି ଯୋଖା ଲାଗୁଥିବା ବେଳେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ୧୨ଟି ଯୋଖା ଲାଗିଥାଏ। ସେହିପରି ରଥଗୁଡିକର ଜଗତ ପୃଷ୍ଠ ଶେଣୀ ଶେଷ ହୋଇଛି। ଅଣସର ପାଇଁ ୧୮ ଫୁଟର ୩ଟି ଅଣସର ଗୟଳ ନିର୍ମାଣ ସରିଛି। ମଙ୍ଗଳବାର ମହାରଣା ସେବାୟତଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଉକ୍ତ ଅଣସର ଗୟଳକୁ ଶ୍ରୀମନ୍ଦିର ମଧ୍ୟକୁ ନେଇ ନିର୍ଦ୍ଧାରିତ ସ୍ଥାନରେ ଲଗାଇବେ। ଅପରପକ୍ଷେ ତିନି ରଥ ପାଇଁ ନାହାକା କଇଁଚି ଫାଳି ହଣା ହୋଇଛି। ଦୁଇଟି କଇଁଚି ଫାଳିର କାର୍ଯ୍ୟ ଶେଷ ହୋଇଥିବା ବେଳେ ଅନ୍ୟ କଇଁଚି ଫାଳି କାର୍ଯ୍ୟ ଜାରି ରହିଛି। ସେହିପରି ଗାରେଡି ପାଇଁ ଭୋଇ ସେବକମାନେ ଆବଶ୍ୟକ କାଠ ରଥ ଚଳିରେ ପହଞ୍ଚାଇଛନ୍ତି। ଗାରେଡି ହଣା ହେବା ପରେ ତିନି ରଥର ଦୁଆର ବେଢା କାର୍ଯ୍ୟ ଆରମ୍ଭ ହେବ। ରୂପକାର ସେବକମାନେ ତିନିରଥ ଦୁଆର ବେଢ଼ା ପାଇଁ ଆବଶ୍ୟକ ନାଟ ଗୋଡ଼ରେ ଗନ୍ଧର୍ବ ରୂପଖୋଦେଇ ଜାରି ରଖିବା ସହ ତିନିରଥର ସିଂହାସନରେ ଡାଳି, ଲତା, କୁମ୍ଭ ସହ ପଦ୍ମ ପାଖୁଡା ଖୋଦେଇ ଶେଷ ହୋଇ ପଲିସ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳ ବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ଭୁଇଁ ପାଇଁ ଗୋଡି ଛାଲ କଣ୍ଟା, ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଓୱାଇସୀଙ୍କ ବିବାଦୀୟ ମନ୍ତବ୍ୟ ନେଇ ଥାନାରେ ଏତଲା

ପୁରୀ ଅଫିସ ୧୩/୬ - ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଅଲ୍ ଇଣ୍ଡିଆ ମଜଲିସ୍ ଇ ଇତେହଦୁଲ୍ ମୁସଲିମିନର ନେତା ତଥା ହାଇଦ୍ରାବାଦ ଏମ୍‌ପି ଅସଦୁଦ୍ଦିନ ଓୱାଇସୀଙ୍କ ବିବାଦୀୟ ମନ୍ତବ୍ୟ ପରେ ସାରା ଦେଶରେ ପ୍ରତିକ୍ରିୟା ଦେଖାଦେଇଛି। ବୌଦ୍ଧ ମନ୍ଦିର ଉପରେ ଜଗନ୍ନାଥ ମନ୍ଦିର କରାଯାଇଛି ବୋଲି ଏମ୍‌ପି ଓୱାଇସୀ କହିଥିଲେ। ଏହି ମନ୍ତବ୍ୟ ଯୋଗୁ ତାଙ୍କ ବିରୋଧରେ ସୋମବାର ପୁରୀର ଦୁଇଟି ସଂଗଠନ ପକ୍ଷରୁ ମଙ୍ଗଳାର ସିଂହଦ୍ୱାର ଥାନାରେ ଅଭିଯୋଗ କରିବା ସହ ଓୱାଇସୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଭଳି ମନ୍ତବ୍ୟ ପାଇଁ ଓୱାଇସୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୁରୀ ଯୁବ ଅଧିବକ୍ତା ସଂଘ ଆବାହକ ଅନିଲ କୁମାର ସାହୁ ଲିଖିତ ଅଭିଯୋଗ କରିଛନ୍ତି। ସୁଭାଶିଷ ମହାନ୍ତି, ବିଜୟ ସାହୁ ଏବଂ ଶକ୍ତିଧର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଯଦି ପୋଲିସ ତଥା ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଏ ତେବେ ସଂଘ କୋର୍ଟରେ ଆଶ୍ରୟ ନେବା ସହ ଜନ ଆନ୍ଦୋଳନ କରାଯିବ ବୋଲି ସାହୁ ସୂଚନା ଦେଇଛନ୍ତି। ସେହିପରି ଓୱାଇସୀଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମଧ୍ୟ ଏକ ଏତଲା ଦିଆଯାଇଛି। ଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିର ଉପରେ ଓୱାଇସୀ ଦେଇଥିବା ମନ୍ତବ୍ୟ ନିନ୍ଦନୀୟ ଓ ଭିତ୍ତିହୀନ। ଜାତି ଧର୍ମ ମଧ୍ୟରେ ବିବାଦ ସୃଷ୍ଟି ପାଇଁ ଏପରି ମନ୍ତବ୍ୟ ପ୍ରଦାନ କରିଛନ୍ତି। ତେଣୁ ତାଙ୍କୁ ଗିରଫ କରିବା ସହ ସେ ଏଥିପାଇଁ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ ତେବେ କୋର୍ଟ ଦ୍ୱାରସ୍ଥ ହେବୁ ବୋଲି ଜଗନ୍ନାଥ ପଟ୍ଟନାୟକ କହିଛନ୍ତି।

### ୩ ଦିନରେ ୨ ବାଇକ୍ ଚୋରି

ନିମାପଡ଼ା,୧୩।୬(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଟ୍ୟାକ୍ସି ଷ୍ଟାଣ୍ଡ ନିକଟ ନିମାପଡ଼ା ଷ୍ଟାଇଲ ବଜାର ନାମକ ଏକ ଶପିଂମଲ୍ ସାମ୍ନାରୁ ଶନିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଏକ ବାଇକ୍ ଚୋରି ହୋଇଥିବା ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ ବ୍ରହ୍ମକୁଣ୍ଡି ଗ୍ରାମର ଦିପକ୍ ଗୋଛାୟତ। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୨୦୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଗତ ଗୁରୁବାର ଦିନ ଉକ୍ତ ଶପିଂମଲ୍ ସମ୍ମୁଖରୁ ଅନ୍ୟ ଜଣେ ବ୍ୟକ୍ତିଙ୍କର ବାଇକ୍ ଚୋରି ହୋଇଥିବା ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ନିଆଁଗୋରଡା ଗ୍ରାମର ସୁମିତ୍ ଜେନା। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୨୦୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ୩ ଦିନ ମଧ୍ୟରେ ୨ ବାଇକ୍ ଚୋରି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ବାଇକ୍‌ର ସନ୍ଧାନ ପାଇପାରିନାହିଁ। ତୁରନ୍ତ ବାଇକ୍ ଚୋରଙ୍କୁ ଠାବ କରାଯାଇ ସେମାନଙ୍କୁ ଗିରଫ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆଇଆଇସି ଶଙ୍କର୍ଷଣ ଦଳେଇଙ୍କୁ ପଚାରିବାରେ କହିଛନ୍ତି, ଅଭିଯୁକ୍ତଙ୍କୁ ଠାବ କରାଯିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

### ଦେବେନ୍ଦ୍ର ମିଶ୍ରଙ୍କ ସ୍ମୃତିସଭା

ପୁରୀ ଅଫିସ,୧୩।୬- ପୁରୀ ଆଇଟି ଅସୋସିଏଶନ (ପିଆଇଟିଏ) ତରଫରୁ ସ୍ଥାନୀୟ ସାଲବେଗ ପୀଠରେ ଦେବେନ୍ଦ୍ର ମିଶ୍ରଙ୍କ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟବକ୍ତା ଭାବେ ଦେବୀପ୍ରସନ୍ନ ନନ୍ଦ, ବିରେନ ଶାସ୍ତ୍ରୀ ଏବଂ ସାମ୍ବାଦିକ ମଧୁସୂଦନ ମିଶ୍ର ପୁରୀରେ କମ୍ପ୍ୟୁଟର ବ୍ୟବସାୟକୁ କିପରି ସ୍ୱର୍ଗତ ମିଶ୍ର ସାମାଜିକ ସେବାରେ ପ୍ରତିପାଦନ କରିଥିଲେ ଏହା ଉପରେ ଆଲୋକପତ କରିଥିଲେ। ସଭାରେ ପିଆଇଟିଏର ସଭାପତି ପ୍ରଶାନ୍ତ ମହାନ୍ତି, ହେକ୍ଟର ମିଶ୍ର, ସତ୍ୟ ପ୍ରଧାନୀ ଓ ସ୍ୱୟମ୍ଭୁ ପଟ୍ଟନାୟକ, ଜୁଏଲ ମହାନ୍ତି, ପ୍ରିୟବ୍ରତ ପ୍ରଧାନ, ସୁଦର୍ଶନ ବରାଳ, ବିଜୟ ଦାସ ଏବଂ ମହମ୍ମଦ ଅଜିଜ୍ ଯୋଗଦେଇ ଦେବେନ୍ଦ୍ର ମିଶ୍ରଙ୍କ ବିୟୋଗ ପିଆଇଟିଏ ଅନୁଷ୍ଠାନ ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ପ୍ରକାଶ କରିଥିଲେ।

# ମହାପ୍ରଭୁଙ୍କ ଟାହିଆ ନିର୍ମାଣ ଶେଷ

ପୁରୀ ଅଫିସ,୧୩।୬: ମହାପ୍ରଭୁଙ୍କ ଯାତ୍ରା ସମୟରେ ଅନେକ ଅଳଙ୍କାର ମଧ୍ୟରେ ଟାହିଆ ହେଉଛି ଅନ୍ୟତମ। ଏହି ଟାହିଆ ମୁଖ୍ୟତଃ ସୋଲ, ବାଉଁଶ କାଠି, ବିଭିନ୍ନ ପ୍ରକାର ଫୁଲରେ ନିର୍ମିତ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ରାଘବ ଦାଶ ମଠ ପକ୍ଷରୁ ଟାହିଆଗୁଡିକ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ତେବେ ମଙ୍ଗଳବାର ସ୍ନାନଯାତ୍ରା ଥିବାବେଳେ ଟାହିଆ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଶ୍ରୀମନ୍ଦିରକୁ ଦିଆଯିବ। ତେବେ ବିଗତ କିଛି ବର୍ଷ ହେବ ମଠ ପକ୍ଷରୁ ବସନ୍ତ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଟାହିଆ ନିର୍ମାଣ ହେଉଛି। ପରମ୍ପରା ଅନୁଯାୟୀ ଅକ୍ଷୟତୃତୀୟାଠାରୁ ସେବକ ଏବଂ କାରିଗରମାନେ ରାଘବ ଦାଶ ମଠ ପରିସରରେ ଟାହିଆ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାନ୍ତି। ବଡଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିମନ୍ତେ ମଠ ପକ୍ଷରୁ ବଡ ଟାହିଆ ଯୋଗାଇ ଦିଆଯାଇଥାଏ। ସେହିପରି ମା' ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ନିମନ୍ତେ ମାଳ ଚୂଳ ଆଦି ଛୋଟ ଟାହିଆ ଯୋଗାଇ ଦିଆଯାଏ। ଟାହିଆ ତିଆରି କରିବା ପାଇଁ ପ୍ରଥମେ ବାଉଁଶ କାଠିଗୁଡିକୁ ସ୍ୱତନ୍ତ୍ର ବାଉଁଶ ନିର୍ମିତ ଯନ୍ତ୍ରରେ ଖଞ୍ଜାଯାଏ। ପରେ ବାଉଁଶ କାଠିଗୁଡିକୁ ପଇତା ସୂତାରେ ବନ୍ଧା ଯାଇ ଟାହିଆ ଆକୃତି ଦିଆଯାଏ। ସେଥିରେ କଇଁଥ ଅଠା ସାହାଯ୍ୟରେ ବିଭିନ୍ନ ଆକୃତିର ସୋଲ ଲଗାଯାଏ। କଦଳି ପଟୁକାରେ ବିଭିନ୍ନ ଫୁଲ ଖଞ୍ଜା ଯାଏ । ଟାହିଆ ନିର୍ମାଣ ପରେ ସେଥିରେ ପୁଷ୍ପ ଲଗାଯାଏ। ଟାହିଆର ଉପରି ଭାଗରେ ଦୁବ ଏବଂ କିଆ ଲଗାଯାଏ। ଟାହିଆଗୁଡିକର ଆକୃତି ପାନପତ୍ର ସଦୃଶ ହୋଇଥାଏ। ଟାହିଆଗୁଡିକର ଉଚ୍ଚତା ପ୍ରାୟ ୬ଫୁଟ ହୋଇଥିବା ବେଳେ ବ୍ୟାସ ସାଢେ ୮ ଫୁଟ। ପହଣ୍ଡି ପୂର୍ବରୁ ଶ୍ରୀବିଗ୍ରହଙ୍କର ମଙ୍ଗଳାଅର୍ପଣ ନୀତି ସରିବା ପରେ ଟାହିଆ ଶ୍ରୀମନ୍ଦିରକୁ ବିଜେ କରିଥାଏ। ସ୍ନାନଯାତ୍ରାରେ ଠାକୁର ସ୍ନାନ ମଣ୍ଡପକୁ ଆସିବା ସମୟରେ ଟାହିଆ ପରିଧାନ କରିବେ ଓ ପହଣ୍ଡି ହୋଇ ଅଣସର ପିଣ୍ଡିକୁ ଯିବା ସମୟରେ ଟାହିଆ ପରିଧାନ କରିଥାନ୍ତି।



ଜଣେ ସେବକ ଠାକୁରଙ୍କ ଟାହିଆ ପ୍ରସ୍ତୁତ କରୁଛନ୍ତି ।

## ସ୍ୱାସ୍ଥ୍ୟ ସମସ୍ୟା ଓ ମନସ୍ତତ୍ତ୍ୱ ଭିତ୍ତିକ ଚିତ୍ରକଳା ପ୍ରଦର୍ଶନୀ

ପୁରୀ ଅଫିସ,୧୩।୬: ଚିତ୍ରକର, କବି ତଥା ଡା.ଦୀନବନ୍ଧୁ ସାହୁଙ୍କ ଦ୍ୱାରା ଅଙ୍କିତ ସ୍ୱାସ୍ଥ୍ୟ ସମସ୍ୟା ଓ ମନସ୍ତତ୍ତ୍ୱ ଭିତ୍ତିକ ଏକକ ଚିତ୍ରକଳା ପ୍ରଦର୍ଶନୀ 'ଅନ୍ତରଙ୍ଗ ଅନ୍ୱେଷଣ'କୁ ଖ୍ୟାତନାମା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ମହାରଣା, ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଯୋଗଦେଇ ଚିତ୍ରକର ସାହୁଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ। ଚିତ୍ରଶିଳ୍ପୀ ମାନମୟୀ ରଥ ଏହି ଉତ୍ସବକୁ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଚିତ୍ରଶିଳ୍ପୀ ଡା. ସାହୁଙ୍କ ଷଷ୍ଠ କବିତା ସଂକଳନ 'ଯୋଗୀ ଚରିତ' ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକ ଉନ୍ମୋଚନ ଉତ୍ସବର ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ସମାଲୋଚକ ଭଗବାନ ଜୟସିଂହ ଯୋଗଦେଇ କବି ଓ ଚିତ୍ରକର ଭିତରେ ସୂକ୍ଷ୍ମ ତଥା ପ୍ରଖର ମନସ୍ତାତ୍ତ୍ୱିକ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଚିତ୍ରଶିଳ୍ପୀ ବିନୋଦ ମହାରଣା କବିର ଅନ୍ତର୍ଦୃଷ୍ଟି ହିଁ ଚିତ୍ର ଏବଂ ଚିତ୍ରକରର ସାମଗ୍ରିକ ଅନୁଧ୍ୟାନ ହିଁ କବିତା ବୋଲି କହିଥିଲେ। ଜଙ୍ଗଲ ବିଭାଗର ସ୍ୱତନ୍ତ୍ର ସଚିବ ତଥା କବି ମଧୁସୂଦନ ଦାଶ, କବି କ୍ଷୀରୋଦ ପରିଡ଼ା ଯୋଦେଇଥିଲେ। କବି ଚିନ୍ମୟ ବିବେକ ଏବଂ କବି କାମଦେବ ମହାରଣା ପ୍ରକାଶିତ କବିତା ସଂକଳନ 'ଯୋଗୀ ଚରିତ'ର ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ସମସ୍ୟା ଓ ମନସ୍ତତ୍ତ୍ୱଭିତ୍ତିକ ଏଇ ଚିତ୍ରକଳା ପ୍ରଦର୍ଶନୀ ଆଗାମୀ ଦିନରେ ରାଜ୍ୟ ଅନ୍ୟ ଆଞ୍ଚଳିକ ଲଳିତକଳା ଆର୍ଟ ଗ୍ୟାଲେରିରେ ପ୍ରଦର୍ଶିତ ହେବାର ଅଛି ବୋଲି କହିଥିଲେ। ଓଡ଼ିଶାର ବିଶିଷ୍ଟ କବି ସୁଚେତା ମିଶ୍ର ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ଉତ୍ସବର ତୃତୀୟ ଅଧିବେଶନରେ କବି ଅଜୟ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସଂଯୋଜକ ସଂଯୋଜିକା ଭାବେ କବି ସନ୍ନ୍ୟାସୀ ନାୟକ ଓ କବି ସର୍ବାଣୀ ଦାସ ଯୋଗଦେଇଥିଲେ। ଓଡ଼ିଶାର ବିଶିଷ୍ଟ କବିମାନେ କବିତା ପାଠ କରିଥିଲେ। ଶେଷରେ କବି ଶ୍ୟାମାପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

## ଚା ପ୍ଲେଟ ପାଖରେ ମହାପ୍ରଭୁଙ୍କୁ ରଖିବାରୁ ଅସନ୍ତୋଷ



ପୁରୀ ଅଫିସ,୧୩।୬: ରାଜ୍ୟ ସରକାର ପୁରୀ ସହରକୁ ଐତିହ୍ୟ ସହର ଭାବରେ ଗଢି ତୋଳିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଐତିହ୍ଯ ପରିକ୍ରମା ମାର୍ଗ ସହ ପୌରସଦନକୁ ମଧ୍ୟ ନବକଳେବର କରାଯାଇଛି। ତେବେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଲାଗି କାର୍ଯ୍ୟ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ସୋମବାର ପୁରୀ ପୌରସଦନ ଟାଉନ ହଲରେ ମହାପ୍ରଭୁଙ୍କୁ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ବୈଠକ ହେଉ ଅବା ଯେକୌଣସି କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ଫଟୋ କିମ୍ବା ପ୍ରତିମୂର୍ତ୍ତି ରଖି ପୂଜା କରି କାର୍ଯ୍ୟ ଆରମ୍ଭ ହୋଇଥାଏ। ହେଲେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକ ସରିବା ପରେ ଚା' ପ୍ଲେଟ ନିକଟରେ ମହାପ୍ରଭୁଙ୍କୁ ରଖାଯାଇଥିବା ଦେଖିବାକୁ ମିଳିଛି। ଧାର୍ମିକ ସହରରେ ଏଭଳି ଚିତ୍ର ଏବେ ଜଗନ୍ନାଥ ପ୍ରେମୀଙ୍କ ମନରେ କୁଠାରଘାତ କରିଛି। ସୋମବାର ଏଡିଜି ଆର. କେ. ଶର୍ମାଙ୍କ ଅଧ୍ୟକ୍ଷତାରେ ଚାଲିଥିବା ସ୍ନାନପୂର୍ଣ୍ଣିମା ପ୍ରସ୍ତୁତି ବୈଠକରେ ମହାପ୍ରଭୁଙ୍କ ପ୍ରତି ଅଣଦେଖା କରାଯାଇଛି। ବୈଠକ ପ୍ରାରମ୍ଭରେ ମହାପ୍ରଭୁଙ୍କ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ହେଲେ ଉଦ୍‌ଘାଟନ କାର୍ଯ୍ୟ ସରିବା ପରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିକୁ ସଭାକକ୍ଷ ବାହାରେ ପରିଶ୍ରାଗାର ନିକଟ ଏକ ଜାଗାରେ ଚା ପ୍ଲେଟ, ଅଇଁଠା ଚା' କପ ପାଖରେ ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା। ଟାଉନହଲ କର୍ତ୍ତୃପକ୍ଷ ଏବଂ ପ୍ରଶାସନଙ୍କ ଏଭଳି ତ୍ରୁଟିକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହା ଉପରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକ ରହିଛି ଏବଂ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିଙ୍କ ନିମନ୍ତେ ଟାଉନ ହଲ ପରିସରରେ ଏକ ସ୍ଥାନ କରାଯାଉ ବୋଲି ସାଧାରଣରେ ଦାବି ହେଉଛି ।

## ସିରିଜ୍ ଦୁର୍ଘଟଣା, ଜଣେ ମୃତ

ବଳଙ୍ଗା,୧୩।୬(ଡି.ଏନ୍.ଏ.): ନିମାପଡ଼ା- ପିପିଲି ରାସ୍ତାର ହରିପୁର ଛକରେ ଗୋଟେ କାର୍ ସିରିଜ୍ ଦୁର୍ଘଟଣା ଘଟାଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଏବଂ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲିପାଟଣା ଥାନା ମଧୁବନ ସାହାଣୀ ସାହିର ନିରଞ୍ଜନ ବରାଳ ଓ ଆହତ ହେଲେ ବଳଙ୍ଗା ଥାନା ଶାଳଜଙ୍ଗ ଗ୍ରାମର ସୁକାନ୍ତ ପ୍ରଧାନ। ନିରଞ୍ଜନ ହରିପୁର ବଜାରରେ ଏକ ବାଇକ୍ ଉପରେ ବସିଥିଲେ। ସେହି ସମୟରେ ନିମାପଡ଼ାରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ନିରଞ୍ଜନଙ୍କୁ ଧକ୍କା ଦେବା ସହ ସୁକାନ୍ତଙ୍କ ବାଇକ ସହ ଅନ୍ୟ ୨ଟି ବାଇକ୍‌କୁ ଧକ୍କା ଦେଇ ୬ଟି ସାଇକେଲ୍ ଉପରେ ଚଢିଯାଇଥିଲା। ଦୁର୍ଘଟଣାରେ ନିରଞ୍ଜନ ଗୁରୁତର ହୋଇଥିବା ବେଳେ ସୁକାନ୍ତଙ୍କ ଗୋଡ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକେ ଦୁହିଁଙ୍କୁ ପିପିଲି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିବା ସହ ସୁକାନ୍ତଙ୍କୁ ଭୁବନେଶ୍ୱର ସ୍ଥାନନ୍ତର କରାଯାଇଛି।

# ଶରଧାବାଲିରେ ହିନ୍ଦୁ ମହାକୁମ୍ଭ

ପୁରୀ ଅଫିସ, ୧୩।୬: ସମ୍ମିଳିତ ହିନ୍ଦୁତ୍ୱ ସୁରକ୍ଷା ମହାକ୍ରାନ୍ତି ସଂଗଠନ ଆହ୍ୱାନରେ ଶ୍ରୀକ୍ଷେତ୍ର ଶରଧାବାଲିରେ ହିନ୍ଦୁ ମହାକୁମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆରମ୍ଭରେ ପ୍ରତ୍ୟହରୁ ବାଲିସାହିସ୍ଥିତ ଶ୍ୱେତଗଙ୍ଗା ପୁଷ୍କରିଣୀରୁ ୧୦୮ କଳସ ଶୋଭାଯାତ୍ରାରେ ବାହାରି ଶରଧାବାଲି ନିକଟକୁ ଆସିଥିଲେ। ଉକ୍ତ ମହାକୁମ୍ଭରେ ଋଷି ସମ୍ବିଧାନ ଆଧାରରେ ବିଭିନ୍ନ ରାଜ୍ୟର ଅନେକ ସାଧୁ ଉପସ୍ଥିତ ଥିଲେ। ପ୍ରଭାକରାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ନାରାୟଣ ଚୈତନ୍ୟ, ଉମ ବ୍ରହ୍ମଚାରୀ, ହରିଶଙ୍କର, ସତ୍ୟବ୍ରତ ମହାରାଜ, ଜୟରାମ ବ୍ରହ୍ମଚାରୀ, ବିଶ୍ୱାମିତ୍ର ଗିରିଙ୍କ ସମେତ ଋଷିକ୍ଷେତ୍ରରେ ଶ୍ରୁତି ସାଗର ଦାସ, ନୀଳାମ୍ବର ଡାଡି, ବିଶ୍ୱ ରଞ୍ଜନ ଗିରି, ଶ୍ରୀକୃଷ୍ଣନନ୍ଦ ଗିରି, ରାମ ସ୍ୱରୂପାନନ୍ଦ, ବିଶ୍ୱରୁପାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୁ ମହାକୁମ୍ଭର ମୁଖ୍ୟ ଉଦ୍ଦେଶ୍ୟ ହିନ୍ଦୁ ଏକାତ୍ମତା, ଭାରତକୁ ଅଖଣ୍ଡ ହିନ୍ଦୁରାଷ୍ଟ୍ର ଘୋଷଣା, ମଠ ମନ୍ଦିର ସୁରକ୍ଷା ଆଦି ରହିଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମ୍ମିଳିତ ହିନ୍ଦୁତ୍ୱ ସୁରକ୍ଷା ମହାକ୍ରାନ୍ତିର ସଭାପତି ପ୍ରଦ୍ୟୁମ୍ନ ମିଶ୍ରଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟକ୍ରମ ହୋଇଛି। ସମ୍ପାଦକ ସତ୍ୟ ନାରାୟଣ ମିଶ୍ର, ସସ୍ମିତା ସାହୁ, ଆଲୋକ ଖୁଣ୍ଟିଆ, ପ୍ରିୟ ପ୍ରସାଦ ମିଶ୍ର, ସସ୍ମିତା ସାହୁ, ଅରୁଣିମା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିସହିତ ଓଡ଼ିଶାର ୭୦ରୁ ଊର୍ଦ୍ଧ୍ୱ ହିନ୍ଦୁ ସଂଗଠନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସ୍ନାନଯାତ୍ରା, ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା

ପୁରୀ ଅଫିସ,୧୩।୬: ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ସ୍ନାନଯାତ୍ରା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ବଡ ଓଡ଼ିଆ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶଙ୍କର୍ଷଣ ମଙ୍ଗରାଜଙ୍କ ପୌରୋହିତ୍ୟରେ ସଭାରେ ମଠର ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ଡ.ଶଶିକାନ୍ତ ରଥ ଏବଂ ଆୟୋଜକ ଦୟାନିଧି ପଣ୍ଡା ଯୋଗଦେଇ ସ୍ନାନଯାତ୍ରା, ଶ୍ରୀଜଗନ୍ନାଥତତ୍ତ୍ୱ ଏବଂ ମହାପ୍ରଭୁଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ଡ. ମନୋଜ ରଥ ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ତାଙ୍କ ଦ୍ୱାରା ପ୍ରକାଶିତ ତ୍ରୟମାସିକ ଆଧ୍ୟାତ୍ମିକ ପତ୍ରିକା ମଠାଧିଶଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ. ରାଧେଶ୍ୟାମ ରଥ, କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ର ଶେଷରେ ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ବଡଓଡ଼ିଆ ମଠରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ।

# ଶ୍ରୀଲୋକନାଥ ଚଳଚ୍ଚିତ୍ର ଦେଖି ଦର୍ଶକ ବିଭୋର

ପୁରୀ ଅଫିସ,୧୩।୬: ପୁରୀ ଟାଉନହଲ୍‌ରେ ମଙ୍ଗଳବାର ପ୍ରଦର୍ଶିତ ହୋଇଛି ୧୯୬୦ ମସିହାର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ଶ୍ରୀଲୋକନାଥ। ପୁରୀ ସହରର ସଂସ୍କୃତିପ୍ରେମୀ ଓ ସିନେପ୍ରେମୀମାନେ ଟାଉନହଲରେ ଏହି ପୁରୁଣା ଓ ନିଛକ ଓଡ଼ିଆ କାହାଣୀ ଉପରେ ପର୍ଯ୍ୟବେଷିତ ଚଳଚ୍ଚିତ୍ରକୁ ଦେଖି ଉପସ୍ଥିତ ଦର୍ଶକ ବିଭୋର ହୋଇପଡ଼ିଛନ୍ତି। ସିନେମାର ଚରିତ୍ର ଅଭିନୟ ଦର୍ଶକଙ୍କୁ ଭାବପ୍ରବଣ କରାଇବାରେ ସମର୍ଥ ହୋଇଥିଲା। ତେବେ ଏହି ସିନେମା ପ୍ରଦର୍ଶିତ ହେବା ପୂର୍ବରୁ ଟାଉନହଲରେ ଫିଲ୍ମ ଜର୍ନାଲିଷ୍ଟ ଫୋରମ୍ ଅନୁଷ୍ଠାନ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଭିତ୍ତିକ ଚଳଚ୍ଚିତ୍ରର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଂ ଫିଲ୍ମ ଜର୍ଣ୍ଣାଲିଷ୍ଟ ଫୋରମ୍ ପ୍ରତିଶୃତିବଦ୍ଧ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ସଂଳାପକାର ହରିହର ମିଶ୍ର ଉଦ୍‌ଘାଟନ କରିଥିଲେ। ରକ୍ଷକ ନାୟକଙ୍କ ସଂଯୋଜନାରେ ମଞ୍ଚରେ ରାମକୃଷ୍ଣଦାସ ମହାପାତ୍ର ଓ ପ୍ରତିମା ମିଶ୍ର ଚଳଚ୍ଚିତ୍ରର ସ୍ୱତ୍ତାଧିକାର ଲୋକନାଥ ରାଉତରାୟ ଉପସ୍ଥିତ ଥିଲେ। ଦୀର୍ଘବର୍ଷ ପରେ ଶ୍ରୀଲୋକନାଥ ଚଳଚ୍ଚିତ୍ର ପଡୁଥିବାର ଶୁଣି ଜିଲାର ବିଭିନ୍ନ ବ୍ଲକରୁ ଦର୍ଶକ ଆସିଥିଲେ। ମହାପ୍ରଭୁ ଲୋକନାଥଙ୍କ ମହିମାମଣ୍ଡନରେ ନିର୍ମିତ ଏହି ଚଳଚ୍ଚିତ୍ର ବେଶ ହୃଦୟସ୍ପର୍ଶୀ ହୋଇଥିଲା। ବର୍ତ୍ତମାନ ସିନେମାର କ୍ରମଶଃ ବ୍ୟବସାୟୀକରଣ ହେବା ଫଳରେ ସିନେମାର ମାନ କମିଯାଉଛି। ଓଡ଼ିଆ ଚଳଣି ଓ ଚରିତ୍ର ଅଭିନୟ ଆଉ ଦେଖିବାକୁ ମିଳୁନାହିଁ। ଶ୍ରୀଲୋକନାଥ ଏଭଳି ଏକ ଚଳଚ୍ଚିତ୍ର ଯାହା ଦର୍ଶକଙ୍କୁ ବାନ୍ଧି ରଖିବାରେ ସମର୍ଥ ହେବ ବୋଲି ଦର୍ଶକ ସୁଶ୍ରୀ ଦେବଯାନୀ ନାୟକ କହିଛନ୍ତି। ସେହିଭଳି ଯେଉଁ ଚଳଚ୍ଚିତ୍ର ଜଗତ ଯେତେ ଆଗକୁ ଯାଉଛି, ତା'ପଛରେ ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ସେତେ ସକ୍ରିୟ ଭାବେ ଦେଖିବାକୁ ମିଳେ। ଭଲ କାହାଣୀରେ ନିଜ ପରମ୍ପରା ଓ ସଂସ୍କୃତିର ଛାପ ଦେଖିବାକୁ ମିଳିବା ଆବଶ୍ୟକ ବୋଲି ସଂସ୍କୃତିପ୍ରେମୀ ବଦ୍ରି ମିଶ୍ର ମତ ରଖିଛନ୍ତି। କାର୍ଯ୍ୟକ୍ରମ ଶେଷରେ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ବିଶ୍ୱଜିତ ଘୋଷ, ଚିତ୍ତରଞ୍ଜନ ପାଣି ଓ କମଳାକୁମାରୀ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଚଳଚ୍ଚିତ୍ରର ପୁନରୁଦ୍ଧାରକାରୀ କୌଶିକ ନାଥଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧନା କରିଥିଲେ।



ପୁରୀ ଟାଉନହଲ୍‌ରେ ପ୍ରଦର୍ଶିତ ଶ୍ରୀଲୋକନାଥ ଚଳଚ୍ଚିତ୍ରକୁ ଦର୍ଶକମାନେ ଉପଭୋଗ କରୁଛନ୍ତି ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲୁଗାଁ,୧୩ା୬(ଡି.ଏନ୍.ଏ.):** ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ନିକଟ ନୂଆଗଡ଼ ଗ୍ରାମରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଏହି ଗ୍ରାମର ଶିବଦତ୍ତ ନାୟକ(୨୩)। ପ୍ରକାଶ ଯେ, ରବିବାର ରାତିରେ କୌଣସି କାରଣକୁ ନେଇ ଶିବଦତ୍ତଙ୍କ ଘରେ ପାଟିତୁଣ୍ଡ ହୋଇଥିଲା। ସୋମବାର ସକାଳେ ପରିବାରଲୋକେ ଉଠିଥିବା ବେଳେ ଶିବଦତ୍ତ ଘରୁ ବାହାରିନଥିଲେ। ପରିବାର ଲୋକେ ଉକ୍ତ କୋଠରୀର କବାଟ ଭାଙ୍ଗିବା ସହ ଶିବଦତ୍ତ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ.୧୭/୨୨)ରୁଜୁକରି ତଦନ୍ତ ଚଳାଇଛି।

### ୪ ଶିଶୁ ଶ୍ରମିକ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୧୩ା୬:** ଶିଶୁ ଶ୍ରମିକ ମୁକ୍ତ ସପ୍ତାହ ପାଳନ ଅବସରରେ ସୋମବାର ଜାତୀୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ(ଏନ୍‌ସିପିସିଆର)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱର ଶିଶୁପାଳଗଡ଼ରୁ ରସୁଲଗଡ଼ ମଧ୍ୟରେ ଥିବା ବିଭିନ୍ନ ହୋଟେଲ, ଗ୍ୟାରେଜ୍‌ରେ ଚଢ଼ାଉ କରାଯାଇ ୪ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହି ଚଢ଼ାଉ ଟିମ୍‌ରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ସିଡବ୍ଲ୍ୟୁସିର ସଭ୍ୟା ମାନସୀ ପାଢ଼ୀ, ଶ୍ରମ ଅଧିକାରୀ କୁଳଦୀପ କାଳିପୁତ୍ର, ଏଏଲଓ ପ୍ରଭାକର ବିଶ୍ୱାଳ, ଦୀପକ ରଞ୍ଜନ ପଣ୍ଡାଙ୍କ ସମେତ ଧଉଳି, ଲିଙ୍ଗରାଜ, ବଡ଼ଗଡ଼ ଏବଂ ମଞ୍ଚେଶ୍ୱର ପୋଲିସ ସାମିଲ ଥିଲେ।

### ବାର୍‌ହା ମାଂସ ଜବତ, ଜଣେ ଗିରଫ

**ନିରାକାରପୁର,୧୩ା୬ (ଡି.ଏନ୍.ଏ.):** ଜଙ୍କିଆ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମରେ ଟାଙ୍ଗୀ ଓ ଭୂଷଣ୍ଡପୁର ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ବାର୍‌ହା ମାଂସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଝରି ଶ୍ରୀଚନ୍ଦନ(୬୬)। ସୂଚନା ମୁତାବକ, ରବିବାର ରାତିରେ ଏକ ପରିବାର ବାର୍‌ହା ମାଂସ ରୋଷେଇ କରି ଖାଉଥିବା ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ପରେ ବନ ଅଧିକାରୀ ଓ କର୍ମଚାରୀ ଝରିଙ୍କ ଘରେ ଚଢ଼ାଉ କରିଥିଲେ। ବାର୍‌ହା ମାଂସ ରୋଷେଇ କରି ଖାଇସାରିଥିବା ବେଳେ ୧୦୦ ଗ୍ରାମ୍ ମାଂସ ଜବତ ହୋଇଥିଲା। ତେବେ ଜବତ ମାଂସକୁ ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି। ଏନେଇ ଏକ ମାମଲା (ନଂ.୩/୨୨) ରୁଜୁ ହୋଇଛି ବୋଲି ଭୂଷଣ୍ଡପୁର ଫରେଷ୍ଟର ରାକେଶ କୁମାର ପଣ୍ଡା କହିଛନ୍ତି।



### ହାତୀ ଆକ୍ରମଣରେ ଯୁବକ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୧୩ା୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ କୟଥପଲା ଗ୍ରାମରେ ରବିବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଗିଲୁ ବେହେରା। ଚିକିତ୍ସା ଲାଗି ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଗିଲୁ ସାଇକେଲରେ ବଜାରକୁ ଯାଉଥିବା ବେଳେ ହଠାତ୍ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ପରେ ସ୍ଥାନୀୟ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହାତୀ ଉତ୍ପାତ ବଢୁଥିବାରୁ ଏଥିପ୍ରତି ବନ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ

**କୃଷ୍ଣପ୍ରସାଦ,୧୩ା୬(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ବିଦ୍ୟାପୀଠ ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କ୍ରୀଡ଼ା ଶିକ୍ଷକ ପଦ୍ମଚରଣ ଜେନା ଶିକ୍ଷାର ଅଗ୍ରଗତି ସହିତ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ୧୯୯୮ ବ୍ୟାଚ୍‌ର ଛାତ୍ର ସଂସଦ ଗଠନ କରାଯାଇଥିଲା। ସୁଶାନ୍ତ ପଣ୍ଡା ସଭାପତି, ଜିନା ସିଂହ ସମ୍ପାଦିକା ଭାବେ ମନୋନୀତ ହୋଇଥିଲେ।ବସନ୍ତ ପାଳ, ଲୋକନାଥ ବରାଳ, ସନ୍ତୋଷ ସେନାପତି, ସ୍ୱପ୍ନରେଖା ପାତ୍ର, ମିନତି ବେହେରା, ସସ୍ମିତା ପାତ୍ର, ସୁଶାନ୍ତ ଭାରିମଲ୍ଲ, ଅଶୋକ ବେହେରା, ବାପିନ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଗାଚରଣ ସ୍ୱାଇଁ, ପବିତ୍ର ସେଠୀ ଯୋଗଦେଇଥିଲେ।

# ଡ୍ରେନ୍ ସଫେଇ ଟେଣ୍ଡରରେ ଅନିୟମିତତା

**ଖୋର୍ଦ୍ଧା ଅଫିସ,୧୩ା୬**

- ଅଭିଯୋଗ ଭିତ୍ତିହୀନ: ଚେୟାରମ୍ୟାନ
- ମୁଁ କିଛି ଜାଣିନାହିଁ : ଉପାଧ୍ୟକ୍ଷ

ଖୋର୍ଦ୍ଧା ପୌର ପରିଷଦରେ ଡ୍ରେନ୍ ସଫେଇ ନେଇ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ଉପାଧ୍ୟକ୍ଷଙ୍କ ସମେତ କେତେଜଣ କାଉନ୍‌ସିଲର ଅଭିଯୋଗ କରିଛନ୍ତି। ସୋମବାର ଏ ସମ୍ପର୍କରେ ଚେୟାରମ୍ୟାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ତାଙ୍କ ସ୍ପଷ୍ଟୀକରଣ ଦାବି କରିଛନ୍ତି। ପ୍ରକାଶ ଯେ, ଖୋର୍ଦ୍ଧା ସହରରେ ଏକାଧିକ ଡ୍ରେନ୍ ପୋତି ହୋଇଗଲାଣି। ଫଳରେ ଡ୍ରେନ୍ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଜମିରହୁଛି। ତେବେ ବର୍ଷା ପୂର୍ବରୁ ସହରର ସମସ୍ତ ଡ୍ରେନ୍ ସଫେଇ ନେଇ ପୌର ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପ୍ରଶାସନର ଚିଠି ନମ୍ବର୧୮୭୪/ତା୩.୬.୨୦୨୨ ପ୍ରକାରେ ଏନେଇ ଏକ ବିଜ୍ଞାପନ ଏବଂ ଦୈନିକ ଖବରକାଗଜରେ ଗତ ୫ ତାରିଖରେ ବାହାରିଥିଲା। ସହରର ଡ୍ରେନ୍ ସଫା ଲାଗି ସମସ୍ତ ୱାର୍ଡକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ୮ ତାରିଖ ଟେଣ୍ଡର ଖୋଲା ଲାଗି ସମୟ ରହିଥିଲା। ଟେଣ୍ଡର ପ୍ରକ୍ରିୟାରେ ୩ଜଣ ଆବେଦନ କରିଥିଲେ। ଟେଣ୍ଡର ଖୋଲାଯିବା ବେଳେ ଜଣେ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟ ଦୁଇଜଣ ଶେଷ ସମୟରେ ଟେଣ୍ଡର ପ୍ରକ୍ରିୟାରୁ ଓହରି ଯାଇଥିବା ଚର୍ଚ୍ଚା ହେଉଛି। ୧୧ ତାରିଖରେ ୧୩ ନଂ. ୱାର୍ଡରୁ ଡ୍ରେନ୍ ସଫା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ପୌର ଚେୟାରମ୍ୟାନ କନକଲକ୍ଷ୍ମୀ ମହାନ୍ତି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସମେତ କେତେଜଣ କାଉନ୍‌ସିଲର ଉପସ୍ଥିତ ଥିଲେ। ତେବେ ଡ୍ରେନ୍ ସଫେଇ ନେଇ ଜଣେ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଥିବା ଏବଂ ସମ୍ପୃକ୍ତ ବ୍ୟକ୍ତି ଜଣେ କାଉନ୍‌ସିଲରଙ୍କ ଭାଇ ବୋଲି ଜାଣିବା ପରେ ଟେଣ୍ଡର ପ୍ରକ୍ରିୟାରେ କୌଣସି ଅବଗତ ନ ଥିବା କାଉନ୍‌ସିଲରମାନେ ଏ ନେଇ ସ୍ୱର ଉତ୍ତୋଳନ କରିଛନ୍ତି।

ଏନେଇ ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି କୁହନ୍ତି, କେବେ ଟେଣ୍ଡର ହେଲା, କାହାକୁ ଦିଆଯାଇଛି, ମୋ ସହ ଯୋଗାଯୋଗ କରାଯାଇନାହିଁ। ଏନେଇ ଜାଣିବା ପରେ ଚେୟାରମ୍ୟାନଙ୍କ ଦୃଷ୍ଟି ଆକର୍ଷଣ କରିଛି। ୱାର୍ଡ ନଂ. ୬ କାଉନ୍‌ସିଲର କମଳ ପ୍ରଧାନ କୁହନ୍ତି, ଟେଣ୍ଡର ଖୋଲାଯିବା ବେଳେ ଅଫିସରେ ଉପସ୍ଥିତ ଥିଲି। ଚେୟାରମ୍ୟାନ ତଳକୁ ଆସିବାକୁ କହିଥିଲେ। ଯେଉଁ ରୁମ୍‌ରେ ଟେଣ୍ଡର ଖୋଲାଯିବା ଲାଗି ସ୍ଥିର ହୋଇଥିଲା, ସେଠାରେ ପୂର୍ବରୁ ପୌର ପରିଷଦର ଅଧିକାରମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆସିଥିଲେ। ଟେଣ୍ଡର ଖୋଲାଯିବା ବେଳେ ମୋତେ ବାହାରକୁ ଯିବାକୁ କହିଲେ, ଏହି ସମୟରେ ଜଣେ ବ୍ୟକ୍ତି(ଆବେଦନକାରୀ) ପ୍ରବେଶ କରିଥିଲେ। ତାଙ୍କୁ ଡ୍ରେନ୍ ସଫା ଲାଗି ଠିକା ଦିଆଯାଇଛି ବୋଲି ପରେ ଜାଣିବାକୁ ପାଇଥିଲି। ଟେଣ୍ଡର ସମ୍ପର୍କରେ ମୋତେ କୌଣସି ସୂଚନା ଦିଆଯାଇନାହିଁ। ପୌର ଚେୟାରମ୍ୟାନ କନକଲକ୍ଷ୍ମୀ ମହାନ୍ତି କୁହନ୍ତି, ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇନାହିଁ। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଆଗକୁ ବର୍ଷାଦିନ ରହିଛି। କମ୍ ସମୟ ଥିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁରୋଧକ୍ରମେ ଟେଣ୍ଡର କରାଯାଇଥିଲା। ଅଫିସ ନୋଟିସ ବୋର୍ଡରେ ଲଗାଯାଇଥିଲା। ଏହି ଟେଣ୍ଡର ଅନ୍‌ଲିମିଟେଡ୍ ହୋଇଥିବାରୁ ଏହାର ଇ-ଟେଣ୍ଡର କରାଯାଇନାହିଁ। ଆଗାମୀ ବୈଠକରେ ଏନେଇ କାଉନ୍‌ସିଲରଙ୍କ ସହ ଆଲୋଚନା କରାଯିବ।



ଖୋର୍ଦ୍ଧା ହଳଦୀପଦାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ବାର୍ଷିକ ତାଲିମ ଶିବିରରେ କ୍ୟାଡେଟ୍‌ମାନଙ୍କୁ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଉଛି।

## ଶିବିରରେ ୪୨୮ କ୍ୟାଡେଟ୍

**ଖୋର୍ଦ୍ଧା ଅଫିସ,୧୩ା୬**

ଖୋର୍ଦ୍ଧାର ହଳଦୀପଦାସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର ବାର୍ଷିକ ତାଲିମ ଶିବିର ଚାଲିଛି। ଗତ ୧୧ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୨୦ ତାରିଖରେ ଶେଷ ହେବ। ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ଏସ୍.କେ. ମିଶ୍ର ଶିବିର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଓଡ଼ିଶା ଭେଟେରିନାରି କଲେଜ, କଲେଜ ଅଫ୍ ଏଗ୍ରିକଲ୍‌ଚର, ବିଜେବି ହାଇସ୍କୁଲ ଖୋର୍ଦ୍ଧା, ଗେଡିଆପଲ୍ଲି ହାଇସ୍କୁଲ, ୟୁନିଟ୍-୯ ବଏଜ୍ ହାଇସ୍କୁଲ, ବେଗୁନିଆ ଗୋପବନ୍ଧୁ ହାଇସ୍କୁଲ, କେଦାରଗୌରୀର ସେଣ୍ଟ୍ ଜାଭିୟର ହାଇସ୍କୁଲ, ଖଣ୍ଡଗିରିର ସେଣ୍ଟ୍ ଜାଭିୟର ହାଇସ୍କୁଲ, ଖଣ୍ଡଗିରିର ଶିବାନନ୍ଦ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୨, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୪, ବୀଣାପାଣି ଶିଶୁମନ୍ଦିର, ଆର୍ଯ୍ୟବର୍ତ୍ତ ଆନ୍ସିଏଣ୍ଟ୍ ଏକାଡେମୀ, ଗାଇଡାନ୍ସ ଇଂଲିଶ ମାଧ୍ୟମିକ ସ୍କୁଲର ମୋଟ୍ ୪୨୮ କ୍ୟାଡେଟ୍ ଅଂଶଗ୍ରହଣ କରିଛନ୍ତି। ଶିବିରରେ କ୍ୟାଡେଟ୍‌ମାନଙ୍କୁ ଦେଶ ରକ୍ଷା ନିମିତ୍ତ ବନ୍ଧୁକ ଚାଳନା ସମେତ ଦକ୍ଷତା ବିକାଶ, ଆତ୍ମନିର୍ଭରଶୀଳ ହେବା ନେଇ ତାଲିମ ଦିଆଯାଉଛି।

## ଏସ୍‌ଆର୍ ୱାରିଅର ବିଜୟୀ

**ବୋଲଗଡ଼,୧୩ା୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ଖଙ୍ଗୁରିଆ ପ୍ରିମିୟର ଲିଗ୍ (କେପିଏଲ) କ୍ରିକେଟ ଟୁର୍ନାମେଣ୍ଟର ଦଶମ ଲିଗ୍ ମ୍ୟାଚ୍‌ରେ ସୋମବାର ରୟାଲ ଲଭରସ୍‌କୁ ହରାଇ ଏସ୍‌ଆର ୱାରିଅର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଏସଆର ୱାରିଅର ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ରୟାଲ ଲଭରସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ବିନିମୟରେ ୮୯ ରନ ସଂଗ୍ରହ କରିଥିଲା। ଜବାବରେ ଏସଆର ୱାରିଅର ଟିମ୍ ୯ ଓଭରରେ ୩ ଉଇକେଟ ବିନିମୟରେ ୯୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବର୍ଷି ପଲାଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଜୟ ସ୍ୱାଇଁ ଓ ଚିନ୍ମୟ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ମା'ରାମଚଣ୍ଡୀ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୧୩ା୬(ଡି.ଏନ୍.ଏ.)**

**ଆରଏସଏସର ପ୍ରାଥମିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଟାଙ୍ଗୀଖଣ୍ଡ ଆନୁକୂଲ୍ୟରେ କାଲୁପଡାଘାଟ ଭାରତୀୟ ବିଦ୍ୟାନିକେତନ ପରିସରରେ ଗତ ୬ତାରିଖରୁ ଚାଲିଥିବା ପ୍ରାଥମିକ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜିଲା ସଂଘଚାଳକ ଲଳିତ ନାରାୟଣ ମହାପାତ୍ର, ସଂଘର ଜିଲା ମହାବିଦ୍ୟାଳୟ ପ୍ରମୁଖ ରଘୁନାଥ ଓଝା ଅତିଥିଭାବେ ଯୋଗଦେଇ କହିଥିଲେ, ସଂଘର ମୂଳ ଆଧାର ହେଉଛି ଶାଖା। ଏଠାରୁ ସ୍ୱୟଂସେବକ ମାନେ ନିର୍ମାଣ ହୋଇଥାନ୍ତି। ଦୈନିକ ଘଣ୍ଟିକିଆ ଶାଖାରେ ସ୍ୱୟଂସେବକଙ୍କ ଶାରୀରିକ, ବୌଦ୍ଧିକ, ଭୌତିକ ବିକାଶ ଘଟିଥାଏ। ବ୍ୟକ୍ତି ନିର୍ମାଣ ଦ୍ୱାରା ରାଷ୍ଟ୍ର ନିର୍ମାଣ ହେଉଛି ସଂଘର ମୂଳମନ୍ତ୍ର। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସ୍ୱାର୍ଥକୁ ଗୁରୁତ୍ୱ ଦିଅ। ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱୟଂସେବକଙ୍କୁ ସପ୍ତାହ ବ୍ୟାପୀ ଦଣ୍ଡ, ନିଯୁଦ୍ଧ, ବ୍ୟାୟାମ ଯୋଗ, ଆସନ, ଖେଳ, ଘୋଷବାଦ୍ୟ, ପ୍ରାର୍ଥନା ଅଭ୍ୟାସ, ଚର୍ଚ୍ଚା, ସୁଭାଷିତ ଗୀତ, ଅମୃତବଚନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ୭୬ ଜଣ ସ୍ୱୟଂସେବକ ଅଂଶଗ୍ରହଣ କରଥିଲେ। ପୁରୀ ବିଭାଗ ସଂଘ ଚାଳକ ମନୋରଞ୍ଜନ ସାହୁ, କାର୍ଯ୍ୟବାହ ବେଲେଶ୍ୱର ସାହୁ, ପ୍ରଚାରକ ଅସିତ ସାହୁ, ବୌଦ୍ଧିକ ପ୍ରମୁଖ ସୁଶାନ୍ତ ପରିଡା, ପୂର୍ବପ୍ରାନ୍ତ ଶାରୀରିକ ଶିକ୍ଷଣ ପ୍ରମୁଖ ବସନ୍ତ ମଲ୍ଲିକ, ଲଳିତ ମୋହନ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ମାର୍ଗଦର୍ଶନ କରିଥିଲେ।ସନ୍ତୋଷ ସାହ, ଅକ୍ଷୟ ପଟ୍ଟଯୋଶୀ, ପ୍ରଭାକର ବିଶ୍ୱାଳ ବର୍ଗ ବ୍ୟବସ୍ଥା ଦାୟିତ୍ୱରେ ରହିଥିବା ବେଳେ ଶିକ୍ଷକ ଭାବେ କାର୍ତ୍ତିକେଶ୍ୱର ମହାପାତ୍ର, ହୃଷିକେଶ ମଲ୍ଲିକ, ବୀରେନ ଦାସ, ପ୍ରଦ୍ୟୁମ୍ନ ସାହୁ, ପବିତ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା, ଚିନ୍ମୟ ସାମନ୍ତସିଂହାର ପ୍ରମୁଖ ସ୍ୱୟଂସେବକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ଭଗବାନ ଗୁରୁ, ଅତ୍ୟେନ୍ଦ୍ର ପଟ୍ଟଯୋଶୀ, ସନ୍ତୋଷ ସାମନ୍ତରାୟ, ସୁକାନ୍ତ ବେହେରା, ସୁବାସ ବେହେରା, ଶିବ ବେହେରା, ବିପ୍ଲବ ସାହୁ ପ୍ରମୁଖ ଶିବିର ପରିଚାଳନରେ ସହଯୋଗ କରିଥିଲେ।



ଶିବିରରେ ସ୍ୱୟଂସେବକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ୯ ବଖରା ସହ କାର୍ ଜଳିଗଲା



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

**ବୋଲଗଡ଼,୧୩ା୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ବଣିଆ ସାହିରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୬ ପରିବାରର ୯ ବଖରା ସହ ଏକ କାର୍ ଜଳିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ବାଲଗଡ଼ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୧୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ବୋଲଗଡ଼ ସଦର ମହକୁମାର ବଣିଆସାହିର ଜୟକୃଷ୍ଣ ପରିଡ଼ା ଓ ତାଙ୍କ ତିନି ପୁଅଙ୍କର ୫ ବଖରା, ନାରାୟଣ ସାହୁ ଓ ବିନୋଦ(ବୁବୁ) ସାହୁଙ୍କ ୪ ବଖରାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁର ତୀବ୍ରତା ଏତେ ଅଧିକ ଥିଲା ଯେ ଘର ଆଗରେ ରହିଥିବା ଏକ କାର୍ ମଧ୍ୟ ଜଳିଯାଇଥିଲା। ଅଗ୍ନିଶମ ବିଭାଗର ୨ଟି ନିଆଁଲିଭା ଗାଡ଼ି ସହ ବନମାଳୀ ବେହେରା, ମହାଦେବ ବେହେରା ଓ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନ୍ୟ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ବୋଲଗଡ଼ ଆର୍‌ଆଇ ପହଞ୍ଚି ସ୍ଥିତି ପରଖିବା ସହ ତଦନ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତୁରନ୍ତ ଏହି ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଗାଡ଼ି ଧକ୍କାରେ ୭ ଗୋରୁ ମୃତ, ୪ ଆହତ

**ନିରାକାରପୁର,୧୩ା୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ନିକଟ ୧୬ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ଗାଡ଼ି ଧକ୍କାରେ ୭ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୪ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଜଙ୍କିଆ ପୋଲିସ ଏବଂ ଓମ୍‌ଶ୍ରୀ ଯୁବପରିଷଦର ଉପଦେଷ୍ଟା ବିଶ୍ୱଭୂଷଣ ଛୋଟରାୟ ପହଞ୍ଚିଥିଲେ। ପରେ ମୃତ ୭ ଗୋରୁଙ୍କୁ ରାସ୍ତାରୁ ଜେସିବି ମାଧ୍ୟମରେ ଉଦ୍ଧାର କରାଯାଇ ଏକ ସ୍ଥାନରେ ପୋତି ଦିଆଯାଇଛି। ଆହତ ୪ ଗୋରୁଙ୍କୁ ସ୍ଥାନୀୟ ପ୍ରାଣୀ ଡାକ୍ତରଖାନାର ଚିକିତ୍ସା କରାଯାଇଛି। ୱାର୍ଡସଭ୍ୟ ବବ୍ରୁବାହନ ରାଉତରାୟ, ଦୀପକ ରାଉତରାୟ, କୃଷ୍ଣଚନ୍ଦ୍ର ପଣ୍ଡା, ଗୋଳବାଇ ପୂର୍ବତନ ସରପଞ୍ଚ ଦିଲୀପ ବଳିୟାରସିଂହ, ଗୋକୁଳ ଚନ୍ଦ୍ର ବେହେରା, ବିଜୟ ନାୟକ ପ୍ରମୁଖ ଆହତ ଗୋରୁଙ୍କୁ ଖାଦ୍ୟ ଯୋଗାଇବା ସହ ସୁରକ୍ଷିତ ସ୍ଥାନରେ ରଖି ଯତ୍ନ ନେଉଥିବା ଜଣାପଡ଼ିଛି। ପୋଲିସ ତଦନ୍ତ ଚଳାଇଛି।

# ୩୯୧ ଅଭିଯୋଗରୁ ୩୫ ଫଇସଲା




ଶିବିରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏବଂ ଅନ୍ୟମାନେ।

**ବାଲୁଗାଁ,୧୩ା୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଚିଲିକା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଚିଲିକା ବ୍ଲକ ଅଧୀନ ୧୭ଟି ପଞ୍ଚାୟତ ଓ ବାଲୁଗାଁ ଏନ୍‌ଏସିର ମୋଟ ୩୯୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୮୧ ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୧୦ଟି ସାମୂହିକ ରହିଥିଲା। ସେଥିମଧ୍ୟରୁ ୩୫ଟି ଅଭିଯୋଗର ଫଇସଲା କରାଯାଇ ୨ ଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଏବଂ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ୨ ଜଣ ଦିବ୍ୟାଙ୍ଗଙ୍କୁ ଗୋଟିଏ ଲେଖାଏ ଟ୍ରାଇସାଇକେଲ ଓ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ଚିଲିକା ବ୍ଲକର ୧୭ଟି ପଞ୍ଚାୟତକୁ ୧୭ଟି ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ମୋ ସ୍କୁଲ ଅନ୍ତର୍ଗତ ୧୯ ବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଚିଲିକା ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା, ବିଡିଓ ସୁଷମା ବାରିକ, ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଲୁଗାଁ ଆଇଆଇସି ରମାକାନ୍ତ ମହାଲିକ, ବାଣପୁର ଆଇଆଇସି ରଶ୍ମିରଞ୍ଜନ ସାହୁ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକଙ୍କ ସମେତ ଜନପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରଜ ରାଜକୁମାରୀ ପାଇଁ ୬୦ ପ୍ରତିଯୋଗୀ

**ବାଲୁଗାଁ,୧୩ା୬(ଡି.ଏନ୍.ଏ.)**

ଚଳିତ ବର୍ଷ 'ରଜ ରାଜକୁମାରୀ' ପ୍ରତିଯୋଗିତା ସ୍ଥାନୀୟ ବଡ଼କୂଳ ସ୍ଥିତ ଓଡ଼ିଆର୍ଟ ସେଣ୍ଟର ଠାରେ ତିନି ଦିନ ଧରି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଓଡ଼ିଆର୍ଟ ପକ୍ଷରୁ ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ପାନ ଭଙ୍ଗା, ମେହେନ୍ଦି, ବେଣି ଖୋସା, ଶାଢ଼ି ବନ୍ଧା, ସଙ୍ଗୀତ, ନୃତ୍ୟ ଆଦି ଓଡ଼ିଆ କଳାସଂସ୍କୃତି ଉପରେ ଅନେକ ପ୍ରତିଯୋଗିତା ହେବ। ଏଥିରେ ସ୍ଥାନୀୟ ଅଞ୍ଚଳର ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଶଂଗ୍ରହଣ କରିଥିବା ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶୁଶାନ୍ତ କୁମାର ଦାଶ କହିଛନ୍ତି। ଆଗାମୀ ଦିନରେ ଓଡ଼ିଆ ସଂସ୍କୃତିର ବିଭିନ୍ନ ପର୍ବରେ ପ୍ରତିଯୋଗିତାମୂଳକ କାର୍ଯ୍ୟପନ୍ଥାକୁ ଅବଲମ୍ବନ କରାଯିବ ବୋଲି ଓଡ଼ିଆର୍ଟର ସଭାପତି ଜିତୁ ମିଶ୍ର କହିଛନ୍ତି। ସାଂସ୍କୃତିକ ସମ୍ପାଦକ ଦାଶ ଧନ୍ୟବାଦ ଦେଇଥିବା ବେଳେ ସୁମତି ମଲ୍ଲିକ ଓ ଶୁଭଶ୍ରୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଆଜି ସ୍ନାନଯାତ୍ରା, ୧୦ଟାରେ ପହଣ୍ଡି

**ଖୋର୍ଦ୍ଧା ଅଫିସ,୧୩ା୬**

ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମୀ ପବିତ୍ର ଦେବସ୍ନାନ ଯାତ୍ରା। ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥର ଜାଗୁଲିପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ (ପୂର୍ଣ୍ଣବିଗ୍ରହ)ଙ୍କ ଦେବସ୍ନାନ ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିଲାଗି ସଜେଇ ହୋଇଛି ଦେବସ୍ନାନ ମଣ୍ଡପ। ସ୍ନାନଯାତ୍ରା ଲାଗି ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ମନ୍ଦିର ମୁଖ୍ୟ ପୂଜକ କମଳ ଲୋଚନ ମହାରାଜ କହିଛନ୍ତି।

ମନ୍ଦିର କମିଟି ପକ୍ଷରୁ ବିଧିବଦ୍ଧ ଭାବେ ଏନେଇ ନୀତିନିର୍ଘଣ୍ଟ ସ୍ଥିର ହୋଇଛି। ପରମ୍ପରା ଅନୁଯାୟୀ ନୀତି ସମ୍ପନ୍ନ କରାଯିବ। ସକାଳ ଦେବନୀତି ସମ୍ପନ୍ନ ହେବା ପରେ ପୂର୍ବାହ୍ନ ୯ଟାରେ ଠାକୁରଙ୍କ ପହଣ୍ଡି ପ୍ରସ୍ତୁତି କରାଯିବ। ୧୦ଟାଠାରୁ ପହଣ୍ଡି ଆରମ୍ଭ ହୋଇ ୧୧ଟା ସୁଦ୍ଧା ଦେବସ୍ନାନ ମଣ୍ଡପରେ ବିଜେ କରିବେ। ସ୍ନାନନୀତି ଲାଗି ମନ୍ଦିର ପଛପଟେ ରହିଥିବା କାରୁଣ୍ୟ କୁଣ୍ଡରୁ ଜଳ ଅଣାଯିବ। ସ୍ନାନ ଜଳ ଅଭିମନ୍ତ୍ରିତ ପରେ ପୂର୍ବାହ୍ନ ସାଢ଼େ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସ୍ନାନନୀତି ସମାପନ କରାଯାଇ ବେଶ ଲାଗି କରାଯିବ। ଠାକୁରଙ୍କୁ ନୈବେଦ୍ୟ ଅର୍ପଣ ସହ ସାଧାରଣ ଦର୍ଶନ ଆରମ୍ଭ ହେବ। ରାତି ୮ଟାରେ ଠାକୁରମାନେ ଅଣସର ପିଣ୍ଡିକୁ ବିଜେ କରିବେ ବୋଲି କମଳ ଲୋଚନ ସୂଚନା ଦେଇଛନ୍ତି। ତେବେ କୋଭିଡ୍ କଟକଣା ଯୋଗୁ ଗତ ଦୁଇବର୍ଷ କେବଳ ବିଧି ରକ୍ଷା ଲାଗି ନୀତି ସମ୍ପନ୍ନ କରାଯାଇଥିଲା। ଚଳିତ ବର୍ଷ କରୋନା ହ୍ରାସ ପରେ ରାଜ୍ୟ ସରକାର କୋଭିଡ୍ କଟକଣାରେ କୋହଳ କରିଛନ୍ତି। ଚଳିତଥର ଦେବସ୍ନାନ ଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଅନ୍ୟପଟେ ରଥ ନିର୍ମାଣ ମଧ୍ୟ ଜୋରସୋରରେ ଚାଲିଛି। ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ତ୍ୱାବଧାନରେ ଚାଲିଛି ରଥକାମ। ରଥର ୪ଟି ଚକ ଅଖ ଡେରାଯାଇ ଦଣ୍ଡା ପଡ଼ିବା ପରେ ଚାରି ନାହାକ ଉଠିଲାଣି। ରଥର ପ୍ରଥମ ସ୍ତର କାମ ସରିଥିବା ବେଳେ ଆଗକୁ ନବଯୌବନ ଦର୍ଶନ ପୂର୍ବରୁ ରଥ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ଦାରୁକ୍ଷେତ୍ର ଭାବେ ପରିଚିତ ଖୋର୍ଦ୍ଧା ଉପକଣ୍ଠ ଦଧିମାଛଗାଡ଼ିଆରେ ଶ୍ରୀ ପତିତପାବନଙ୍କ ସ୍ନାନଯାତ୍ରା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ସ୍ନାନଯାତ୍ରାରେ ଆଖପାଖ ଅଞ୍ଚଳର ଭକ୍ତମାନେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।




ଜାଗୁଲିପାଟଣାରେ ପୂଜା ପାଉଥିବା ଶ୍ରୀଅନନ୍ତପୁରୁଷୋତ୍ତମ ଦେବ ଏବଂ ଦେବସ୍ନାନ ମଣ୍ଡପ।

www.orissakhabar.com/ www.dharitri.com Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୪/୨୦୨୨ Bhubaneswar, Tuesday, June 14/ 2022

# ସର୍ବଭାରତୀୟ କବାଡ଼ି ଉଦ୍‌ଘାଟିତ




ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକର ପ୍ରତିଯୋଗୀମାନେ।

**ରସୁଲପୁର, ୧୩।୬ (ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକର ଖଣ୍ଡିତରଠାରେ ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୭ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏସ୍‌ପି ରାହୁଲ ପି.ଆର୍ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଯାଜପୁର ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି, ଯାଜପୁର ଜିଲା କବାଡ଼ି ଆସୋସିଏଶନ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି, ଉପସଭାପତି ନିଗମାନନ୍ଦ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ କବାଡ଼ି ଖେଳର ପ୍ରଚାର ପ୍ରସାର ଦିଗରେ ଯାଜପୁର କବାଡ଼ି ଆସୋସିଏଶନର ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ଏଠାରେ ଅନୁଷ୍ଠିତ ଖେଳରେ ରାଜ୍ୟ ବାହାରୁ ୬ଟି ପୁରୁଷ ଓ ୨ଟି ମହିଳା ଦଳ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶାରୁ ୨୦ଟି ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଟୁର୍ନାମେଣ୍ଟ ୪ଦିନ ବ୍ୟାପି ଅନୁଷ୍ଠିତ ହେବ। ଚଳିତବର୍ଷଠାରୁ ଟୁର୍ନାମେଣ୍ଟରେ ମ୍ୟାଟ୍ ବ୍ୟବହାର କରାଯିବ। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଷ୍ଟାଡିୟମରେ ଦର୍ଶକ ବସି ଖେଳ ଦେଖିବା ସୁଯୋଗ ପାଇବାର ବ୍ୟବସ୍ଥା କରାଯାଇଛି। କରୋନା ପାଇଁ ୨ବର୍ଷ ଟୁର୍ନାମେଣ୍ଟ ବନ୍ଦ ରହିଥିଲା। ଚଳିତବର୍ଷ ପୁଣି ଥରେ ଆରମ୍ଭ ହୋଇଥିବାରୁ ଖେଳକୁ ନେଇ ଆୟୋଜକ, ଖେଳାଳି, ଖେଳପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଆୟୋଜକ ଯାଜପୁର ଓ କିଟ୍-ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ପ୍ରମୋଦଙ୍କୁ ରୌପ୍ୟ



**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)**

କାନାଡ଼ା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ରୌପ୍ୟ ପଦକ ହାସଲ କରଛନ୍ତି। ଅନ୍ତିମ ଦିନରେ ପ୍ରମୋଦ ସିଙ୍ଗଲ୍ସ ଫାଇନାଲ୍‌ରେ ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କଠାରୁ ୧୪-୨୧, ୨୧-୦୯, ୧୫-୨୧ରେ ପରାସ୍ତ ହୋଇଛନ୍ତି। ୨୦୨୨ରେ ପ୍ରମୋଦ ଏବଂ ବିଥେଲ ୨ ଥର ଫାଇନାଲରେ ପରସ୍ପରକୁ ଭେଟିଥିବାବେଳେ ଉଭୟ ଥର ବିଥେଲ ବାଜି ମାରିଛନ୍ତି।

## ଆରାଧ୍ୟା ଚାମ୍ପିୟନ, କ୍ରିଷ୍ଣା ରନର୍ସଅପ୍

**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)**

ଦୁଇଟି ଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ଟେନିସ ଖେଳାଳି ଆରାଧ୍ୟା ବର୍ମା ଚାମ୍ପିୟନ ଓ କ୍ରିଷ୍ଣା ରାଜ ରନର୍ସଅପ୍ ହୋଇଛନ୍ତି। ଅହମଦାବାଦରେ ଅନୁଷ୍ଠିତ ପ୍ରତିଯୋଗିତାରେ ଆରାଧ୍ୟା ଡବଲ୍ସରେ ଟାଇଟଲ ବିଜୟୀ ହୋଇଥିବାବେଳେ ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ଡବଲ୍ସ ପାର୍ଟନର ଗୁଜରାଟର ଜାହ୍ନବୀ ଆସାୱାଙ୍କୁ ସାଥିକରି ଆରାଧ୍ୟା ଫାଇନାଲରେ ତାମିଲନାଡୁର ହରିତାଶ୍ରୀ ଭେଙ୍କଟେଶ ଓ କର୍ନାଟକର ଜି.ଡି. ମେଘନାଙ୍କୁ ୬-୪, ୬-୭, ୧୦-୪ ସେଟ୍‌ରେ ହରାଇଥିଲେ। ସିଙ୍ଗଲ୍ସ ଫାଇନାଲରେ ସେ କିନ୍ତୁ ହରିତାଶ୍ରୀଙ୍କଠାରୁ ୩-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ତାଙ୍କ କ୍ୟାମ୍ପମେଟ୍ କ୍ରିଷ୍ଣା ହାଇଦ୍ରାବାଦରେ ଅନୁଷ୍ଠିତ ଏସିଆନ ଟେନିସର ଡବଲ୍ସରେ ହାରି ଯାଇଥିଲେ। ମହାରାଷ୍ଟ୍ରର ପ୍ରତିଷ୍ଠା ସଇନୀଙ୍କୁ ସାଥିକରି କ୍ରିଷ୍ଣା ତେଲେଙ୍ଗାନା ଯୋଡ଼ି ଭେନେଲା ରେଡ୍ଡୀ ଓ ଶ୍ରୀମାନ୍ୟା ରେଡ୍ଡୀଙ୍କଠାରୁ ୩-୬, ୭-୧୦ରେ ପରାଜିତ ହୋଇଥିଲେ। ଉଭୟ ଆରାଧ୍ୟା ଓ କ୍ରିଷ୍ଣା ପଟିଆସ୍ଥିତ ଫରହାନ ଅଲୀ ଟେନିସ ଏକାଡେମୀରେ ପ୍ରଶିକ୍ଷଣରତ। ଉଭୟ ଖେଳାଳି ନିଜ ନିଜ ପ୍ରତିଯୋଗିତାରେ ବହୁତ ଭଲ ଖେଳିଥିଲେ ବୋଲି ଫରହାନ ପ୍ରକାଶ କରିଛନ୍ତି।




ପୁରସ୍କାର ସହ ଆରାଧ୍ୟା ବର୍ମା ଓ କ୍ରିଷ୍ଣା ରାଜ।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ସର୍ବଭାରତୀୟ କବାଡ଼ି ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକର ପ୍ରତିଯୋଗୀମାନେ।

**ରସୁଲପୁର, ୧୩।୬ (ଡି.ଏନ.ଏ.):** ଯାଜପୁର ଜିଲା ରସୁଲପୁର ବ୍ଲକର ଖଣ୍ଡିତରଠାରେ ଯାଜପୁର କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୬୭ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏସ୍‌ପି ରାହୁଲ ପି.ଆର୍ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଯାଜପୁର ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି, ଯାଜପୁର ଜିଲା କବାଡ଼ି ଆସୋସିଏଶନ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପୃଷ୍ଟି, ଉପସଭାପତି ନିଗମାନନ୍ଦ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ କବାଡ଼ି ଖେଳର ପ୍ରଚାର ପ୍ରସାର ଦିଗରେ ଯାଜପୁର କବାଡ଼ି ଆସୋସିଏଶନର ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ଏଠାରେ ଅନୁଷ୍ଠିତ ଖେଳରେ ରାଜ୍ୟ ବାହାରୁ ୬ଟି ପୁରୁଷ ଓ ୨ଟି ମହିଳା ଦଳ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶାରୁ ୨୦ଟି ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଟୁର୍ନାମେଣ୍ଟ ୪ଦିନ ବ୍ୟାପି ଅନୁଷ୍ଠିତ ହେବ। ଚଳିତବର୍ଷଠାରୁ ଟୁର୍ନାମେଣ୍ଟରେ ମ୍ୟାଟ୍ ବ୍ୟବହାର କରାଯିବ। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଷ୍ଟାଡିୟମରେ ଦର୍ଶକ ବସି ଖେଳ ଦେଖିବା ସୁଯୋଗ ପାଇବାର ବ୍ୟବସ୍ଥା କରାଯାଇଛି। କରୋନା ପାଇଁ ୨ବର୍ଷ ଟୁର୍ନାମେଣ୍ଟ ବନ୍ଦ ରହିଥିଲା। ଚଳିତବର୍ଷ ପୁଣି ଥରେ ଆରମ୍ଭ ହୋଇଥିବାରୁ ଖେଳକୁ ନେଇ ଆୟୋଜକ, ଖେଳାଳି, ଖେଳପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଆୟୋଜକ ଯାଜପୁର ଓ କିଟ୍-ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ପ୍ରମୋଦଙ୍କୁ ରୌପ୍ୟ



**ଭୁବନେଶ୍ୱର, ୧୩।୬ (କ୍ରୀଡ଼ା ପ୍ରତିନିଧି)**

କାନାଡ଼ା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ରୌପ୍ୟ ପଦକ ହାସଲ କରଛନ୍ତି। ଅନ୍ତିମ ଦିନରେ ପ୍ରମୋଦ ସିଙ୍ଗଲ୍ସ ଫାଇନାଲ୍‌ରେ ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କଠାରୁ ୧୪-୨୧, ୨୧-୦୯, ୧୫-୨୧ରେ ପରାସ୍ତ ହୋଇଛନ୍ତି। ୨୦୨୨ରେ ପ୍ରମୋଦ ଏବଂ ବିଥେଲ ୨ ଥର ଫାଇନାଲରେ ପରସ୍ପରକୁ ଭେଟିଥିବାବେଳେ ଉଭୟ ଥର ବିଥେଲ ବାଜି ମାରିଛନ୍ତି।

## ଆରାଧା ଚାମ୍ପିୟନ, କ୍ରିଷ୍ଣା ରନର୍ସଅପ୍

**ଭୁବନେଶ୍ୱର, ୧୩।୬**
**(କ୍ରୀଡ଼ା ପ୍ରତିନିଧି)**

ଦୁଇଟି ଭିନ୍ନ ପ୍ରତିଯୋଗିତାରେ ଓଡ଼ିଶା ଟେନିସ ଖେଳାଳି ଆରାଧା ବର୍ମା ଚାମ୍ପିୟନ ଓ କ୍ରିଷ୍ଣା ରାଜ ରନର୍ସଅପ୍ ହୋଇଛନ୍ତି। ଅହମଦାବାଦରେ ଅନୁଷ୍ଠିତ ପ୍ରତିଯୋଗିତାରେ ଆରାଧା ଡବଲ୍ସରେ ଟାଇଟଲ ବିଜୟୀ ହୋଇଥିବାବେଳେ ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ଡବଲ୍ସ ପାର୍ଟନର ଗୁଜରାଟର ଜାହ୍ନବୀ ଆସାୱାଙ୍କୁ ସାଥିକରି ଆରାଧା ଫାଇନାଲରେ ତାମିଲନାଡୁର ହରିତାଶ୍ରୀ ଭେଙ୍କଟେଶ ଓ କର୍ନାଟକର ଜି.ଡି. ମେଘନାଙ୍କୁ ୬-୪, ୬-୭, ୧୦-୪ ସେଟ୍‌ରେ ହରାଇଥିଲେ। ସିଙ୍ଗଲ୍ସ ଫାଇନାଲରେ ସେ କିନ୍ତୁ ହରିତାଶ୍ରୀଙ୍କଠାରୁ ୩-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ତାଙ୍କ କ୍ୟାମ୍ପମେଟ୍ କ୍ରିଷ୍ଣା ହାଇଦ୍ରାବାଦରେ ଅନୁଷ୍ଠିତ ଏସିଆନ ଟେନିସର ଡବଲ୍ସରେ ହାରି ଯାଇଥିଲେ। ମହାରାଷ୍ଟ୍ରର ପ୍ରତିଷ୍ଠା ସଇନୀଙ୍କୁ ସାଥିକରି କ୍ରିଷ୍ଣା ତେଲେଙ୍ଗାନା ଯୋଡ଼ି ଭେନେଲା ରେଡ୍ଡୀ ଓ ଶ୍ରୀମାନ୍ୟା ରେଡ୍ଡୀଙ୍କଠାରୁ ୩-୬, ୭-୧୦ରେ ପରାଜିତ ହୋଇଥିଲେ। ଉଭୟ ଆରାଧା ଓ କ୍ରିଷ୍ଣା ପଟିଆସ୍ଥିତ ଫରହାନ ଅଲୀ ଟେନିସ ଏକାଡେମୀରେ ପ୍ରଶିକ୍ଷଣରତ। ଉଭୟ ଖେଳାଳି ନିଜ ନିଜ ପ୍ରତିଯୋଗିତାରେ ବହୁତ ଭଲ ଖେଳିଥିଲେ ବୋଲି ଫରହାନ ପ୍ରକାଶ କରିଛନ୍ତି।



ପୁରସ୍କାର ସହ ଆରାଧା ବର୍ମା ଓ କ୍ରିଷ୍ଣା ରାଜ।





Punjab — ବଲବିନ୍ଦର କୁମାର, 45 ବର୍ଷ, ମାର୍କେଟିଂ କାମ କରନ୍ତି । ବିଗତ କିଛି ସମୟ ଧରି ଅଣ୍ଟା ବ୍ୟଥା ସମସ୍ୟା କାରଣରୁ ଅତ୍ୟନ୍ତ ଚିନ୍ତିତ ଥିଲେ । ଚଲାବୁଲାରେ ବି ଅନେକ ସମସ୍ୟା ଦେଖାଦେଉଥିଲା । ଦିନେ ତାଙ୍କ ମିତ୍ର ତାଙ୍କୁ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେଇ ତାକୁ ବ୍ୟବହାର କରିବାକୁ କହିଲେ । 3 ମାସ ବ୍ୟବହାର ପରେ ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି ।

Maharashtra — ଦଶରଥ ଅମରାବତୀ, 61 ବର୍ଷ, ଆମକୁ ଜଣାଇଛନ୍ତି ଯେ ବହୁ ସମୟ ଧରି ସେ ଗୋଡ଼ ବ୍ୟଥା କାରଣରୁ ଦୁଃଖିତ ଥିଲେ । ନିତିଦିନିଆ କାମ କରିବାରେ ବି ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଦିନେ ସେ ଖବରକାଗଜରେ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ ଓ ତାଙ୍କ ମିତ୍ର ବି ତାଙ୍କୁ ଡା.ଅର୍ଥୋର ଲାଭ ବିଷୟରେ ଜଣାଇଲେ। ଡା. ଅର୍ଥୋର ନିୟମିତ କୋର୍ସ ଦ୍ୱାରା ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ।

Rajasthan — କବିରା ରାମ, 57 ବର୍ଷ, ମୁଁ ଜଣେ ଟ୍ୟାକ୍ସି ଡ୍ରାଇଭର । ଅନେକ ସମୟ ଧରି ଗାଡ଼ି ଚାଳନା କାରଣରୁ ମୋ ଆଣ୍ଠୁରେ ଅତ୍ୟଧିକ ବ୍ୟଥା ରହୁଥିଲା । ଦିନେ ମୁଁ ଖବରକାଗଜରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ନିର୍ଦ୍ଦେଶ ଅନୁଯାୟୀ ମୁଁ ତାହାକୁ ବ୍ୟବହାର କରିବା ଆରମ୍ଭ କଲି ଓ ଆଜି 2 ବର୍ଷ ହୋଇଗଲାଣି । ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ । ଧନ୍ୟବାଦ ଡା. ଅର୍ଥୋ ।

Bihar — ଖଲିଲ ଅହମଦ, 48 ବର୍ଷ, କୁହନ୍ତି କି ସେ ଜଣେ ବ୍ୟବସାୟୀ ଓ ସେ ଅନେକ ସମୟ ଧରି ଉଭୟ ଆଣ୍ଠୁରେ ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ । ଦିନେ ସେ ଟି.ଭି.ରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ । ମାତ୍ର 2 ମାସର ନିୟମିତ ଉପଯୋଗ କାରଣରୁ ହିଁ ଆଣ୍ଠୁ ବ୍ୟଥା ସମସ୍ୟା ଅନେକ ମାତ୍ରାରେ କମିଗଲା । ସେ ଅନ୍ୟମାନଙ୍କୁ ଆୟୁର୍ବେଦିକ ଡା. ଅର୍ଥୋ ବ୍ୟବହାର କରିବାର ପରାମର୍ଶ ଦେଉଛନ୍ତି ।

Maharashtra — ମାଧବୀ ଦେବରୁଖକର, 59 ବର୍ଷ, ଆମକୁ ଜଣାଇଛନ୍ତି ଯେ, ସେ ନିଜର ଗଣ୍ଠିବ୍ୟଥା କାରଣରୁ ଅତି ବିବ୍ରତ ଥିଲେ । ଦିନଚର୍ଯ୍ୟା କାମରେ ଅନେକ ସମସ୍ୟା ରହୁଥିଲା । ଦିନେ ତାଙ୍କୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପସୁଲ୍ ବିଷୟରେ ସୂଚନା ମିଳିଲା । ନିର୍ଦ୍ଦେଶାନୁଯାୟୀ ନିୟମିତ ବ୍ୟବହାର ଦ୍ୱାରା ତାଙ୍କ ଗଣ୍ଠିବ୍ୟଥା ସମସ୍ୟା ବହୁମାତ୍ରାରେ କମିଗଲା । ଡା.ଅର୍ଥୋର ରେଜଲ୍ଟ ବହୁତ ବଢ଼ିଆ ଅଟେ ।

Uttar Pradesh — ମୁକେଶ କୁମାର, 44 ବର୍ଷ, କୁହନ୍ତି କି ବିଗତ କିଛି ବର୍ଷ ଧରି ତାଙ୍କ ଗଣ୍ଠିରେ ଅତ୍ୟଧିକ ବ୍ୟଥା ରହୁଥିଲା । ଅନେକ ଔଷଧ ଖାଇଲି କିନ୍ତୁ ଆରାମ ମିଳିଲା ନାହିଁ । ଦିନେ ତାଙ୍କର ଜଣେ ପରିଚିତ ବ୍ୟକ୍ତି ତାଙ୍କୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ । ମାତ୍ର 6 ମାସର ନିୟମିତ ବ୍ୟବହାର ଦ୍ୱାରା ତାଙ୍କୁ ଗଣ୍ଠିବ୍ୟଥାରୁ ବହୁମାତ୍ରାରେ ଆରାମ ମିଳିଛି । ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି ।

24x7 Helpline No.: 7876977777 • www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ — 'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ । ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ। ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ।




ହିରୋର ବିଶ୍ୱାସ — Hero 100 MILLION — NO.1 — Best Resale Value, Wheels of Trust — India's First 5 Year Warranty *Conditions apply — 7000+ SERVICE CENTRES

ଲୟାଲିଟି ଅଥବା ଏକ୍ସଚେଞ୍ଜ ବୋନସ୍ ₹3000*

LED ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପସ୍ | ବ୍ଲୁଟୁଥ୍ କନେକ୍ଟିଭିଟି | i3s ଟେକ୍‌ନୋଲୋଜି | ହିରୋ କନେକ୍ଟ

70116 70116 Explore the World of Hero — Call 8367796950 or Scan QR CODE

HeroMotoCorp.com TheHeroMotoCorp HeroMotoCorpLimited HeroMotoCorp HeroMotoCorpIndia

Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Largest two-wheeler selling company in the world for any particular country for the year 2020. *The offer is valid on select models in select cities only and is subject to change without any prior notice. ^Based on offers from empanelled dealers on Wheels of Trust platform. All features may not be part of all products. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 7799766329, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jagatsinghpur: Trishul Hero, Ph: 9289922675, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ